ବର୍ଷ-୪୯ : ସଂଖ୍ୟା-୯ ସେପ୍‌ଟେମ୍ବର, ୨୦୧୮ • ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍‌ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ସେପ୍‌ଟେମ୍ବର, ୨୦୧୮


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ୧୫ ଅଗଷ୍ଟ, ୨୦୧୮ରେ ଆଶ୍ରମରେ ବିତରିତ ବାଣୀ | ... | ଶ୍ରୀମା | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ପ୍ରକୃତ ମୁକ୍ତି | ... | ଶ୍ରୀମା | ... | ୬ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ | | | | |
| (ପରିଚ୍ଛେଦ : ୬୯) | | | | |
| ''ସମ୍ରାଟ ବନାମ ଅରବିନ୍ଦ ଘୋଷ ଏବଂ ଅନ୍ୟମାନେ'' | ... | ମନୋଜ ଦାସ | ... | ୭ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ | | | | |
| (ଦ୍ୱିତୀୟ ଅଧ୍ୟାୟ) | | | | |
| ଦିବ୍ୟଗୁରୁ | ... | ଶେଖ ଅବଦୁଲ କାଶମ | ... | ୧୫ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୬୭) | ... | ... | ... | ୨୧ |
| ନିର୍ଜନ ଦ୍ୱୀପର ତିନି ସନ୍ନ୍ୟାସୀ | ... | ... | ... | ୨୪ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୨୨) | ... | ମହେନ୍ଦ୍ର ନାଥ ସ୍ୱାଇଁ | ... | ୨୬ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୫୧) | ... | ସାହାନା ଦେବୀ | ... | ୨୯ |
| ଗୋଲାପି ନଗରୀରେ ସୁନେଲି କୃତଜ୍ଞତା (୩) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୩୦ |
| ତୁମେ ଥିବ ମୋର ସାଥୀରେ (କବିତା) | ... | ଶରତ କୁମାରୀ ସ୍ୱାଇଁ | ... | ୩୨ |
| ଗରଳ କଥା | ... | ରମାକାନ୍ତ ସାହୁ | ... | ୩୩ |
| ଶ୍ରୀକୃଷ୍ଣ କାହାଣୀ (୧୨) | | | | |
| କଂସ ପ୍ରେରିତ ମୃତ୍ୟୁ ଦୂତ | ... | ମନୋଜ ଦାସ | ... | ୩୭ |
| ବଂଶୀ (କବିତା) | ... | ଶତ୍ରୁଘ୍ନ ପାଣ୍ଡବ | ... | ୩୯ |
| ଏକ ସମ୍ଭାବନାପୂର୍ଣ୍ଣ ପରିସ୍ଥିତି | ... | ବିଶ୍ୱମ୍ଭର ସାମନ୍ତ | ... | ୪୦ |
| ହାରାଧନ (୬) | ... | ... | ... | ୪୨ |
| ଆମ ଶରୀର (୯) | ... | ଭୋଳେଶ୍ୱର ଭୂୟାଁ | ... | ୪୫ |
| ତୁମ ପ୍ରେମର ଡୋରି (କବିତା) | ... | ରଜନୀକାନ୍ତ ମିଶ୍ର | ... | ୪୭ |
| ତୋତ୍ତୋ-ଚାନ୍ (୩) | ... | ତେତ୍‌ସୁକୋ କୁରୋୟାନାଗି | ... | ୪୮ |
| ଜିଜ୍ଞାସୁର ପୃଷ୍ଠା | ... | ରାମକୃଷ୍ଣ ଦାସ | ... | ୫୨ |
| ଅଧ୍ୟାତ୍ମ ପଥର ଯାତ୍ରୀ ଏବଂ ''କାମ ହାସଲ'' ମାର୍ଗ | ... | ମନୋଜ ଦାସ | ... | ୫୪ |


❖

# ପ୍ରାର୍ଥନା

ତୁମେ ଆମ ଗହଣରେ କେମିତି ବିଦ୍ୟମାନ, ହେ ପ୍ରେମାସ୍ପଦା ଜନନି ! ସତେ ଯେପରି ତୁମେ ଆମକୁ ତୁମ ସମ୍ପୂର୍ଣ୍ଣ ସହାୟତାର ପ୍ରତିଶ୍ରୁତି ଦେବାକୁ ଚାହ, ସତେ ଯେପରି ତୁମେ ଆମକୁ ଦର୍ଶାଇବାକୁ ଚାହ ଯେ ଯେଉଁ ସଂକଳ୍ପ ଆମ ଭିତର ଦେଇ ପ୍ରତିଭାତ ହେବା କଥା, ତୁମର ବର୍ତ୍ତମାନ ସମ୍ଭାବନାସବୁ ସହ ସଂପୂର୍ଣ୍ଣ ସଂହତି ରଖି, ତାହା ଆମକୁ ତା'ର ବିଧାନ ଉପଲବ୍ଧି କରିବାର ମାଧ୍ୟମ ବୋଲି ଜାଣିଛି । ଯାହାସବୁ ମନେ ହେଉଥିଲା ଏକାନ୍ତ ଦୁରୂହ, ଏକାନ୍ତ ଅବିଶ୍ୱାସ୍ୟ, ସମ୍ଭବତଃ ଆହୁରି ବି ଅଧିକ ଏକାନ୍ତ ଅସମ୍ଭବ, ସେସବୁ ପୂର୍ଣ୍ଣଭାବେ ଉପଲବ୍ଧିକ୍ଷମ ହୋଇ ଉଠିଛି, ଯେହେତୁ ତୁମ ଉପସ୍ଥିତି ଆମ ପାଇଁ ପ୍ରତିଶ୍ରୁତି ଯେ ଏ ଜଡ଼ ପୃଥିବୀହିଁ ସେ ସଂକଳ୍ପର ନବ ରୂପ ଏବଂ ବିଧାନକୁ ପ୍ରତିଭାତ କରିବାକୁ ପ୍ରସ୍ତୁତ ।

ସର୍ବ ତ୍ରୁଟିହୀନ ସଂହତିର ପୁଲକମୟ ପ୍ରାଚୁର୍ଯ୍ୟଭରେ ମୁଁ ତୁମକୁ ଅଭିବାଦନ ଜଣାଉଛି – ତୁମକୁ, ତୁମ ନୀତି ନିୟମ ଏବଂ ତୁମ କାର୍ଯ୍ୟକୁ ।

ସେପ୍ଟେମ୍ବର ୨୪, ୧୯୧୪ — ଶ୍ରୀମା



# ୧୫ ଅଗଷ୍ଟ, ୨୦୧୮ରେ ଆଶ୍ରମରେ ବିତରିତ ବାଣୀ

This evening ... I would like us to meditate on the remembrance of Sri Aurobindo, on the way to keep it alive in us and on the gratitude we owe him for all that he has done and is still doing in his ever luminous, living and active consciousness for this great realisation which he came not only to announce to the Earth but also to realise, and which he continues to realise.

Tomorrow is the anniversary of his birth, an eternal birth in the history of the universe.

(CWM, Vol. 9, p. 172) The Mother

ଏହି ସନ୍ଧ୍ୟାରେ... ମୁଁ ଚାହେ ଆମେ ଶ୍ରୀଅରବିନ୍ଦଙ୍କ ସ୍ମୃତି ଉପରେ, ଆମ ଭିତରେ ତାହା ପ୍ରାଣବନ୍ତ କରି ରଖିବା ଧାରାରେ ଧ୍ୟାନ କରିବା ତଥା ସେ ଯେତେ ଯାହା କରିଛନ୍ତି ଏବଂ କରି ଚାଲିଛନ୍ତି ତାଙ୍କର ଚିରଭାସ୍ୱର ଜୀବନ୍ତ ଏବଂ ସକ୍ରିୟ ଚେତନାରେ ଯେଉଁ ମହାନ୍ ଉପଲବ୍ଧି **ଧରିତ୍ରୀ**କୁ ଖାଲି ଜ୍ଞାତ କରାଇବା ପାଇଁ ନୁହେଁ, ଉପଲବ୍ଧି କରାଇବା ପାଇଁ ସେ ଆସିଥିଲେ, ସେଥି ସକାଶେ ତାଙ୍କୁ ଦେୟ ଆମର କୃତଜ୍ଞତା ଉପରେ ଧ୍ୟାନ କରିବା ।

ଆଗାମୀ କାଲି ତାଙ୍କ ଜନ୍ମବାର୍ଷିକୀ, ମହାବିଶ୍ୱର ଇତିହାସରେ ଏକ ଶାଶ୍ୱତ ଜନ୍ମ ।

ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଅଷ୍ଟମ ସର୍ଗ, ମିଥ୍ୟାର ଜଗତ୍, ଅମଙ୍ଗଳର ଜନନୀ ଓ ଅନ୍ଧକାରର ଅପତ୍ୟଗଣ

**(The World of Falsehood, the Mother of Evil and the Sons of Darkness)**

(୭୬)

## ଶ୍ରୀଅରବିନ୍ଦ

A shadow substance into emptiness came,
Dim forms were born in the unthinking Void
And eddies met and made an adverse Space
In whose black folds Being imagined Hell.

ରିକ୍ତତା ଭିତରକୁ ଆସିଥିଲା ଏକ ଛାୟାମୟ ସତ୍ତା, ଚିନ୍ତାରହିତ ବିଶାଳ ଶୂନ୍ୟତା ମଧ୍ୟରେ ଜନ୍ମ ନେଇଥିଲେ ନିଷ୍ପ୍ରଭ ରୂପାବଳୀ ଏବଂ ଘୂର୍ଣ୍ଣିସମୂହ ସମ୍ମିଳିତ ଭାବରେ ଗଢ଼ି ତୋଳିଥିଲେ ଏକ ବିରୋଧୀ ମହାକାଶ, ଯାହାର ଘନକୃଷ୍ଣ ଅଞ୍ଚଳ ତଳେ ପରାସତ୍ତା ନରକର କଳ୍ପନା କରୁଥିଲେ ।

His eyes piercing the triple-plated gloom
Identified their sight with its blind stare:
Accustomed to the unnatural dark, they saw
Unreality made real and conscious Night.

ତାଙ୍କର ଚକ୍ଷୁଯୁଗଳ ତ୍ରିଧାପ୍ରସ୍ତାବୃତ ଅନ୍ଧକାରକୁ ଭେଦ କରି ତା'ର ଅନ୍ଧ ଅପଲକ ଦୃଷ୍ଟି ସହିତ ଏକାକାର ହୋଇଗଲା : ଅସ୍ୱାଭାବିକ ଅନ୍ଧକାରରେ ଅଭ୍ୟସ୍ତ ତାଙ୍କର ସେ ନୟନଯୁଗଳ ଦେଖିବାକୁ ପାଇଲା ଯେ, ଅବାସ୍ତବ ସେଠାରେ ବାସ୍ତବତାରେ ପରିଣତ ହୋଇଛି ଏବଂ ରାତ୍ରି ହୋଇଉଠିଛି ସଚେତନ ।

A violent, fierce and formidable world,
An ancient womb of huge calamitous dreams,
Coiled like a larva in the obscurity
That keeps it from the spear-points of Heaven's stars.

ଏକ ଉଗ୍ର, ରୁଦ୍ର ତଥା ଭୟାବହ ଜଗତ୍, ବିପୁଳ ପ୍ରଳୟଙ୍କର-ସ୍ୱପ୍ନ-ସଂକୁଳ ଏକ ପ୍ରାଚୀନ ଜଠରର ଭ୍ରୂଣକୀଟଟିଏ ସଦୃଶ କୁଣ୍ଡଳୀ ପକାଇ ଅନ୍ଧକାର ମଧ୍ୟରେ ଅବସ୍ଥାନ କରିଥିଲା, ଯଦ୍ଦ୍ୱାରା ସ୍ୱର୍ଗର ତାରକାମାନଙ୍କର ସୁତୀକ୍ଷ୍ଣ ବର୍ଚ୍ଛାମୁନ ତାହାକୁ ବିଦ୍ଧ କରି ନପାରେ ।

It was the gate of a false Infinite,
An eternity of disastrous absolutes,
An immense negation of spiritual things.

ଏଇଟି ଥିଲା ଏକ ମିଥ୍ୟାମୟ ଅନନ୍ତର ତୋରଣ, ଧ୍ୱଂସାତ୍ମକ ନିରଂକୁଶ ଶକ୍ତିସମୂହର ଚିରନ୍ତନତା, ସକଳ ଅଧ୍ୟାତ୍ମବସ୍ତୁର ବିଶାଳ ନାସ୍ତିତ୍ୱ ।

All once self-luminous in the spirit's sphere
Turned now into their own dark contraries:
Being collapsed into a pointless void
That yet was a zero parent of the worlds;
Inconscience swallowing up the cosmic Mind
Produced a universe from its lethal sleep;
Bliss into black coma fallen, insensible,
Coiled back to itself and God's eternal joy
Through a false poignant figure of grief and pain
Still dolorously nailed upon a cross
Fixed in the soil of a dumb insentient world
Where birth was a pang and death an agony,
Lest all too soon should change again to bliss.

ଚିନ୍ମୟ ଭୁବନରେ ଯାହାସବୁ ଦିନେ ଥିଲା ସ୍ୱୟଂ-ସମୁଜ୍ଜ୍ୱଳ, ଏବେ ସେସବୁ ଆପଣାର ତାମସ ବୈପରୀତ୍ୟରେ ପରିଣତ

*(ଅବଶିଷ୍ଟାଂଶ ୨୩ ପୃଷ୍ଠାରେ ଦେଖନ୍ତୁ)*

# ପ୍ରକୃତ ମୁକ୍ତି

## ଶ୍ରୀମା

### (୧)

ସର୍ବବିଧ ଆସକ୍ତିରୁ ମୁକ୍ତି କହିଲେ ଏପରି ବୁଝିବା ଉଚିତ ନୁହେଁ ଯେ ଆସକ୍ତିକୁ ଭୟ କରି ସବୁକିଛିଠାରୁ ପଳାୟନ କରିବା । ଏହିଭଳି ଲୋକେ ଯେଉଁମାନେ କୃଚ୍ଛ୍ର-ସାଧନା ଉପରେ ଜୋର୍ ଦିଅନ୍ତି, ସେମାନେ କେବଳ ନିଜେ ପଳାୟନ କରନ୍ତି ନାହିଁ, ବରଂ ଅନ୍ୟମାନଙ୍କୁ ମଧ୍ୟ ସଂସାର ଭିତରେ ରହି କିଛି ଚେଷ୍ଟା ନ କରିବାକୁ ଚେତାବନୀ ଶୁଣାଇ ଥା'ନ୍ତି !

ଏ କଥାଟି ମୋ ପାଖରେ ବେଶ୍ ସ୍ପଷ୍ଟ । ତୁମେ ଯେତେବେଳେ ଗୋଟିଏ ବିଷୟରେ ଅଭିଜ୍ଞତା ହାସଲ ନକରି ସେଥିରୁ ପଳାୟନ କରିବାକୁ ବସ, ତାହା ସୂଚାଇ ଦିଏ ଯେ ତୁମେ ସେ ବିଷୟଟିର ଉର୍ଦ୍ଧ୍ୱକୁ ଉଠିପାରି ନାହଁ — ଏବଂ ତୁମେ ସେ ବିଷୟଟିର ସମାନ ସ୍ତରରେ ରହିଛ ।

ଯାହାକିଛି ତୁମକୁ ଚାପିଦିଏ, ଛୋଟ କରିଦିଏ ଓ କମାଇ ଦିଏ, ତାହା ତୁମକୁ ମୁକ୍ତି ଦେଇ ପାରିବ ନାହିଁ । ତୁମର ସମଗ୍ର ଜୀବନରେ ଏବଂ ସମସ୍ତ ଇନ୍ଦ୍ରିୟବୋଧ ଭିତରେ ତୁମକୁ ମୁକ୍ତିର ଅଭିଜ୍ଞତା ପାଇବାକୁ ହେବ ।

... ସମ୍ଭାବ୍ୟ ସମସ୍ତ ପ୍ରମାଦମାନଙ୍କ ଉର୍ଦ୍ଧ୍ୱରେ ରହିବା ପାଇଁ ଆମେ ଭୁଲ୍ ହେବାର ସବୁପ୍ରକାର ପରିସ୍ଥିତିକୁ ଦୂରେଇ ଦେଉ । ଉଦାହରଣ ସ୍ୱରୂପ, ତୁମେ ଯଦି କୌଣସି ନିରର୍ଥକ ଶବ୍ଦ ଉଚ୍ଚାରଣ କରିବାକୁ ନଚାହ, ତେବେ ତୁମେ ମୂଳରୁ କଥା କହିବା ବନ୍ଦ କରି ଦେଇଥାଅ । ଯେଉଁମାନେ ନୀରବ ରହିବାକୁ ପ୍ରତିଜ୍ଞା କରିଥା'ନ୍ତି ସେମାନେ ଧାରଣା କରନ୍ତି ଯେ ଏହାହିଁ ବାକ୍‌ସଂଯମ — କିନ୍ତୁ ଏହା ସତ ନୁହେଁ ! ଏହା କେବଳ କଥା କହିବାର ପରିସ୍ଥିତିଟିଏ ସୃଷ୍ଟି ନକରିବା ବା ତା'ଠାରୁ ଦୂରେଇ ରହିବା । ତେଣୁ ତ ବଳେ ବଳେ ନିରର୍ଥକ ବାକ୍ୟ କହିବାର ସୁଯୋଗ ଆଉ ନଥିବ ! ଖାଦ୍ୟ ବିଷୟରେ ବି ସେଇ ଏକା କଥା : ଯେତିକି ଆବଶ୍ୟକ ସେତିକି ଖାଇବା ଉଚିତ ... କିନ୍ତୁ ସାଧାରଣତଃ ଲୋକଙ୍କର ପ୍ରବୃତ୍ତି ହେଲା ଉପବାସ କରିବା — ଏହା ଏକ ଭୁଲ୍ କଥା !

### (୨)

କୌଣସି କାର୍ଯ୍ୟ କଲେ କାଳେ କିଛି ପ୍ରମାଦ ଘଟିଯିବ, ସେଥିପାଇଁ ଆମେ ମୂଳରୁ କାର୍ଯ୍ୟ କରିବା ବନ୍ଦ କରିଦେଉ । କଥା କହିଲେ କାଳେ କିଛି ଭୁଲ୍ କଥା ପାଟିରୁ ବାହାରିଯିବ, ସେଥିପାଇଁ ମୂଳରୁ ଆମେ କଥା କହିବା ମଧ୍ୟ ବନ୍ଦ କରିଦେଉ । କାଳେ ଖାଉ ଖାଉ ଲୋଭରେ ବେଶୀ ଖାଇହୋଇ ଯିବ, ସେଥିପାଇଁ ଆମେ ଆଦୌ ଖାଉ ନାହିଁ — ଏହା କିନ୍ତୁ ମୁକ୍ତି ବା ସ୍ୱାଧୀନତା ନୁହେଁ, ଏହା କେବଳ ପରିପ୍ରକାଶକୁ ସର୍ବନିମ୍ନ ସ୍ତର ପର୍ଯ୍ୟନ୍ତ କମାଇ ଦେବା କଥା ହୁଏ ଏବଂ ଏହାର ଶେଷ ମୀମାଂସା ହେଲା ନିର୍ବାଣ । କିନ୍ତୁ ଈଶ୍ୱର ଯଦି କେବଳ ନିର୍ବାଣ ଚାହିଥା'ନ୍ତେ, ତା'ହେଲେ ନିର୍ବାଣ ବ୍ୟତୀତ ଆଉ କିଛି ହିଁ ନ ଥା'ନ୍ତା ! ଏକଥା ସ୍ପଷ୍ଟ ଯେ **ଈଶ୍ୱର** ପରସ୍ପର ବିରୋଧୀ ବିଷୟଗୁଡ଼ିକୁ ଏକତ୍ର ରହିବାର ପରିକଳ୍ପନା କରିଛନ୍ତି ଏବଂ **ତାଙ୍କ** ପାଇଁ ଏହା ଏକ ସାମଗ୍ରିକତାର ଆରମ୍ଭ । ...

ଜଣେ ଯଦି କିଛି ପ୍ରମାଦ ନ କରିବାକୁ ଆସ୍ପୃହା କରିବ, ତେବେ ସେ ଏହି ପ୍ରମାଦରୁ ଅବ୍ୟାହତି ପାଇବା ଲାଗି ସବୁପ୍ରକାର କାର୍ଯ୍ୟକ୍ରମ ବନ୍ଦ କରିଦେବ — ଏହା କେବେ ବି ପ୍ରତିକାର ହେବ ନାହିଁ ।

କିନ୍ତୁ ଅନ୍ୟ ବାଟଟି ମଧ୍ୟ ଖୁବ୍, ଖୁବ୍ ଅଧିକ କଷ୍ଟକର ।

ନା ! ଏହାର ସମାଧାନ ହେଉଛି — ତୁମେ କେବଳ ଦିବ୍ୟ-ପ୍ରଚୋଦନାରେ କାର୍ଯ୍ୟ କରିବ, କଥାବାର୍ତ୍ତା କରିବ, କେବଳ ଦିବ୍ୟ-ପ୍ରଚୋଦନାରେ ଭୋଜନ କରିବ । ଏହା ବଡ଼ କଷ୍ଟକର କଥା । କାରଣ, ସ୍ୱଭାବତଃ ତୁମେ ଯେତେବେଳେ କିଛି ପ୍ରେରଣା ବା ପ୍ରଚୋଦନା ତୁମ ଭିତରେ ଅନୁଭବ କର — ତାହା ତୁମର ବ୍ୟକ୍ତିଗତ ପ୍ରେରଣା କି ଦିବ୍ୟ-ପ୍ରେରଣା, ସେକଥା ତୁମେ ଠିକ୍ ଜାଣି ପାରି ନଥାଅ । (କାରଣ, ଏହି ଦୁଇଟିଯାକ ପ୍ରେରଣା ତୁମକୁ ଏକ ବୋଲି ମନେ ହୋଇପାରେ ।)

(The Great Adventure *A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୬୯)

## ''ସମ୍ରାଟ ବନାମ ଅରବିନ୍ଦ ଘୋଷ ଏବଂ ଅନ୍ୟମାନେ''

**ମନୋଜ ଦାସ**

''ଭାରତରେ ମୋ ନିଜ ଅଭିଜ୍ଞତାରୁ ମୁଁ କହିପାରେ ଏଠାରେ ଇଂରେଜମାନଙ୍କୁ ସଫଳ ହେବାକୁ ହେଲେ ସେମାନଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ହେବ ଏବଂ ଶୀଘ୍ର କର୍ମ ଶେଷ କରିବାକୁ ପଡ଼ିବ । ଦୀର୍ଘ ଅନୁସନ୍ଧାନ, ଆସାମୀମାନଙ୍କୁ ଜେରା ପ୍ରତିଜେରା ଏବଂ ଦୈନିକ ସେମାନଙ୍କୁ କାରାଗାରରୁ ବିଚାରାଳୟକୁ ନେବା ଆଣିବାର ଦୃଶ୍ୟ ଭାରତର ଉନ୍ମାଦ ଯୁବକମାନଙ୍କ ପାଇଁ ଏକ ବିରାଟ ଆକର୍ଷଣ । ବିଚାର ହେବା ଚାହି ତୁରନ୍ତ, ସଂକ୍ଷିପ୍ତ ଏବଂ ଗୋପନ ।''

– ଭାରତର ବଡ଼ଲାଟ ଲର୍ଡ଼ ମିଣ୍ଟୋଙ୍କ ପାଖକୁ ଭୂତପୂର୍ବ ପ୍ରଧାନ ସେନାପତି ଆର୍ଲ ରବର୍ଟଙ୍କର ୩୦ ଜୁନ୍ ୧୯୦୮ରେ ଲିଖିତପତ୍ର[୧]

ରକ୍ଷଣଶୀଳ ଇଂରେଜମାନଙ୍କର ମତିଗତିର ସୂଚନା ଦିଏ ଉପରୋକ୍ତ ପତ୍ର । ମିଣ୍ଟୋ ଏବଂ ତାଙ୍କ ଅଧସ୍ତନମାନେ ଏଭଳି ମାନସିକତା ଦ୍ୱାରା ଖୁବ୍ ପ୍ରଭାବିତ ହେଉଥା'ନ୍ତି । ଶ୍ରୀଅରବିନ୍ଦ ଏବଂ ମାଣିକତଳା ସଂଘର ବିପ୍ଳବୀମାନଙ୍କୁ କାରାଗାରରେ ପୂରାଇ ଦେଇ ସେମାନଙ୍କ ବିରୋଧରେ ଯଥାସମ୍ଭବ ସାକ୍ଷ୍ୟପ୍ରମାଣ ସଂଗ୍ରହରେ ଲାଗିପଡ଼ିଲା ଶାସନକଳ ।

କାରାଗାର ବାହାରେ ଜନସାଧାରଣ ବିପ୍ଳବୀମାନଙ୍କ ଅବସ୍ଥା ସମ୍ପର୍କରେ ବିଶେଷକରି ଶ୍ରୀଅରବିନ୍ଦଙ୍କ ପାଇଁ ତୀବ୍ର ଉଦ୍‌ବେଗ ପ୍ରକାଶ କରୁଥା'ନ୍ତି । କିନ୍ତୁ ଶ୍ରୀଅରବିନ୍ଦ ସ୍ୱୟଂ ରହିଥା'ନ୍ତି ଶାନ୍ତ, ସମାହିତ । ତାଙ୍କ ଆନ୍ତର୍ଜୀବନର ଅପୂର୍ବ ଅଭିଜ୍ଞତାରୁ ସାମାନ୍ୟ ଯେତିକି ଜଣା, ସେସବୁର ଉଲ୍ଲେଖ ପୂର୍ବରୁ ଦୃଶ୍ୟମାନ ପରିସ୍ଥିତି ଉପରେ କିଞ୍ଚିତ ଆଲୋକପାତ କରାଯାଉ ।

ଇଂଲଣ୍ଡରୁ ବରୋଦା ଆସିବା ସଙ୍ଗେ ସଙ୍ଗେ ଶ୍ରୀଅରବିନ୍ଦ ସଂସ୍କୃତ ଭାଷା ଆୟତ୍ତ କରିବାରେ ମନୋନିବେଶ କରିଥିଲେ । ବଙ୍ଗଳା ସମେତ ବେଶ୍ କେତୋଟି ଭାରତୀୟ ଭାଷା ମଧ୍ୟ ସେ ଅବଲୀଳାକ୍ରମେ ଶିଖିଗଲେ । ତାଙ୍କ ବଙ୍ଗଳା ଲିଖନ ଶୈଳୀରେ ରହିଛି ଏକ ଅଭିନବ ଆକର୍ଷଣ : ସାବଲୀଳ, ସ୍ୱଚ୍ଛ ଏବଂ ମଧୁର । କାରାମୁକ୍ତ ହେବାର ଅବ୍ୟବହିତ ପରେ ସେ ଏକ ପତ୍ରିକାର ଅନୁରୋଧକ୍ରମେ ବଙ୍ଗଳାରେ ଲେଖିଥିଲେ ଯେଉଁ ''କାରାକାହାଣୀ'', ତଥ୍ୟ ପରିବେଷଣର ଭଙ୍ଗୀ ଏବଂ ବ୍ୟଙ୍ଗ ଦୃଷ୍ଟିରୁ ତାହା ଅବିସ୍ମରଣୀୟ ।

ତାଙ୍କୁ ଏକାକୀ ରଖାଯାଇଥାଏ ନଅଫୁଟ ଦୈର୍ଘ୍ୟ ଏବଂ ପାଞ୍ଚଫୁଟ ପ୍ରସ୍ଥ ବିଶିଷ୍ଟ ଗୋଟିଏ କୁନି କକ୍ଷ (cell) ଭିତରେ । ଆଗରେ କେଇ ଫୁଟ ଦୀର୍ଘ ଚଟାଣ । କବାଟର ଗୋଟିଏ ରନ୍ଧ୍ର ଭିତର ଦେଇ ପ୍ରହରୀମାନେ ବନ୍ଦୀ ଉପରେ ନଜର ରଖୁଥା'ନ୍ତି । ରାତିରେ ବାରଂବାର ପ୍ରହରାରେ ପରିବର୍ତ୍ତନ ହେଲେ ପ୍ରତ୍ୟେକ ନବାଗତ ପ୍ରହରୀ ସେ ରନ୍ଧ୍ରଦେଇ ଡାକ ଦେବ ଏବଂ ବନ୍ଦୀ ତା'ର ଉତ୍ତର ଦେବା ଚାହି । ଅର୍ଥାତ୍ ଏକାଦିକ୍ରମେ ନିଦ୍ରାଯିବା ଅସମ୍ଭବ । ବର୍ତ୍ତମାନ ଶ୍ରୀଅରବିନ୍ଦଙ୍କ ନିଜ ବର୍ଣ୍ଣନାର କିୟଦଂଶ ଉପରେ ଦୃଷ୍ଟି ଦିଆଯାଉ :

''...ସାଜସରଞ୍ଜାମ ସମ୍ପର୍କରେ ମଧ୍ୟ ଆମ ସଦାଶୟ କର୍ତ୍ତୃପକ୍ଷ ଆତିଥ୍ୟ ସତ୍କାରରେ ତ୍ରୁଟି କରି ନଥିଲେ । ଖଣ୍ଡିଏ ଥାଳି ଓ ଗୋଟିଏ ଗିନା ଚଟାଣକୁ ସୁଶୋଭିତ କରୁଥିଲା । ଉତ୍ତମ ରୂପେ ମଜାମଜି କଲେ ମୋର ସର୍ବସ୍ୱ ଏହି ଥାଳି, ଗିନା ଯେପରି ରୂପା ଭଳି ଚକଚକ କରୁଥା'ନ୍ତି, ସେଥିରେ ହୃଦୟ ପରିପୂର୍ଣ୍ଣ ହୋଇଯାଉଥାଏ... ଥାଳି ମଧ୍ୟ ତାହା ବୁଝିପାରି ଏଡ଼େ ଉତ୍‌ଫୁଲ୍ଲ ହେଉଥାଏ ଯେ ଟିକିଏ ଜୋର୍ ଦେଇ ଦବାଇଲେ ତାହା ଆରବ ଦେଶର ଘୂର୍ଣ୍ଣାୟମାନ ଦରବେଶ୍ ଭଳି ମଣ୍ଡଳାକାରେ ନୃତ୍ୟ କରୁଥାଏ । ଆହାର କଲାବେଳେ ଗୋଟାଏ ହାତରେ ତାକୁ ଚାପି ରଖିବା ବ୍ୟତିରେକେ ଅନ୍ୟ ଉପାୟ ନଥିଲା ।... ଥାଳି ତୁଳନାରେ ଗିନା ଗୋଟିକ ଆମର ଅଧିକ ପ୍ରିୟ ଓ ଉପକାରୀ ପଦାର୍ଥ । ତାହା ଯେପରି ଜଡ଼ ପଦାର୍ଥସବୁ ଭିତରେ ବ୍ରିଟିଶ ସିଭିଲିଆନ୍ ! ଜଣେ ସିଭିଲିଆନ୍‌ର ଯେପରି ସବୁ କାମରେ

ନୈପୁଣ୍ୟ ଓ ଯୋଗ୍ୟତା ଥାଏ – ଜଜ, ଶାସନକର୍ତ୍ତା, ପୁଲିସ, ଶୁଳ୍କ ବିଭାଗର କର୍ତ୍ତା, ମ୍ୟୁନିସିପାଲିଟି ଅଧ୍ୟକ୍ଷ, ଶିକ୍ଷକ, ଧର୍ମୋପଦେଷ୍ଟା... ଆମ ଗିନାର ମଧ୍ୟ ତଦ୍ରୂପ ଅବସ୍ଥା । ଗିନାର ଜାତି ନାହିଁ; ବିଚାର ନାହିଁ, ସେହି ବାଟିରେ ଶୌଚ କ୍ରିୟା, ମୁହଁ ଧୋଇବା, ସ୍ନାନ ସମାପନ, ଆହାର ବେଳେ ସେହିଥିରେ ଡାଲି ବା ତରକାରି, ସେହି ଗିନା ଯୋଗେ ଜଳପାନ ଏବଂ ଆଚମନ । ଏଭଳି ସର୍ବକାର୍ଯ୍ୟକ୍ଷମ ମୂଲ୍ୟବାନ୍ ବସ୍ତୁ ଇଂରେଜ କାରାଗାରରେହିଁ ମିଳିବା ସମ୍ଭବ । ଗିନାଟି ମୋର ସମସ୍ତ ସାଂସାରିକ ଉପକାର କରିବା ପରେ ଯୋଗସାଧନାର ଉପାୟ ସ୍ୱରୂପ ମଧ୍ୟ ହେଲା । ଘୃଣା ପରିତ୍ୟାଗ ନିମନ୍ତେ ଏଭଳି ସହାୟ ଓ ଉପଦେଷ୍ଟା କେଉଁଠି ପାଆନ୍ତି ?...''(୨)

ତାଙ୍କୁ ସ୍ନାନ ଓ ଲୁଗାପଟା ଧୋଇବା ନିମନ୍ତେ ଗୋଟାଏ ବାଲତି ଯୋଗାଇ ଦିଆ ଯାଇଥିଲା ଏବଂ ପଡ଼ୋଶୀ ବନ୍ଦୀକୁ ସେଥିରେ ପାଣି ଭର୍ତ୍ତିକରିବା ନିମନ୍ତେ ଆଦେଶ ଦିଆଯାଇଥିଲା । ଗୋଟିଏ ଟିଣ ଡବାରେ ପିଇବା ପାଣି ଯୋଗାଇ ଦିଆ-ଯାଉଥାଏ । ମେ ମାସର ଗ୍ରୀଷ୍ମ ବାତାବରଣରେ ସେ ଟିଣ ଡବା ଅତ୍ୟନ୍ତ ଗରମ ହୋଇ ଯାଉଥିବା ସ୍ୱାଭାବିକ । ଶ୍ରୀଅରବିନ୍ଦ ଅଳ୍ପମାତ୍ରାରେ ପାଣି ପିଉଥା'ନ୍ତି । ସେଥିରେ ତୃଷ୍ଣା ତୀବ୍ରତର ହେଉଥାଏ । ବହୁଦିନ ପରେ ତାଙ୍କୁ ମାଟିପାତ୍ରଟିଏ ଯୋଗାଇ ଦିଆଗଲା । କକ୍ଷରେ ପବନର ପ୍ରବେଶ ଥିଲା ନିଷେଧ । କିନ୍ତୁ ବର୍ଷା ବା ଝଡ଼ ହେଲେ ଚଟାଣ ପୂରା ଓଦା ହୋଇ ସମସ୍ୟା ସୃଜୁଥାଏ । ଅନ୍ୟ ବେଳେ  ଆଗ୍ନେୟ ଚୁଲିଉପରେ ରହିବା ଭଳି ମନେ ହେଉଥାଏ । କାରାଗାରରେ ତିଆରି ଯୋଡ଼ିଏ କମ୍ବଳ ତାଙ୍କୁ ମିଳିଥାଏ, କିନ୍ତୁ ବାଲିଶ ଭଳି ବିଳାସ ସାମଗ୍ରୀ ଉପଭୋଗ କରିବାର ସୌଭାଗ୍ୟରୁ ସରକାର ତାଙ୍କୁ ବଞ୍ଚିତ ରଖିଥା'ନ୍ତି । ଆଉ ଏକ ଉଦ୍ଧୃତି :

''କାରାବାସର ପ୍ରଥମ ଦିନ ଶାନ୍ତିରେ କଟିଗଲା । ସବୁ ନୂଆ, ସେଥି ଯୋଗୁଁ ବେଶ୍ ସ୍ଫୂର୍ତ୍ତି ଲାଗିଲା । ଲାଲ୍‌ବଜାର ହାଜତ ସହ ତୁଳନା କରି ଏ ଅବସ୍ଥାରେ ପ୍ରୀତି ଲାଭ କଲି ଏବଂ ଭଗବାନଙ୍କ ଉପରେ ନିର୍ଭର ଥିବା ଦୃଷ୍ଟିରୁ ଏଠାରେ ନିର୍ଜନତା ବୋଧ ହେଲା ନାହିଁ । କାରାଗାର ଆହାରର ଅଦ୍ଭୁତ ଚେହେରା ଦେଖି ମଧ୍ୟ ଭାବରେ ବ୍ୟାଘାତ ହୋଇ ନାହିଁ । ମୋଟା ଭାତ, ସେଥିରେ ମଧ୍ୟ ଚୋପା, କଙ୍କର, ପୋକ, କେଶ, ମଇଳା ଇତ୍ୟାଦିର କେତେ ପ୍ରକାର ମସଲା । ସ୍ୱାଦହୀନ ଡାଲିରେ ପାଣି ଭାଗ ଅଧିକ । ତରକାରି ବୋଇଲେ ଘାସ ଓ ପତ୍ର ମିଶ୍ରିତ ଶାଗ । ମଣିଷର ଆହାର ଯେ ଏଡ଼େ ସ୍ୱାଦହୀନ, ନିଃସାର ହୋଇପାରେ, ତାହା ମୁଁ ପୂର୍ବରୁ ଜାଣି ନଥିଲି । ଶାଗର ବିମର୍ଷ, ଗାଢ଼ କୃଷ୍ଣମୂର୍ତ୍ତି ଦେଖି ଭୟ ହେଲା; ଦୁଇଥର ଖାଇ ତାହା ଉଦ୍ଦେଶ୍ୟରେ ଭକ୍ତିପୂର୍ଣ୍ଣ ନମସ୍କାର ଜଣାଇ ତାକୁ ବର୍ଜନ କଲି ।''(୩)

ଆହାର ସମ୍ପର୍କରେ ଆଉ କିଛି ଅଧିକ ବିବରଣୀ ପାଠ କରାଯାଉ :

''ପରଦିନ ସକାଳେ ଚାରିଟା ପନ୍ଦର ମିନିଟରେ ଜେଲର ଘଣ୍ଟା ବାଜିଲା । ବନ୍ଦୀମାନଙ୍କୁ ଉଠାଇ ଦେବା ନିମନ୍ତେ ଏହା ପ୍ରଥମ ଘଣ୍ଟା । କେଇ ମିନିଟ ପରେ ପୁଣି ଘଣ୍ଟା ବାଜେ । ବନ୍ଦୀମାନେ ଧାଡ଼ିଧରି ଯାଇ, ମୁହଁ ହାତ ଧୋଇ ଲଫ୍‌ସି ଖାଇ ଖଟିବା ଆରମ୍ଭ କରନ୍ତି ।... ଅଳ୍ପ ସମୟ ପରେ ଲଫ୍‌ସି ଆସି ମୋ ଦ୍ୱାରଦେଶରେ ହାଜର ହେଲା । କିନ୍ତୁ ସେଦିନ ତାହା ଖାଇ ନାହିଁ, ତା' ସହ କେବଳ ଚାକ୍ଷୁଷ ପରିଚୟ ହେଲା । କିଛି ଦିନ ପରେ ପ୍ରଥମଥର ଏହି ପରମାନ୍ନ ଭୋଗ ହେଲା । ଲଫ୍‌ସିର ଅର୍ଥ ଫେଣ ସହିତ ସିଦ୍ଧ ଭାତ । ଏହାହିଁ ବନ୍ଦୀର ପ୍ରାତାଃହାର । ଲଫ୍‌ସିର ତ୍ରିମୂର୍ତ୍ତି ବା ତିନିଟି ଅବସ୍ଥା ରହିଛି । ପ୍ରଥମ ଦିନ ପ୍ରାଜ୍ଞ ଭାବ, ଅବିମିଶ୍ର ମୂଳ ପଦାର୍ଥ, ଶୁଦ୍ଧ ଶିବ ଶୁଭ୍ର ମୂର୍ତ୍ତି । ଦ୍ୱିତୀୟ ଦିନ ଲଫ୍‌ସିର ହିରଣ୍ୟଗର୍ଭ, ଡାଲିଯୋଗେ ସିଦ୍ଧ, ଖିଚୁଡ଼ି ନାମରେ ଅଭିହିତ, ପୀତବର୍ଣ୍ଣ, ନାନା ଧର୍ମସଙ୍କୁଳ । ତୃତୀୟ ଦିନ ଲଫ୍‌ସିର ବିରାଟ ମୂର୍ତ୍ତି ଅଳ୍ପ ଗୁଡ଼-ମିଶ୍ରିତ, ଧୂସର ବର୍ଣ୍ଣ, କିୟତ୍ ପରିମାଣରେ ମଣିଷର ବ୍ୟବହାର ଯୋଗ୍ୟ । ପ୍ରାଜ୍ଞ ଓ ହିରଣ୍ୟ ଗର୍ଭ ସେବନ ସାଧାରଣ ମର୍ତ୍ତ୍ୟ ମନୁଷ୍ୟର ଅତୀତ ବୋଲି ମୁଁ ତ୍ୟାଗ କରିଥିଲି । ଥରେ ଥରେ ବିରାଟର ଦୁଇଗ୍ରାସ ଉଦରସ୍ଥ କରି ବ୍ରିଟିଶ ରାଜତ୍ୱର ନାନା ସଦ୍‌ଗୁଣ ଓ ପାଶ୍ଚାତ୍ୟ ସଭ୍ୟତାର ଉଚ୍ଚଦରର humanitarianism କଥା ଭାବୁଁ ଭାବୁଁ ଆନନ୍ଦରେ ମଗ୍ନ ହେଉଥାଏଁ । କହିଦେବା ଉଚିତ, ଲଫ୍‌ସିହିଁ ବଙ୍ଗୀୟ କଏଦୀର ଏକମାତ୍ର ପୁଷ୍ଟିକର ଆହାର । ବାକି ସବୁ ସାରଶୂନ୍ୟ । କିନ୍ତୁ କ'ଣ ହେବ ? ତା'ର ଯେପରି ସ୍ୱାଦ କେବଳ କ୍ଷୁଧାର ତାଡ଼ନାରେହିଁ ତାହା ଖିଆଯାଇପାରେ, ଜୋର୍ କରି ମନକୁ କେତେ ବୁଝାଇ ଖାଇବାକୁ ହୁଏ ।''(୪)

(ମୂଳ ବଙ୍ଗଳାରୁ ଅନୁବାଦ ହୋଇଥିବା ଯୋଗୁଁ ଶ୍ରୀଅରବିନ୍ଦଙ୍କ ବ୍ୟବହୃତ ଇଂରାଜୀ ଶବ୍ଦଟିକୁ ସେମିତି ରଖାଯାଇଛି ।)

ଇତିମଧ୍ୟରେ କେତେଜଣ ସରକାରୀ କର୍ମଚାରୀ ବନ୍ଦୀମାନଙ୍କୁ ନାନାମତେ ପ୍ରଭାବିତ କରିବାର ଚେଷ୍ଟା କରୁଥା'ନ୍ତି – ଅପରାଧ ସ୍ୱୀକାର ପୂର୍ବକ ସରକାରୀ ଅନୁକମ୍ପା ଲାଭ କରିବା ନିମନ୍ତେ । ଏପରିକି ସେମାନଙ୍କର ସେ ପ୍ରଚେଷ୍ଟାରୁ ଶ୍ରୀଅରବିନ୍ଦ ମଧ୍ୟ ବାଦ୍ ଯାଇ ନଥିଲେ ।

ନଳିନୀକାନ୍ତ ଗୁପ୍ତଙ୍କ ସ୍ମୃତିଚାରଣରୁ ଜଣାଯାଏ, ସେମାନେ ବାରଂବାର ତାଙ୍କ ଆଗରେ କହୁଥା'ନ୍ତି – ସେ କ'ଣ କମ୍ ମହତ୍ ଓ ସତ୍ୟବାଦୀ ? ସେ କ'ଣ କଦାପି ବ୍ରିଟିଶ-ବିରୋଧ୍ ଷଡ଼୍‌ଯନ୍ତ୍ର ସମ୍ପର୍କରେ କିଛି ତଥ୍ୟ ଲୁଚାଇବେ ? ତାଙ୍କର ନିଶ୍ଚୟ ଅଛି ସତ୍‌ସାହସ – ସେ ବୀର ଦର୍ପରେ ଘୋଷଣା କରିବେ – ହଁ, ମୁଁ ଷଡ଼୍‌ଯନ୍ତ୍ରର ଉଦ୍‌ଗାତା !

ଶ୍ରୀଅରବିନ୍ଦ ସେମାନଙ୍କ ମଧୁର ବାଣୀ ଶୁଣୁଥା'ନ୍ତି; ଚୁପ୍ ରହୁଥା'ନ୍ତି । ସେ ଅନ୍ୟମାନଙ୍କୁ ପରାମର୍ଶ ଦେଇଥିଲେ – ପୁଲିସ ଆଗରେ ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରିବା ନିମନ୍ତେ । ବାରୀନ୍ଦ୍ର କୁମାର ଏବଂ ଆଉ କେତେ ଜଣ ଯେ ସବୁ ସ୍ୱୀକାର କରିଗଲେ – ନଳିନୀକାନ୍ତଙ୍କ କହିବା ଅନୁସାରେ ତାହା ସେମାନେ କଲେ ନିଜ ନିଜ ଉପରକୁ ସମୁଦାୟ ଦୋଷ ନେଇ ଅନ୍ୟ ସଭିଙ୍କୁ ନିର୍ଦ୍ଦୋଷ ପ୍ରତିପାଦିତ କରିବା ନିମନ୍ତେ ।

ସମସାମୟିକ ସରକାରୀ ଓ ବେସରକାରୀ କାଗଜପତ୍ରରୁ ସାବ୍ୟସ୍ତ ହୁଏ କେତେ ଜଣ ଚତୁର ଉଚ୍ଚପଦସ୍ଥ କର୍ମଚାରୀ ବାରୀନ୍ଦ୍ର କୁମାରଙ୍କ ଆଗରେ ଏମିତି ଅଭିନୟ କରୁଥିଲେ, ସତେ ଯେପରି ସେମାନେ ତାଙ୍କ ସାହସ ଓ ଦେଶପ୍ରେମରେ ମୁଗ୍ଧ ! ନିଷ୍କପଟରେ ସେ ସମସ୍ତ ଅଭିଯୋଗ ସ୍ୱୀକାର କରୁଥା'ନ୍ତି – ଏହି ସର୍ତ୍ତରେ ଯେ ଅନ୍ୟମାନେ ପ୍ରକୃତରେ ନିର୍ଦ୍ଦୋଷ ବୋଲି ସରକାର ବିଶ୍ୱାସ କରିବେ ଏବଂ ସେମାନଙ୍କୁ ମୁକ୍ତି ଦେବେ ।

ତେବେ ଉପରୋକ୍ତ ଛଳନା ସର୍ବସ୍ୱ 'ଶୁଭେଚ୍ଛୁ'ଙ୍କ ସମ୍ପର୍କରେ ମୋହମୁକ୍ତ ହେବା ନିମନ୍ତେ ବାରୀନ୍ଦ୍ର କୁମାରଙ୍କୁ ଅଧିକ ସମୟ ଲାଗିଲା ନାହିଁ । ତେଣିକି ସେ ଏବଂ ତାଙ୍କର ଆଉ କେତେ ଜଣ ଦୁଃସାହସୀ ସହକର୍ମୀ ଅନ୍ୟ କୌଣସି ଭିନ୍ନ ପନ୍ଥାର ଆଶ୍ରୟ ନେବାକୁ ସ୍ଥିର କଲେ । ଏକାଧିକ ଯୋଜନା ଉପରେ ଆଲୋଚନା ଅନ୍ତେ ଯେଉଁ ଗୋଟିକ ଚୂଡ଼ାନ୍ତ ହେଲା, ତାହା କାରାଗାରରୁ ପଳାୟନ ! ଏ ସମ୍ପର୍କରେ ନଳିନୀକାନ୍ତଙ୍କ ସ୍ମୃତିଚାରଣ ଏହିପରି :

''ଜୀବନ ତ ଯେମିତି ହେଲେ ଦିନେ ଶେଷ ହେବ । କିନ୍ତୁ କିଛି କରି ଯଦି ଯାଏ, ତେବେହିଁ ଜୀବନ ହେବ ସାର୍ଥକ । ଯୋଜନା ପ୍ରସ୍ତୁତ ହେଲା । ମାନଚିତ୍ର, ନକ୍ସା ଇତ୍ୟାଦି କ୍ରମେ ସ୍ଥିର ହୋଇଗଲା । ବାହାରେ ଥିବା ସହକାରୀମାନଙ୍କ ସହ ଯୋଗାଯୋଗ ଆରମ୍ଭ ହେଲା । ଚନ୍ଦନନଗର ଗୋଷ୍ଠୀ, ଶ୍ରୀଶ ଘୋଷ ପ୍ରମୁଖ ସେମାନଙ୍କ ଭିତରେ ପ୍ରଧାନ । ଯୋଜନା ହେଲା, ଅପରାହ୍ଣରେ ଯେତେବେଳେ ଆମେ ସମସ୍ତେ ଖୋଲା ରହିଥାଉଁ, ସେତିକି ବେଳେ ଅତର୍କିତ ଆଘାତ (coup) ଦେବାକୁ ହେବ । ଆମ ହାତରେ ଥିବ ପିସ୍ତଲ । ଆମେ ଦୌଡ଼ିଯିବୁଁ କାରା ପ୍ରାଚୀର ପାଖକୁ । ସେପଟେ ସଶସ୍ତ୍ର ସାଥୀମାନେ ଅପେକ୍ଷା କରିଥିବେ । ସେମାନେ ଭିତରକୁ ଦଉଡ଼ି ଏବଂ ଆନୁସଙ୍ଗିକ ପଦାର୍ଥ ଫୋପାଡ଼ିବେ । ଆମେ ଗୁଳି ଚଳାଉଁ ଚଳାଉଁ କାନ୍ଥ ଉପରକୁ ଉଠି ସେପଟକୁ ଡେଇଁ ପଡ଼ିବୁ । ଗାଡ଼ି ପ୍ରସ୍ତୁତ ହୋଇ ରହିଥିବ । ରାସ୍ତା ନିର୍ଦ୍ଧାରିତ ଥାଏ । ପହଞ୍ଚିବୁ ନଈକୂଳରେ । ନୌକା ମଧ୍ୟ ପ୍ରସ୍ତୁତ ଥିବ । ପହଞ୍ଚିବୁ ସୁନ୍ଦରବନ ଜଙ୍ଗଲରେ । ବଙ୍କିମ ଚନ୍ଦ୍ରଙ୍କର 'ଦେବୀ ଚୌଧୁରାଣୀ' ଉପନ୍ୟାସ ଭଳି ।''(୪)

କିନ୍ତୁ ସବୁ ପରିକଳ୍ପନାରେ ଜଳାଞ୍ଜଳି ଦେବାକୁ ହେଲା, ଯେତେବେଳେ ଶ୍ରୀଅରବିନ୍ଦ ସବୁ ଶୁଣି ଖାଲି ସଂକ୍ଷିପ୍ତ ବାକ୍ୟଟିଏ ଉଚ୍ଚାରଣ କଲେ : ''ମୁଁ ବିଚାର ସାମନା କରିବାକୁ ମନସ୍ଥ କରିଛି । (I mean to stand trial.)

୧୯୦୮ ମେ ୧୮ ତାରିଖ ଦିନ ଆଲିପୁର ମାଜିଷ୍ଟ୍ରେଟ ବିର୍ଲେଙ୍କ ଇଜଲାସରେ ଆସାମୀମାନଙ୍କୁ ହାଜର କରାଗଲା । ସେ ସାହେବ ଜଣକ ଆସାମୀମାନଙ୍କୁ ଦଣ୍ଡିତ କରିବା ନିମନ୍ତେ ବଡ଼ ଆଗ୍ରହରେ ଅପେକ୍ଷା କରିଥା'ନ୍ତି । ସେମାନଙ୍କ ବିରୋଧରେ ପୁଲିସ ଉପସ୍ଥାପନ କରିଛି ପର୍ବତ ପ୍ରମାଣ ସାକ୍ଷ୍ୟ; ପୁଣି ବାରୀନ୍ଦ୍ର କୁମାର ଏବଂ ଅନ୍ୟ କେତେଜଣ ସ୍ୱୀକାରୋକ୍ତି ଦେଇ କର୍ତ୍ତୃପକ୍ଷଙ୍କୁ ଆପ୍ୟାୟିତ କରିଥା'ନ୍ତି । ବିର୍ଲେ ସାହେବଙ୍କ ଆଶା, ବିପ୍ଳବଧର୍ମୀ ଆନ୍ଦୋଳନକୁ ସେହି ପ୍ରାଥମିକ ପର୍ଯ୍ୟାୟରେ ନିଃଶେଷ କରିଦେଇ ସେ ଇତିହାସରେ ବ୍ରିଟିଶ ସାମ୍ରାଜ୍ୟର ଜଣେ ରକ୍ଷାକର୍ତ୍ତା ଭାବରେ ଚିହ୍ନିତ ହେବେ ।

ବିଚାରାଳୟ ସାମନାରେ ଭିଡ଼ । ଆସାମୀମାନେ ଗାଡ଼ିରୁ ଅବତରଣ କରିବା ମାତ୍ରେ ଲୋକେ ସେମାନଙ୍କ ଉଦ୍ଦେଶ୍ୟରେ ଅଭିନନ୍ଦନସୂଚକ ଧ୍ୱନି ଦେଇ ସେମାନଙ୍କ ପାଖକୁ ମାଡ଼ି ଆସୁଥିଲେ । କିନ୍ତୁ ଭାରି ପୁଲିସ ବାହିନୀ ସେମାନଙ୍କୁ ଅଟକାଇ ରଖିଲେ । ଲୋକଙ୍କ ଆଚରଣ ପୁଲିସ ଓ ବିଚାରକଙ୍କୁ ବିବ୍ରତ କଲା । ବିଚାରକ ସେମାନଙ୍କ ଉଦ୍ଦେଶ୍ୟରେ କିଛି କଟୁ ମନ୍ତବ୍ୟ ଦେବା ଅନ୍ତେ ବିଚାର ଆରମ୍ଭ ହେଲା । ଶ୍ରୀଅରବିନ୍ଦ ଲକ୍ଷ୍ୟ କଲେ ଯେ ତାଙ୍କ ଛଡ଼ା ଅନ୍ୟ କୌଣସି ଆସାମୀ ପାଦୁକା ପିନ୍ଧି ନାହାନ୍ତି । ତତ୍‌କ୍ଷଣାତ୍ ସେ ନିଜ ଚଟି ବାହାର କରିଦେଲେ ।

ବିଚାର୍ଯ୍ୟ ବ୍ୟାପାରର ଶିରୋନାମା ହେଲା, ''ସମ୍ରାଟ ବନାମ ଅରବିନ୍ଦ ଘୋଷ ଏବଂ ଅନ୍ୟମାନେ'' ।

ତତ୍କାଳୀନ ବିଶିଷ୍ଟ ଇଂରାଜୀ ଦୈନିକ 'ଦି ବେଙ୍ଗଲୀ'ରୁ ବିଚାରର ସେ ଆଦ୍ୟ ଦିବସର ବିବରଣୀ ଉପରେ ଦୃଷ୍ଟିପାତ କରାଯାଉ :

''ଶ୍ରୀଯୁକ୍ତ ଅରବିନ୍ଦ ଘୋଷ ଏବଂ ଅନ୍ୟମାନଙ୍କ ବିରୋଧରେ ମାମଲାର ଶୁଣାଣି ଗତକାଲି ଦିନ ଗୋଟାଏ ବେଳେ ଆଲିପୁରର ଭାରପ୍ରାପ୍ତ ଜିଲ୍ଲା ମାଜିଷ୍ଟ୍ରେଟ ମିଃ. ବିର୍ଲେଙ୍କ ଇଜଲାସରେ ଆରମ୍ଭ ହେଲା । ସମ୍ରାଟଙ୍କ ପ୍ରତିନିଧିତ୍ୱ କରୁଥିଲେ ମିଃ. ୟାର୍ଡ଼ଲେ ନର୍ଟନ୍ । ତାଙ୍କ ସହକାରୀ ଥିଲେ ମିଃ. ବାର୍ଟନ୍; ପରାମର୍ଶଦାତା ମିଃ. ଆପ୍‌ଟନ୍ । ଶ୍ରୀଯୁକ୍ତ ଅରବିନ୍ଦ ଘୋଷଙ୍କ ପକ୍ଷରୁ ଥିଲେ ବାବୁ ନୀଳକଣ୍ଠ ଚକ୍ରବର୍ତ୍ତୀ ।...

''ଶ୍ରୀଯୁକ୍ତ ଅରବିନ୍ଦ ଘୋଷଙ୍କ ସମେତ ୨୬ ଜଣ ଅଭିଯୁକ୍ତଙ୍କୁ ଆସାମୀଙ୍କ ପାଇଁ ଉଦ୍ଦିଷ୍ଟ ଗାଡ଼ିରେ ଅଣାଗଲା । ସଶସ୍ତ୍ର ୟୁରୋପୀୟ ସର୍ଜେଣ୍ଟ, ପୁଲିସ ଅଫିସର ଏବଂ ପୁଲିସ ବାହିନୀ ସେମାନଙ୍କୁ ଘେରିଥା'ନ୍ତି । ଅଭିଯୁକ୍ତମାନେ ସଭିଏଁ ପରିଚ୍ଛନ୍ନ ଲୁଗାପଟା ପିନ୍ଧିଥା'ନ୍ତି । ସେମାନଙ୍କ ଅନ୍ତର୍ଭୁକ୍ତ ଉଲ୍ଲାସକର ଦତ୍ତ ପିନ୍ଧିଥା'ନ୍ତି ହଳଦିଆ ଧୋତି; ଖଣ୍ଡିଏ ଚଦର ପକାଇଥା'ନ୍ତି । ଆଉ ଜଣେ ପିନ୍ଧିଥିଲେ ଟସର ଧୋତି । ଶ୍ରୀଯୁକ୍ତ ଅରବିନ୍ଦ ଘୋଷ ଏବଂ ତାଙ୍କ ଭାଇ ଧୋତି ଓ ଟୁଇଲ୍ ଜାମା ପିନ୍ଧିଥିଲେ । ଜଣେ ତରୁଣଙ୍କ ଦେହରେ ଖାଲି ଧୋତି ଥିଲା । ତାହାର ଏକ ପ୍ରାନ୍ତ ସେ ଘୋଡ଼ିହୋଇଥିଲେ । ସବୁ ଆସାମୀ ଅତ୍ୟନ୍ତ ଉଲ୍ଲସିତ ମିଜାଜରେ ଥିଲେ । ଉଲ୍ଲାସକର ସର୍ବଦା ହସୁଥିଲେ; ଖାଲି ନିଜେ ହସି ସେ ସନ୍ତୁଷ୍ଟ ରହୁ ନଥିଲେ, ସେ ଅନ୍ୟମାନଙ୍କୁ ମଧ୍ୟ ହସାଉ ଥିଲେ । ବନ୍ଦୀମାନେ ସର୍ବଦା ପରସ୍ପର କଥାବାର୍ତ୍ତା ହେଉଥା'ନ୍ତି ।...

''ଦୁଇ ଧାଡ଼ିରେ ବନ୍ଦୀମାନଙ୍କୁ ଠିଆ କରାଯାଇଥାଏ । ପ୍ରଥମ ଧାଡ଼ି ଆଗରେ ଥିଲେ ବାରୀନ୍ଦ୍ର ଘୋଷ । ତାଙ୍କ ଅଗ୍ରଜ ଶ୍ରୀଯୁକ୍ତ ଅରବିନ୍ଦ ଘୋଷ ଥିଲେ ଦ୍ୱିତୀୟ ଧାଡ଼ି ସମ୍ମୁଖରେ । ଜଣେ ସାମ୍ବାଦିକ ଲକ୍ଷ୍ୟ କଲେ, ଯଦିଓ ଅନ୍ୟମାନେ ନିଜ ନିଜ ଭିତରେ ଆଳାପ କରୁଥା'ନ୍ତି, ଉଭୟେ ପାଖାପାଖି ଠିଆ ହୋଇଥିବା ସତ୍ତ୍ୱେ ଶ୍ରୀଯୁକ୍ତ ଅରବିନ୍ଦ ଏବଂ ବାରୀନ୍ଦ୍ରଙ୍କ ଭିତରେ କଥାବାର୍ତ୍ତା ହେଉ ନଥାଏ । ହଁ, ଏ ଅବସ୍ଥା ଦିନକର କାର୍ଯ୍ୟକ୍ରମ ଶେଷ ହେବା ଯାଏ ଥିଲା । ଶେଷ ଆଡ଼କୁ ଶ୍ରୀଯୁକ୍ତ ଅରବିନ୍ଦ ତନ୍ଦ୍ରାବିଷ୍ଟ ହେବାର ଦେଖି ବାରୀନ୍ଦ୍ର ତାଙ୍କୁ ଜଗାଇ ଦେଲେ ଏବଂ ଦୁହିଙ୍କ ଭିତରେ ସାମାନ୍ୟ କଥାବାର୍ତ୍ତା ହେଲା – ଦୁହେଁ ଥିଲେ ହସ ହସ ।

''କାର୍ଯ୍ୟକ୍ରମ ଚାଲିଲା ପାଞ୍ଚଟା ପର୍ଯ୍ୟନ୍ତ । ଅଭିଯୁକ୍ତମାନେ ଠିଆହୋଇ ରହି କ୍ଲାନ୍ତି ଅନୁଭବ କଲେ ଏବଂ କେହି କେହି ତଳେ ବସି ପଡ଼ିଲେ । ଜଣେ ଓକିଲ ବିଚାରକଙ୍କୁ ପ୍ରାର୍ଥନା କଲେ କି ବନ୍ଦୀମାନଙ୍କୁ କିଛି ଫଳ ଖାଇବାକୁ ଦେବା ନିମନ୍ତେ ସେମାନଙ୍କ ବନ୍ଧୁଗଣ ଓ ଓକିଲମାନଙ୍କୁ ଅନୁମତି ଦିଆଯାଉ । ମିଃ. ବିର୍ଲେ ଅନୁମତି ଦେଲେ ନାହିଁ । ତାଙ୍କ ଯୁକ୍ତି ହେଲା, ସେସବୁ ଫଳ ପରୀକ୍ଷା କରି ଦେଖିବାକୁ କେହି ନାହିଁ । ଓକିଲ ଦବି ନଯାଇ କହିଲେ ପୁଲିସର ନଜର ଭିତରେ ବନ୍ଦୀମାନଙ୍କୁ ଫଳ ଦିଆଯିବ । ମିଃ. ବିର୍ଲେ କହିଲେ କି ସେସବୁ ଫଳ ନିରାପଦ ବୋଲି କିଏ ପ୍ରମାଣ କରିପାରିବ ? ଓକିଲ ତଥାପି ନିଜ ଜିଦିରେ ଅଟଳ ରହି ପ୍ରସ୍ତାବ ଦେଲେ ଯେ ଖୋଦ୍ ପୁଲିସ ତାଙ୍କଠାରୁ ମୂଲ୍ୟ ନେଇ ସେ ଫଳ କିଣି ଆଣୁ । କିନ୍ତୁ ମାଜିଷ୍ଟ୍ରେଟ ତାଙ୍କ ନାସ୍ତିରେ ଅଟଳ ରହିଲେ । ଓକିଲ ଓ ବିଚାରକଙ୍କ ଭିତରେ ଏ ଆଦାନ-ପ୍ରଦାନରେ ବନ୍ଦୀମାନେ ବିରକ୍ତ ହେବାର ଲକ୍ଷ୍ୟ କରାଗଲା – ବିଶେଷ କରି ଓକିଲ ଜଣକ ମାଜିଷ୍ଟ୍ରେଟଙ୍କ ଦୟା ଭିକ୍ଷା କଲା ଭଳି ରୀତିରେ ତାଙ୍କ ପ୍ରସ୍ତାବ ଦେଉଥିବା ଯୋଗୁଁ ।

''କେତେଜଣ ବନ୍ଦୀ ପାଣି ପିଇବାକୁ ଚାହିଁବାରୁ ମାଜିଷ୍ଟ୍ରେଟ ସେଥିପାଇଁ ଅନୁମତି ଦେଲେ ଏବଂ ସେମାନେ ଆକଣ୍ଠ ପାନ କଲେ ନିର୍ମଳ ପାଣି !...''(୬)

(କ୍ରମଶଃ) ❑

[ପରବର୍ତ୍ତୀ ଚାରିଟି ପୃଷ୍ଠାରେ ଆଲିପୁର କାରାଗାରରେ ଶ୍ରୀଅରବିନ୍ଦ ଓ ତତ୍କାଳୀନ ବିପ୍ଳବୀମାନଙ୍କର ଆଲୋକ ଚିତ୍ର ।]

## ତଥ୍ୟ ନିର୍ଦ୍ଦେଶିକା

୧. ଏମ. ଏନ୍. ଦାସ : India Under Morley and Minto; (MTP Correspondence; Earl Roberts to Lord Minto); George Allen & Unwin, London.

୨. ଶ୍ରୀଅରବିନ୍ଦ : କାରାକାହାଣୀ (ବଙ୍ଗଳା); ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ ।

୩. ତତ୍ରୈବ; ୪. ତତ୍ରୈବ

୫. ନଳିନୀ କାନ୍ତ ଗୁପ୍ତ : (Collected Works, Vol. 7) Sri Aurobindo International Centre of Education, Pondicherry.

୬. ମନୋଜ ଦାସ : Sri Aurobindo in the First Decade of the 20th Century; ଶ୍ରୀଅରବିନ୍ଦ ଆଶ୍ରମ ପ୍ରକାଶନ ।

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ( ଦ୍ୱିତୀୟ ଅଧ୍ୟାୟ)

## ଦିବ୍ୟଗୁରୁ

**ଶେଖ ଅବଦୁଲ କାଶମ**

ଗୀତା କୌଣସି ଆଧ୍ୟାତ୍ମିକ ପୁରୁଷ, ଅବତାର ବା ପୈଗମ୍ବରଙ୍କ ଜୀବନଗାଥା ବା ଉପଦେଶର ସାରକଥା ନୁହେଁ। ଅଥବା ଏହା ବେଦ, ଉପନିଷଦ୍ ଭଳି ଆଧ୍ୟାତ୍ମିକ ଅନୁସନ୍ଧାନ ସମ୍ବଳିତ ଶାସ୍ତ୍ର ନୁହେଁ। ଗୀତା ଏକ ସ୍ୱତନ୍ତ୍ର ଶ୍ରେଣୀର ଶାସ୍ତ୍ର ଯାହା ଏକ ବିଶେଷ ପରିସ୍ଥିତି ଓ ଏକ ଅସାଧାରଣ ମୁହୂର୍ତ୍ତରେ ପ୍ରକଟିତ ହୋଇଛି। ଐତିହାସିକ ମହାକାବ୍ୟ ମହାଭାରତର ଏକ ଉପାଖ୍ୟାନ ରୂପେ ଏଥିରେ ଏକ ମହାଯୁଦ୍ଧର ପ୍ରସଙ୍ଗ ବର୍ଣ୍ଣିତ ହୋଇଛି ଯେଉଁଥିରେ ବିଭିନ୍ନ ଜାତିର ଅଂଶଗ୍ରହଣ ବିଷୟ ଅନ୍ତର୍ଭୁକ୍ତ ହୋଇଛି। ହଜାର ହଜାର ଲୋକଙ୍କର ଭାଗ୍ୟ ସେହି ଯୁଦ୍ଧ ସହ ଜଡ଼ିତ। ଗୀତା ଗ୍ରନ୍ଥରେ ଯେଉଁ ଉପଦେଶ ସନ୍ନିବେଶିତ ହୋଇଛି ତାହା ଏକ ଧାର୍ମିକ ବା ଆଧ୍ୟାତ୍ମିକ ଉପଦେଶ ନୁହେଁ ବରଂ ତାହା ସମ୍ପୂର୍ଣ୍ଣ ବ୍ୟାବହାରିକ ଓ ଦୈନନ୍ଦିନ ଜୀବନ ସମ୍ବନ୍ଧିତ। ଏକ ଅସାଧାରଣ ପରିସ୍ଥିତିରେ ବା ସଂକଟମୟ ମୁହୂର୍ତ୍ତରେ ଯାହା କରିବା ଏକାନ୍ତ ଆବଶ୍ୟକ ସେପରି ଏକ ଜରୁରୀକାଳୀନ କର୍ମର ପ୍ରୟୋଜନୀୟତା ଓ ଅପରିହାର୍ଯ୍ୟତାକୁ ଆଧାର କରି ଏହା ପ୍ରକାଶିତ ହୋଇଛି। ଗୀତାର ପୃଷ୍ଠଭୂମିରେ ମହାଭାରତର ଯେଉଁ ଘଟଣାବଳୀ ରହିଛି ତାହାକୁ ପ୍ରେକ୍ଷାପଟରେ ରଖିହିଁ ଗୀତାବାଣୀର ମହତ୍ତ୍ୱ ଯଥାର୍ଥ ରୂପେ ଅଧ୍ୟୟନ କରାଯାଇ ପାରିବ।

କୁରୁକ୍ଷେତ୍ରର ରଣଭୂମିରେ କୌରବ ଓ ପାଣ୍ଡବ ପକ୍ଷର ଯୋଦ୍ଧାମାନେ ତୁମୁଳ ଶଙ୍ଖଘୋଷ ମଧ୍ୟରେ ପରସ୍ପର ବିରୋଧରେ ଯୁଦ୍ଧ କରିବା ପାଇଁ ଉଦ୍‌ଗ୍ରୀବ ହୋଇ ପ୍ରସ୍ତୁତ ରହିଛନ୍ତି। ସମ୍ମୁଖରେ ନିଜର କୁଳଜନ ଓ ଗୁରୁଜନମାନଙ୍କୁ ଦେଖି ଜଣେ ମୁଖ୍ୟ ନାୟକ ଅର୍ଜୁନଙ୍କ ଭିତରେ ତୀବ୍ର ବିଷାଦଭାବ ଉଦ୍ରେକ ହୋଇଛି କାରଣ ଆପଣାର ଲୋକମାନଙ୍କୁ ହତ୍ୟା କରି ରାଜ୍ୟଭୋଗ ଓ ଯଶଃପ୍ରାପ୍ତି କରିବାକୁ ସେ ଚାହିଁ ନାହାନ୍ତି। ଏହା ତାଙ୍କ ପାଇଁ ଥିଲା ଏକ ନୈତିକ ସଂକଟ ବା ଧର୍ମ ସଂକଟର ମୁହୂର୍ତ୍ତ। ସେହି ଅସ୍ୱାଭାବିକ ପରିସ୍ଥିତିରେ ଦ୍ୱନ୍ଦ୍ୱ ଓ ସଂଶୟ ଯୋଗୁଁ ସେ ନିଜର କର୍ତ୍ତବ୍ୟ ନିରୂପଣରେ ଅସମର୍ଥ ହୋଇ ନିଜକୁ ଦୁର୍ବଳ ଓ ଅସହାୟ ମନେ କରିଛନ୍ତି। ଶୋକାକୁଳ ଅବସ୍ଥାରେ ('ଶୋକସଂବିଗ୍ନମାନସଃ') ସେ ଶର ସହିତ ଧନୁ ତ୍ୟାଗ କରି ଯୁଦ୍ଧଭୂମିରେ ରଥର ମଧ୍ୟଭାଗରେ ବସି ପଡ଼ିଛନ୍ତି। ସେଇ ବିଷାଦଗ୍ରସ୍ତ ଅର୍ଜୁନଙ୍କୁ ମୋହମୁକ୍ତ ଓ ଦ୍ୱନ୍ଦ୍ୱମୁକ୍ତ କରିବା ଉଦ୍ଦେଶ୍ୟରେ ତଥା ତାଙ୍କର ସ୍ୱଭାବ, ସ୍ୱଧର୍ମ ଓ ତାତ୍କାଳିକ କର୍ତ୍ତବ୍ୟ ସମ୍ବନ୍ଧରେ ତାଙ୍କୁ ସଚେତ କରିଦେବା ପାଇଁ ଯିଏ ମହାନ୍ ଗୀତାବାଣୀ ଉଚ୍ଚାରଣ କରିଛନ୍ତି ସିଏ ହେଉଛନ୍ତି ମହାଭାରତର ମହାନିର୍ଦ୍ଦେଶକ ଅବତାର ପୁରୁଷ ଶ୍ରୀକୃଷ୍ଣ – ଅର୍ଜୁନଙ୍କ ପ୍ରିୟସଖା ତଥା ଦିବ୍ୟଗୁରୁ।

ଅର୍ଜୁନ ଯେଉଁ ଅଭାବନୀୟ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ତା'ର ସମାଧାନ ପ୍ରଚଳିତ ସାମାଜିକ ବିଧାନ ବା ଆଚରଣର ନୈତିକ ମାନଦଣ୍ଡ ଅନୁସାରେ ସମ୍ଭବ ନଥିଲା। ତାହାର ସମାଧାନ ପାଇଁ ଆବଶ୍ୟକ ଥିଲା ଏକ ବୃହତ୍ତର ଅନ୍ତର୍ଦୃଷ୍ଟି, ଏକ ଉଚ୍ଚତର ଆଲୋକ। ଏପରି ବିଶେଷ ପରିସ୍ଥିତିର ଏକ ଚିରନ୍ତନ ପ୍ରାସଙ୍ଗିକତା ରହିଛି କାରଣ ପ୍ରତ୍ୟେକ ବ୍ୟକ୍ତିର ଜୀବନରେ କୌଣସି ନା କୌଣସି ଭାବରେ ଏପରି ଏକ ସଂକଟମୟ, ଦ୍ୱନ୍ଦ୍ୱମୟ ପରିସ୍ଥିତି ଉପୁଜି ପାରେ ଯେତେବେଳେ ଯଥାର୍ଥ ନିଷ୍ପତ୍ତି ନେବା ନିମନ୍ତେ ମନ ଓ ବୁଦ୍ଧି ସମର୍ଥ ହୋଇପାରନ୍ତି ନାହିଁ ଏବଂ ଆହରଣ କରିଥିବା ମୂଲ୍ୟବୋଧଗୁଡ଼ିକ ଅକାମୀ ହୋଇପଡ଼ନ୍ତି। ଫଳରେ ବିଷାଦ ଓ ଗ୍ଲାନିରେ ଜର୍ଜରିତ ହେବାକୁ ପଡ଼ିପାରେ। ପ୍ରତ୍ୟେକ ମନୁଷ୍ୟର କାର୍ଯ୍ୟକ୍ଷେତ୍ରକୁ ଆମେ ଏକ କୁରୁକ୍ଷେତ୍ର ବୋଲି କହିପାରିବା ଯେଉଁଠି ମନୁଷ୍ୟକୁ ପ୍ରତିକୂଳ ଶକ୍ତିଗୁଡ଼ିକ ବିରୋଧରେ ଯୁଦ୍ଧ କରିବାକୁ ପଡ଼େ। ସେଇଟା ପୁଣି ଏକ ଧର୍ମକ୍ଷେତ୍ର ଯେଉଁଠି ନାନା ଧର୍ମ ଓ ମୂଲ୍ୟବୋଧଗୁଡ଼ିକ ସଂଘର୍ଷରତ ହୁଅନ୍ତି। ପରିଶେଷରେ ଏକ ଉଚ୍ଚତର ଧର୍ମ ବା ଉଚ୍ଚତର ଚେତନାହିଁ ଯଥାର୍ଥ ସମାଧାନ ଓ ବିଜୟ ଆଣିଦିଏ।

ଶ୍ରୀଅରବିନ୍ଦଙ୍କ ମତରେ ଗୀତାରେ ଆଧ୍ୟାତ୍ମିକ ଦୃଷ୍ଟିରୁ ତିନୋଟି ମହତ୍ତ୍ୱପୂର୍ଣ୍ଣ ବିଷୟ ରହିଛି। ଏଗୁଡ଼ିକ ସାଧାରଣ ଜୀବନ ଓ ଆଧ୍ୟାତ୍ମିକ ଜୀବନ ମଧ୍ୟରେ ଥିବା ସମ୍ବନ୍ଧ ଓ ସମସ୍ୟାଗୁଡ଼ିକୁ

ପ୍ରତୀକାତ୍ମକ ଭାବରେ ପ୍ରକାଶ କରିଥାଏ । ପ୍ରଥମଟି ହେଲା ଗୁରୁଙ୍କ ଦିବ୍ୟ ବ୍ୟକ୍ତିତ୍ୱ, ଦ୍ୱିତୀୟଟି ହେଲା ଶିଷ୍ୟଙ୍କ ସହିତ ଦିବ୍ୟଗୁରୁଙ୍କ ବିଶେଷ ସମ୍ପର୍କ ଓ ତୃତୀୟ ମହତ୍ତ୍ୱପୂର୍ଣ୍ଣ ବିଷୟଟି ହେଲା ଯେଉଁ ପ୍ରସଙ୍ଗ ଓ ଅବସରରେ ଦିବ୍ୟ-ସନ୍ଦେଶ ପ୍ରଦତ୍ତ ହେଲା । ଗୁରୁ ହେଉଛନ୍ତି ସ୍ୱୟଂ ଭଗବାନ୍ ଯିଏ ଶ୍ରୀକୃଷ୍ଣ ରୂପରେ ମାନବ ଆଧାରରେ ଅବତୀର୍ଣ୍ଣ ହୋଇଛନ୍ତି । ଆଉ ଶିଷ୍ୟ ହେଉଛନ୍ତି ଅର୍ଜୁନ ଯିଏ ସେଇ ଯୁଗର ମାନବସମାଜର ପ୍ରତିନିଧି, ସେ ହେଉଛନ୍ତି ଅବତାରଙ୍କର ସବୁଠୁ ଅନ୍ତରଙ୍ଗ ସଖା ଏବଂ ନିର୍ବାଚିତ ଯନ୍ତ୍ର । ପ୍ରସଙ୍ଗଟି ହେଲା, ଅର୍ଜୁନ ମାନବସମାଜର ଶ୍ରେଷ୍ଠ ପ୍ରତିନିଧି ରୂପେ କର୍ମ ଓ ସଂଗ୍ରାମର ଏକ ସଂକଟମୟ ମୁହୂର୍ତ୍ତରେ ଉପନୀତ, ସଂଗ୍ରାମର ନୈତିକ ଦିଗକୁ ନେଇ ସେ ଦ୍ୱନ୍ଦ୍ୱଗ୍ରସ୍ତ ଓ ବିଷାଦ-ଜର୍ଜରିତ । ନାନା ପ୍ରଶ୍ନ ତାଙ୍କ ମନକୁ ଆନ୍ଦୋଳିତ କରୁଛି ଯଥା : ଭଗବାନଙ୍କର ଏ ପୃଥିବୀ ସହିତ ସମ୍ବନ୍ଧ କ'ଣ, ପାର୍ଥିବ ଜୀବନ କେଉଁ ଲକ୍ଷ୍ୟ ନେଇ ଆଗକୁ ଗତି କରି ଚାଲିଛି, ମଣିଷ ଜୀବନ ଓ କର୍ମର ପ୍ରକୃତ ତାତ୍ପର୍ଯ୍ୟ କ'ଣ, ଉପସ୍ଥିତ ପରିସ୍ଥିତିରେ ତାଙ୍କର କର୍ତ୍ତବ୍ୟ କ'ଣ ଇତ୍ୟାଦି । କଳ୍ପନା-ନେତ୍ରରେ ଏକ ମହାବିନାଶର ଚିତ୍ର ଦେଖି ତାଙ୍କ ପ୍ରାଣ ବିକଳ ହୋଇଛି, ସେ ହତବୁଦ୍ଧି ହୋଇ ପଡ଼ିଛନ୍ତି ।

ପ୍ରାଚୀନ କାଳରୁ ଭାରତୀୟମାନେ ବିଶ୍ୱାସ କରି ଆସିଛନ୍ତି ଯେ ଭଗବାନ୍ ମାନବସମାଜର କଲ୍ୟାଣ ସକାଶେ ମାନବ-ଶରୀର ନେଇ ଅବତାର ରୂପେ ଜନ୍ମଗ୍ରହଣ କରନ୍ତି । ଏହା ଭଗବାନଙ୍କର ଏକ ବିଶେଷ ଅଭିବ୍ୟକ୍ତି । ବିବର୍ତ୍ତନ ଧାରାରେ ପାର୍ଥିବ ଚେତନାକୁ ଉଚ୍ଚତର ସୋପାନକୁ ନେଇଯିବା ପାଇଁ ଏହି ଅବତାରବାଦ ଉଦ୍ଦିଷ୍ଟ । ଭଗବାନ୍ ଯଦିଓ ଅନନ୍ତ ଓ ଅସୀମ ତଥାପି ବିବର୍ତ୍ତନର ସଂକଟମୟ ସନ୍ଧିକ୍ଷଣରେ ସ୍ୱେଚ୍ଛାରେ ସେ ନିଜକୁ ସୀମିତ କରି ମାନବସମାଜ ମଧ୍ୟରେ ଅବତୀର୍ଣ୍ଣ ହୁଅନ୍ତି । ମାନବ-ରୂପ ଧାରଣ କରିଥିଲେ ମଧ୍ୟ ସେ ନିଜର ଶାଶ୍ୱତ-ପୂର୍ଣ୍ଣଜ୍ଞାନ ଓ ମୂଳ ଭାଗବତ ସ୍ୱରୂପ ବିଷୟରେ ସଚେତନ ଥା'ନ୍ତି । ଏହି ମତଟି ବେଦବେଦାନ୍ତର ସିଦ୍ଧାନ୍ତରୁହିଁ ଉଦ୍ଭବ ହୋଇଛି । ବେଦାନ୍ତ ଘୋଷଣା କରିଥିଲା ଯେ ସମଗ୍ର ଜଗତ୍ ହେଉଛି ଭଗବାନଙ୍କରହିଁ ଏକ ଅଭିବ୍ୟକ୍ତି । କାରଣ ଭଗବାନହିଁ ଏକମାତ୍ର ଅସ୍ତିତ୍ୱ ଏବଂ ତାଙ୍କୁ ଛାଡ଼ି ଅନ୍ୟ କିଛିର ଅସ୍ତିତ୍ୱ ନାହିଁ । ଏହି ଦୃଷ୍ଟିରୁ ପ୍ରତ୍ୟେକ ବ୍ୟକ୍ତିଙ୍କ ଭିତରେ ଭଗବାନଙ୍କ ଉପସ୍ଥିତି ରହିଛି, ତାହାକୁ ଆମେ ଆତ୍ମା ବୋଲି କହୁ । ଏହି ଆତ୍ମାକୁ ଭଗବାନଙ୍କ ଶାଶ୍ୱତ ଅବତାର ବୋଲି କୁହାଯାଇପାରେ । ଶ୍ରୀକୃଷ୍ଣ ଗୀତାରେ ଏହି ଶାଶ୍ୱତ ଅବତାର ବିଷୟରେ ଅଧିକ ଗୁରୁତ୍ୱ ଦେଇଛନ୍ତି –

''ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟୋ'' (ଗୀତା-୧୫/୧୫)
(ମୁଁ ହିଁ ସକଳ ପ୍ରାଣୀଙ୍କ ହୃଦୟରେ ବିରାଜମାନ)
''ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି''
(ଗୀତା - ୧୮/୬୧)
(ହେ ଅର୍ଜୁନ ! ଈଶ୍ୱର ସମସ୍ତ ପ୍ରାଣୀଙ୍କ ହୃଦୟରେ ରହିଛନ୍ତି)

ସାଧାରଣତଃ ଭଗବାନ୍ ବିଭିନ୍ନ ଶକ୍ତି, ସାମର୍ଥ୍ୟ, ଐଶ୍ୱର୍ଯ୍ୟ ଓ ବିଶେଷ ଗୁଣ ନେଇ ବିଭୂତି ରୂପେ ନିଜକୁ ପ୍ରକାଶିତ କରିଥା'ନ୍ତି । ଗୀତାର ''ବିଭୂତିଯୋଗ''ରେ ଏ ବିଷୟରେ ଅନେକ ଉଦାହରଣ ଦିଆଯାଇଛି । କିନ୍ତୁ ପୃଥିବୀର ଅସାଧାରଣ ମୁହୂର୍ତ୍ତରେ, ବିବର୍ତ୍ତନଗତ ସଂକଟକାଳରେ ଭଗବାନ୍ ତାଙ୍କ ପୂର୍ଣ୍ଣଚେତନା ଓ ପୂର୍ଣ୍ଣଶକ୍ତି ନେଇ ମାନବ ଶରୀରରେ ଅବତୀର୍ଣ୍ଣ ହୁଅନ୍ତି । ସେତେବେଳେ ସେ ଅବତାର ରୂପେ ମାନବସମାଜ ଦ୍ୱାରା ପୂଜିତ ହୋଇଥା'ନ୍ତି ।

ବୈଷ୍ଣବ ମତରେ ନର ଓ ନାରାୟଣଙ୍କ ମଧ୍ୟରେ ଶାଶ୍ୱତ ସମ୍ପର୍କ ରହିଛି । ନର ମଧ୍ୟରେ ନାରାୟଣ ଅଧିଷ୍ଠିତ ରହିଥା'ନ୍ତି (God in Man) ଏବଂ ନର ମଧ୍ୟ ନାରାୟଣଙ୍କ ଭିତରେ ନିବାସ କରିଥା'ନ୍ତି (Man in God) । ନର ବା ମାନବାତ୍ମା ହେଉଛନ୍ତି ଭଗବାନଙ୍କ ଶାଶ୍ୱତ ସଖା; କାରଣ ମନୁଷ୍ୟ ଭିତରେ ଭଗବାନ୍ ଶାଶ୍ୱତ ଆତ୍ମା ରୂପେ ବିରାଜମାନ କରିଥା'ନ୍ତି । ପ୍ରାଚୀନ ଶାସ୍ତ୍ରରେ ବର୍ଣ୍ଣିତ ଅଛି ଯେ ନର ଓ ନାରାୟଣ ନାମରେ ଦୁଇଜଣ ଋଷି ଜ୍ଞାନଲାଭ ସକାଶେ ଏକତ୍ର ତପସ୍ୟା କରିଥିଲେ । ଏହା ମାନବ-ଆତ୍ମା ଓ ଭଗବତ୍-ଆତ୍ମାର ସଖ୍ୟର ଏକ ରୂପକ । ନର ଯେତେବେଳେ ନାରାୟଣଙ୍କ ନିତ୍ୟ ପ୍ରଭାବରେ ରହନ୍ତି ବା ନାରାୟଣଙ୍କ ମଧ୍ୟରେହିଁ ବାସ କରନ୍ତି ସେତେବେଳେ ସେ ନାରାୟଣଙ୍କ ସହ ଏକାତ୍ମ ହୋଇଯା'ନ୍ତି । ସୁତରାଂ ମାନବସମାଜ ମଧ୍ୟରେ ବିଦ୍ୟମାନ ଥିବା ଭାଗବତ ଆତ୍ମା ହେଉଛନ୍ତି ସ୍ୱୟଂ ନାରାୟଣ ।

ଗୀତାରେ ଶ୍ରୀକୃଷ୍ଣ ଏ ଦୁଇ ପ୍ରକାର ଅବତାର ତତ୍ତ୍ୱକୁ ପ୍ରତିନିଧିତ୍ୱ କରୁଛନ୍ତି । ପ୍ରଥମତଃ ସେ ପ୍ରତ୍ୟେକ ମାନବ ମଧ୍ୟରେ ଶାଶ୍ୱତ ଆତ୍ମା ବା ଶାଶ୍ୱତ ଅବତାର (Eternal Avatar) ରୂପେ ରହିଛନ୍ତି ଏବଂ ଦ୍ୱିତୀୟତଃ ଏକ ନିର୍ଦ୍ଦିଷ୍ଟ ଯୁଗରେ ଚେତନାର ବିବର୍ତ୍ତନକୁ ଗୋଟିଏ ସୋପାନ ଉର୍ଦ୍ଧ୍ୱକୁ ନେଇଯିବା ପାଇଁ ସେ ମାନବ ଶରୀରରେ ଅବତାର ଗ୍ରହଣ କରନ୍ତି (Periodical Avatar) ।

ଶ୍ରୀକୃଷ୍ଣ ଜଣେ ଐତିହାସିକ ଚରିତ୍ର କି ନୁହନ୍ତି ତାହା ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ । ଯଦି ଆମେ ନିଜ ଭିତରେ ଶ୍ରୀକୃଷ୍ଣଙ୍କ

ଅସ୍ତିତ୍ୱ (Inner Divine)କୁ ଅନୁଭବ କରି ପାରିଲେ, ତାଙ୍କ ସହିତ ସମ୍ପର୍କିତ ହୋଇ ପାରିଲେ ତାହାହିଁ ଗୁରୁତ୍ୱପୂର୍ଣ୍ଣ । ଅବଶ୍ୟ ଏହା ବହୁଭାବରେ ପ୍ରମାଣିତ ହୋଇଛି ଯେ ଶ୍ରୀକୃଷ୍ଣ ଜଣେ ଐତିହାସିକ ଚରିତ୍ର ଥିଲେ । ଶ୍ରୀକୃଷ୍ଣଙ୍କୁ ଜଣେ ଐତିହାସିକ ଚରିତ୍ର ରୂପେ ଶ୍ରୀଅରବିନ୍ଦ ସ୍ୱୀକାର କରିଛନ୍ତି । ଛାନ୍ଦୋଗ୍ୟ ଉପନିଷଦରେ ବର୍ଣ୍ଣନା ଅଛି କିପରି ଘୋର ଋଷି ଦେବକୀପୁତ୍ର କୃଷ୍ଣଙ୍କୁ ବିଦ୍ୟା ଶିକ୍ଷା ଦେଇଥିଲେ । କୃଷ୍ଣ ସେତେବେଳେ ଜଣେ ବ୍ରହ୍ମବେତ୍ତା ବା ବ୍ରହ୍ମଜ୍ଞାନୀ ରୂପେ ପରିଚିତ ଥିଲେ । ଏହି ଉପନିଷଦରେ ବିଚିତ୍ରବୀର୍ଯ୍ୟଙ୍କ ପୁତ୍ର ଧୃତରାଷ୍ଟ୍ରଙ୍କ ବିଷୟରେ ମଧ୍ୟ ଉଲ୍ଲେଖ ରହିଛି, ଯାହା ପ୍ରମାଣ କରେ ଯେ ଗୀତାବର୍ଣ୍ଣିତ ଭଗବାନ୍ ଶ୍ରୀକୃଷ୍ଣ ଏବଂ ମହାଭାରତର ଚରିତ୍ର ଶ୍ରୀକୃଷ୍ଣ ଏକହିଁ ବ୍ୟକ୍ତିତ୍ୱ । ମହାଭାରତରେ ଶ୍ରୀକୃଷ୍ଣଙ୍କୁ ଉଭୟ ଐତିହାସିକ ଚରିତ୍ର ଓ ଅବତାର ରୂପେ ଗ୍ରହଣ କରାଯାଇଛି । ଯିଶୁଖ୍ରୀଷ୍ଟଙ୍କ ଜନ୍ମର ପୂର୍ବ ଶତାବ୍ଦୀମାନଙ୍କରେ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କୁ ଭାରତବର୍ଷରେ ପୂଜା କରାଯିବାର ପରମ୍ପରା ରହିଥିଲା । ପୁରାଣମାନଙ୍କରେ ଶ୍ରୀକୃଷ୍ଣଙ୍କ ବୃନ୍ଦାବନ ଲୀଳା ଆଧ୍ୟାତ୍ମିକ ପ୍ରତୀକ ରୂପେ ଚମତ୍କାର ଭାବେ ବର୍ଣ୍ଣିତ ହୋଇଛି ଯାହା ହଜାର ହଜାର ବର୍ଷ ଧରି ଭାରତର ଜନମାନସକୁ ଭକ୍ତିଭାବାପ୍ଲୁତ କରି ଆସିଛି । ହରିବଂଶରେ ମଧ୍ୟ ଶ୍ରୀକୃଷ୍ଣଙ୍କ ଜୀବନ ସମ୍ପର୍କରେ ଅନେକ ଅଦ୍ଭୁତ ଓ ଜୀବନ୍ତ ଉପାଖ୍ୟାନ ରହିଛି ଯାହା ପରବର୍ତ୍ତୀ କାଳରେ ପୁରାଣକାରମାନଙ୍କୁ ଗଭୀର ପ୍ରେରଣା ଯୋଗାଇଥିଲା । ଏସବୁ ସତ୍ତ୍ୱେ ଆମେ ଆମର ଅନ୍ତରନିବାସୀ ଶ୍ରୀକୃଷ୍ଣଙ୍କ ଉପରେହିଁ ଅଧିକ ଧ୍ୟାନ କେନ୍ଦ୍ରିତ କରିବା ଉଚିତ, ଐତିହାସିକ ଚରିତ୍ର ଉପରେ ନୁହେଁ । ଶ୍ରୀଅରବିନ୍ଦଙ୍କ ଭାଷାରେ –

''... the Krishna who matters to us is the eternal incarnation of the Divine and not the historical teacher and leader of men.''

(*Essays on the Gita,* p. 15)

ଭଗବାନଙ୍କ ଶାଶ୍ୱତ ଅବତାର କହିଲେ କ'ଣ ବୁଝାଏ ? ଶ୍ରୀଅରବିନ୍ଦ ସ୍ପଷ୍ଟ କରିଛନ୍ତି –

"The inner Divinity is the eternal Avatar in man;" (Ibid, P. 15)

''ଅନ୍ତରସ୍ଥ ଭଗବାନ୍ ହେଉଛନ୍ତି ମନୁଷ୍ୟ ଭିତରେ ଶାଶ୍ୱତ ଅବତାର;''

ମାନବ ଶରୀରରେ ଯେଉଁ ଅବତାର ଜନ୍ମ ନିଅନ୍ତି ସେ ହେଉଛନ୍ତି ଏହି ଅନ୍ତରସ୍ଥ ଶାଶ୍ୱତ ଅବତାରଙ୍କ ଏକ ସଙ୍କେତ, ବାହ୍ୟ ଜଗତରେ ତାଙ୍କର ଏକ ଅଭିବ୍ୟକ୍ତି ।

କୃଷ୍ଣ ଓ ଅର୍ଜୁନଙ୍କ ମଧ୍ୟରେ ଯେଉଁ ସମ୍ପର୍କ ତାହା ଗୋଟିଏ ଜନ୍ମ ପାଇଁ ସୀମିତ ନଥିଲା । ତାହା ଥିଲା ଜନ୍ମ ଜନ୍ମର ସମ୍ପର୍କ, ଶାଶ୍ୱତ ସମ୍ପର୍କ ।

ଗୀତାରେ ଶ୍ରୀକୃଷ୍ଣ କହୁଛନ୍ତି –

''ବହୂନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ ।
ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ ।''

(୪/୫)

ଅର୍ଥାତ୍, ''ହେ ପରନ୍ତପ ଅର୍ଜୁନ ! ତୁମର ଓ ମୋର ଅନେକ ଜନ୍ମ ବିତିଗଲାଣି । ସେସବୁକୁ ମୁଁ ଜାଣେ । (କିନ୍ତୁ) ତୁମେ ଜାଣ ନାହିଁ ।''

ପ୍ରକୃତରେ ମନୁଷ୍ୟ ଓ ଭଗବାନଙ୍କ ମଧ୍ୟରେ ଏକ ଅବିଚ୍ଛେଦ୍ୟ ସମ୍ପର୍କ ରହିଛି । ମନୁଷ୍ୟ ତୀବ୍ର ଅଭୀପ୍ସା ଦ୍ୱାରା ଭଗବାନଙ୍କୁ ଉପଲବ୍ଧି କରିଥାଏ ଏବଂ ଭଗବାନ୍ ମଧ୍ୟ କୃପା କରି ମନୁଷ୍ୟ ମଧ୍ୟରେ ନିଜକୁ ଅଭିବ୍ୟକ୍ତ କରିଥା'ନ୍ତି । ବେଦରେ ଋଷି କୁତ୍ସ, ଅଙ୍ଗିରାସ ଓ ଦିବ୍ୟମନର ଦେବତା ଇନ୍ଦ୍ରଙ୍କ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ ବିଷୟ ବର୍ଣ୍ଣିତ ହୋଇଛି । ଋଷି ଅଙ୍ଗିରାସ ଇନ୍ଦ୍ରଙ୍କୁ ପ୍ରାର୍ଥନା କରିଛନ୍ତି ଜ୍ଞାନ ଓ ଶକ୍ତି ପ୍ରାପ୍ତ ହେବା ପାଇଁ । ଇନ୍ଦ୍ର ମଧ୍ୟ କୃପା କରି ଋଷିଙ୍କର ପ୍ରାର୍ଥନା ପୂର୍ଣ୍ଣ କରିଛନ୍ତି । ଉଭୟେ ଗୋଟିଏ ରଥରେ ଚଢ଼ି ସ୍ୱର୍ଗ ରାଜ୍ୟକୁ ଯାତ୍ରା କରିଛନ୍ତି । ଉପନିଷଦରେ ମଧ୍ୟ ଦୁଇଟି ପକ୍ଷୀ ଗୋଟିଏ ବୃକ୍ଷରେ ତଳ ଉପର ହୋଇ ଦୁଇଟି ଶାଖାରେ ବସିଥିବାର ବର୍ଣ୍ଣନା ରହିଛି ଯାହା ଆତ୍ମା ଓ ପରମାତ୍ମାର ଗୂଢ଼ ସମ୍ପର୍କକୁ ପ୍ରତୀକାତ୍ମକ ଭାବରେ ପ୍ରକାଶ କରୁଛି । ଇନ୍ଦ୍ର ଓ କୁତ୍ସଙ୍କ ମଧ୍ୟରେ ତଥା ଦୁଇଟି ପକ୍ଷୀଙ୍କ ମଧ୍ୟରେ ଥିବା ନିବିଡ଼ ସମ୍ପର୍କ କ୍ଷେତ୍ରରେ ଆମେ ଦେଖୁ ଯେ ଏଠାରେ ଜ୍ଞାନ ଉପରେ ମୁଖ୍ୟ ଗୁରୁତ୍ୱ ଦିଆଯାଇଛି । କୁତ୍ସ ଥିଲେ ଜ୍ଞାନର ଅଭୀପ୍ସୁ । ଉପର ଶାଖାର ପକ୍ଷୀଟି ପରାଜ୍ଞାନ ଉପରେ ପ୍ରତିଷ୍ଠିତ । କିନ୍ତୁ ଗୀତାର ଅର୍ଜୁନ ହେଉଛନ୍ତି ମୂଳତଃ ଜଣେ କର୍ମୀ (man of action) । କେଉଁ କର୍ମଟି ଯଥାର୍ଥ ତାହା ଜାଣିବା ପାଇଁ ସେ ଉତ୍ସୁକ, କାରଣ ତଦ୍ଦ୍ୱାରା ସେ ଯଥାର୍ଥ କର୍ମଟିକୁ ନିଷ୍ଠାର ସହ ସମ୍ପାଦନ କରି ପାରିବେ । ସେ ହେଉଛନ୍ତି ଜଣେ କର୍ମଖୋର ବ୍ୟକ୍ତି (a dynamic man of action) ଯାହାଙ୍କ ଭିତରେ ଅଫୁରନ୍ତ କର୍ମ ପ୍ରବୃତ୍ତି ଭରି ରହିଛି ।

ଯୁଦ୍ଧ ରୂପକ 'ଘୋର କର୍ମ' କରିବା ପାଇଁ ଅର୍ଜୁନ

ରଥାରୂଢ଼ ହୋଇଛନ୍ତି । ସେଇ ରଥରେ ତାଙ୍କର ପ୍ରିୟତମ ସଖା ଶ୍ରୀକୃଷ୍ଣ ହେଉଛନ୍ତି ସାରଥି । ଉଭୟଙ୍କ ମଧ୍ୟରେ ଯେଉଁ ସମ୍ପର୍କ ତାହା ଅପୂର୍ବ ଓ ଅଦ୍ୱିତୀୟ । କୃଷ୍ଣଙ୍କ ସହ ଜନ୍ମ ଜନ୍ମର ସମ୍ପର୍କ ଥିବାରୁ ଅର୍ଜୁନ କୃଷ୍ଣଙ୍କଠାରୁ ଦିବ୍ୟ-ବାଣୀ ଶୁଣିବା ପାଇଁ ଯୋଗ୍ୟତମ ବ୍ୟକ୍ତି । ସେ ପୁଣି ଥିଲେ ଅନେକ ଶ୍ରେଷ୍ଠ ଗୁଣର ଅଧିକାରୀ । ବୀରତ୍ୱ, ସାହସ, ଉଦାରତା, ସରଳତା, ଦୟା, କ୍ଷମା, ମାନବିକତା, ଧୈର୍ଯ୍ୟ, ସହନଶୀଳତା ଓ ପରୋପକାରିତା ଆଦି ସଦ୍‌ଗୁଣ ତାଙ୍କ ବ୍ୟକ୍ତିତ୍ୱକୁ ସୁଦୃଢ଼ କରିଥିଲା । ଅନ୍ୟ ପକ୍ଷରେ କୃଷ୍ଣ ଥିଲେ ଆଧ୍ୟାତ୍ମିକ ଜ୍ଞାନ ଓ ଶକ୍ତିରେ ପରିପୂର୍ଣ୍ଣ ଏକ ପରମ ଆକର୍ଷଣୀୟ ବ୍ୟକ୍ତିତ୍ୱ । ନିଜର ଭାଗବତ ସ୍ୱରୂପ ଓ ଶକ୍ତି ବିଷୟରେ ସେ ଥିଲେ ପୂର୍ଣ୍ଣ ସଚେତନ । ସେ ହିଁ ଏକମାତ୍ର ବ୍ୟକ୍ତି ଯିଏ କି ଅର୍ଜୁନଙ୍କୁ ସେହି ଧର୍ମ ସଂକଟ କାଳରେ ଯଥାର୍ଥ କର୍ମ ଓ ଯଥାର୍ଥ ଧର୍ମ ବିଷୟରେ ଦିଗ୍‌ଦର୍ଶନ ଦେଇ ପାରିବେ ଏବଂ ତାଙ୍କୁ ସକଳ ଦ୍ୱନ୍ଦ୍ୱ ଓ ବିଷାଦରୁ ମୁକ୍ତ କରି ପାରିବେ ।

ପରମାତ୍ମା ଶାଶ୍ୱତ ଏବଂ ଜନ୍ମ ରହିତ ହୋଇ ମଧ୍ୟ ନିଜର ମାୟାଶକ୍ତି (ଯୋଗମାୟା) ବଳରେ ଅନନ୍ତ ଚେତନାକୁ ଏକ ମାନବ ରୂପ ଭିତରେ ପ୍ରସୀମିତ କରି ଜନ୍ମଗତ ସକଳ ସୀମା ଓ ବନ୍ଧନଗୁଡ଼ିକୁ ସ୍ୱୀକାର କରି ନିଅନ୍ତି । ଏହା ପୃଥିବୀ ପ୍ରତି ତାଙ୍କର ଅନୁପମ କୃପା ।

ଏ ସମ୍ବନ୍ଧରେ ଗୀତାର ନିମ୍ନ ଶ୍ଳୋକଗୁଡ଼ିକ ଉଦ୍ଧୃତ କରାଯାଇପାରେ –

''ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍ ।
ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା ॥''
(୪/୬)

ଅର୍ଥାତ୍, ''ମୋର ଜନ୍ମ ନାହିଁ, ମୃତ୍ୟୁ ନାହିଁ, ମୁଁ ସର୍ବଭୂତର ଈଶ୍ୱର । ତଥାପି ନିଜର ମାୟାକୁ ଆଶ୍ରୟ କରି ପ୍ରକଟ ହୁଏ ।''

''ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥''
(୪/୭)

''ହେ ଭରତବଂଶଜ ଅର୍ଜୁନ ! ଯେଉଁ ସମୟରେ ଧର୍ମର ହାନି ଓ ଅଧର୍ମର ବୃଦ୍ଧି ହୁଏ, ସେତେବେଳେହିଁ ମୁଁ ନିଜକୁ (ସାକାର ରୂପରେ) ପ୍ରକଟ କରେ ।''

''ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।
ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ॥''
(୪/୮)

''ସାଧୁମାନଙ୍କୁ ରକ୍ଷା କରିବା ନିମିତ୍ତ, ପାପାଚାରୀମାନଙ୍କୁ ବିନାଶ କରିବା ନିମିତ୍ତ ଏବଂ ଉତ୍ତମ ରୂପେ ଧର୍ମ ସ୍ଥାପନା କରିବା ନିମିତ୍ତ ମୁଁ ଯୁଗେ ଯୁଗେ ପ୍ରକଟ ହେଉଥାଏ ।''

ଶ୍ରୀଅରବିନ୍ଦ ବାହ୍ୟ-ଜଗତରେ ପ୍ରକାଶିତ ହୋଇଥିବା ଅବତାରଙ୍କ ବିଷୟରେ କହନ୍ତି –

''When this eternal divine Consciousness always present in every human being, this God in man, takes possession partly or wholly of the human consciousness and becomes in visible human shape the guide, teacher, leader of the world, not as those who living in their humanity yet feel something of the power or light or love of the divine Gnosis informing and conducting them, but out of that divine Gnosis itself, direct from its central force and plenitude, then we have the manifest Avatar.''

(*Essays on the Gita,* p. 15)

ଅର୍ଥାତ୍ ''ଯେତେବେଳେ ପ୍ରତ୍ୟେକ ମାନବ-ସତ୍ତାରେ ନିତ୍ୟ ବିରାଜମାନ ଏହି ଶାଶ୍ୱତ ଦିବ୍ୟ-ଚେତନା, ନର ମଧ୍ୟରେ ଏହି ବିଦ୍ୟମାନ ନାରାୟଣ ମନୁଷ୍ୟ ଚେତନାକୁ ଆଂଶିକ ଭାବରେ ବା ପୂର୍ଣ୍ଣ ଭାବରେ ଅଧିକାର କରନ୍ତି ଏବଂ ପ୍ରକଟ ମାନବ ରୂପରେ ପୃଥିବୀର ଗୁରୁ, ଚାଳକ ଓ ନେତା ହୁଅନ୍ତି, ସେତେବେଳେହିଁ ଅବତାର ପ୍ରକଟ ହୁଅନ୍ତି ବୋଲି କୁହାଯିବ । ଏହା ସେହିସବୁ ମାନବଙ୍କ ପରି ନୁହେଁ ଯେଉଁମାନେ କି ନିଜର ମାନବତା ମଧ୍ୟରେ ବାସ କରନ୍ତି ତଥାପି ଦିବ୍ୟ-ବିଜ୍ଞାନମୟ ଚେତନାର ଶକ୍ତି, ଜ୍ୟୋତିଃ ଓ ପ୍ରେମକୁ କେତେକାଂଶରେ ଅନୁଭବ କରନ୍ତି ଓ ତଦ୍ୱାରା ପରିଚାଳିତ ହୁଅନ୍ତି । କିନ୍ତୁ ଅବତାରଙ୍କ କ୍ଷେତ୍ରରେ ଏହା ସେପରି ନୁହେଁ, ଏହା ହେଉଛି ସେହି ଦିବ୍ୟ-ବିଜ୍ଞାନମୟ ଚେତନାର ସାକ୍ଷାତ୍ କେନ୍ଦ୍ରୀୟ ଶକ୍ତି ଓ ଐଶ୍ୱର୍ଯ୍ୟ ଭିତରୁ ଅବତାରତ୍ୱର ପ୍ରକାଶ ।''

ଶ୍ରୀଅରବିନ୍ଦଙ୍କ ମତରେ ଗୀତା ଯଦିଓ ଭଗବାନଙ୍କ ମାନବ ଅବତାର ବିଷୟରେ ଦୃଢ଼ଭାବେ ଘୋଷଣା କରିଛି ତଥାପି ତାହା ଏହି କଥା ଉପରେ ସେତେ ଗୁରୁତ୍ୱ ଦେଇ ନାହିଁ, ଗୁରୁତ୍ୱ ଦେଇଛି ତାଙ୍କର ବିଶ୍ୱାତୀତ ଓ ବିଶ୍ୱଗତ ସ୍ୱରୂପ ଉପରେ

ତଥା ଅନ୍ତର୍ଗତ ଭଗବତ୍ ସ୍ୱରୂପ (Internal Divine) ଉପରେ । ଶ୍ରୀଅରବିନ୍ଦଙ୍କ ନିଜ ଭାଷାରେ –

''But it is not this (human Avatarhood) upon which stress is laid, but on the transcendent, the cosmic and the internal Divine; it is on the Source of all things and the Master of all and on the Godhead secret in man.'' (*Essays on the Gita*, p. 17)

ଶ୍ରୀକୃଷ୍ଣ ହେଉଛନ୍ତି ପରମାତ୍ମା ରୂପରେ ସକଳ ବସ୍ତୁର ଉତ୍ସ ଓ ମୂଳାଧାର । ସେ ପୁଣି ପ୍ରତ୍ୟେକ ମନୁଷ୍ୟର ହୃଦୟାଭ୍ୟନ୍ତରରେ ଆନ୍ତର ଭଗବାନ୍ ରୂପେ ପ୍ରଚ୍ଛନ୍ନଭାବେ ଅବସ୍ଥାନ କରୁଛନ୍ତି । ଗୀତା ଯେତେବେଳେ କୁହେ ଯେ ହିଂସ୍ର ଆସୁରିକ ତପଃ କରୁଥିବା ବ୍ୟକ୍ତି ଅନ୍ତରସ୍ଥ ଭଗବାନଙ୍କ ପ୍ରତିହିଁ ଦ୍ୱେଷ ଆଚରଣ କରୁଛି ବା ତାଙ୍କୁ କଷ୍ଟ ଦେଉଛି ସେତେବେଳେ ଏହି ଆନ୍ତର ଭଗବତ୍ ସତ୍ତାଙ୍କ ବିଷୟରେହିଁ ସେ କହୁଛି :

''କର୍ଶୟନ୍ତଃ ଶରୀରସ୍ଥଂ ଭୂତଗ୍ରାମମଚେତସଃ ।
ମାଂ ଚୈବାନ୍ତଃଶରୀରସ୍ଥଂ ତାନ୍ ବିଦ୍ଧ୍ୟାସୁରନିଶ୍ଚୟାନ୍ ॥''
(୧୭/୬)

ଅର୍ଥାତ୍, ''ଯେଉଁମାନେ ଶରୀରସ୍ଥ ପଞ୍ଚଭୂତକୁ ତଥା ଅନ୍ତଃକରଣରେ ବିରାଜମାନ ମୋତେ (ପରମାତ୍ମାଙ୍କୁ) କ୍ଷୀଣ କରନ୍ତି ବା ମୋର ବିରୁଦ୍ଧାଚରଣ କରନ୍ତି ସେହି ଅଜ୍ଞାନୀମାନଙ୍କୁ ତୁମେ ଆସୁରୀନିଷ୍ଠାଯୁକ୍ତ ବୋଲି ଜାଣ ।''

ଗୀତାରେ ଏହା ମଧ୍ୟ କୁହାଯାଇଛି ଯେ ଯେଉଁମାନେ ମାନବ ଶରୀର ଭିତରେ ନିଗୂଢ଼ ହୋଇ ରହିଥିବା ଭଗବାନଙ୍କୁ ଘୃଣା କରନ୍ତି ସେମାନେ ପାପହିଁ ଅର୍ଜନ କରିଥା'ନ୍ତି । ଏହି ଅନ୍ତର-ନିବାସୀ ଭଗବାନ୍ ଜ୍ଞାନାଲୋକ ଦ୍ୱାରା ଆମର ଅଜ୍ଞାନ ଅନ୍ଧକାରକୁ ନାଶ କରନ୍ତି ବୋଲି ମଧ୍ୟ କୁହାଯାଇଛି । ସୁତରାଂ ସକଳ ମନୁଷ୍ୟ ଶରୀର ଭିତରେ ପ୍ରଚ୍ଛନ୍ନ ହୋଇ ରହିଥିବା ଭଗବତ୍ ସତ୍ତା ହେଉଛନ୍ତି ଶାଶ୍ୱତ ଅବତାର ଯିଏ କି ଶ୍ରୀକୃଷ୍ଣ ରୂପେ ସ୍ଥୂଳରେ ଆବିର୍ଭୂତ ହୋଇ କୁରୁକ୍ଷେତ୍ରର ସଂଗ୍ରାମ ଭୂମିରେ ଗୀତା ଜ୍ଞାନ ପ୍ରଦାନ କରୁଛନ୍ତି । ଗୀତାର ମୁଖ୍ୟ ବକ୍ତବ୍ୟ କ'ଣ ? ଏଥିରେ ରହିଛି ଜୀବନର ଗୂଢ଼ ଅର୍ଥ, ଦିବ୍ୟକର୍ମର ରହସ୍ୟ ଏବଂ ପୃଥିବୀରେ ମନୁଷ୍ୟର ପ୍ରକୃତ ଲକ୍ଷ୍ୟ ସମ୍ପର୍କରେ ଦିଗ୍‌ଦର୍ଶନ । ମନୁଷ୍ୟର ଜୀବନ, କର୍ମ ଓ ଲକ୍ଷ୍ୟକୁ ଯିଏ ପରିପୂର୍ଣ୍ଣ କରିବେ ସେ ହେଉଛନ୍ତି ଆନ୍ତର ଭଗବାନ୍ ।

ଭାରତର ଧାର୍ମିକ ଚେତନାରେ ଏହି ତତ୍ତ୍ୱ ଅନ୍ତର୍ନିହିତ ହୋଇ ରହିଛି । ମନ୍ଦିରର ପାଷାଣ ମୂର୍ତ୍ତିର ପୂଜା କରିବା ସମୟରେ ହେଉ, କିଂବା ଅବତାରମାନଙ୍କ ଆରାଧନା କରିବା ସମୟରେ ହେଉ ଅଥବା କୌଣସି ମାନବ-ଗୁରୁଙ୍କ ପ୍ରତି ଭକ୍ତି ନିବେଦନ କରିବା ସମୟରେ ହେଉ, ଏହି ପ୍ରତ୍ୟେକ କ୍ଷେତ୍ରରେ ଭାରତୀୟମାନେ ସେହି ଏକମେବ ପରମପୁରୁଷଙ୍କରହିଁ ସାନ୍ନିଧ୍ୟ ଲାଭ କରନ୍ତି । ମାନବଗୁରୁଙ୍କ ଭିତରେ ସେମାନେ ଦେଖନ୍ତି ଜଗଦ୍‌ଗୁରୁଙ୍କୁ । ସେମାନଙ୍କ ଭକ୍ତି ଆରାଧନା ଦ୍ୱାରା ନିରାକାର ବ୍ରହ୍ମ ମଧ୍ୟ ରୂପମୟ ହୋଇ ଉଠନ୍ତି । ଦିବ୍ୟପ୍ରେମ, ଦିବ୍ୟଶକ୍ତି ଓ ଦିବ୍ୟଜ୍ଞାନ ସେମାନଙ୍କ ସମ୍ମୁଖରେ ପ୍ରତ୍ୟକ୍ଷୀଭୂତ ଓ ବାସ୍ତବ ହୋଇଯାଏ । ଆନ୍ତର ଭଗବାନଙ୍କ ଦିବ୍ୟ-ସ୍ୱର ଶ୍ରବଣ କରି ସେମାନେ କୃତକୃତ୍ୟ ହୋଇଯା'ନ୍ତି । ଗୀତାରେ ଶ୍ରୀକୃଷ୍ଣ ଘୋଷଣା କରିଛନ୍ତି :

''ଅହମାତ୍ମା ଗୁଡ଼ାକେଶ ସର୍ବଭୂତାଶୟସ୍ଥିତଃ''
(୧୦/୨୦)

ଅର୍ଥାତ୍, ''ହେ ନିଦ୍ରାଜୟୀ ଅର୍ଜୁନ ! ପ୍ରାଣୀମାନଙ୍କର ଅନ୍ତଃକରଣରେ ମୁଁ ଆତ୍ମା ରୂପେ ସ୍ଥିତ ।''

ଆମ ଭିତରେ ନିଗୂଢ଼ ହୋଇ ରହିଥିବା ଏହି ଶାଶ୍ୱତ ଆତ୍ମା କିନ୍ତୁ ଆମର ଅଜ୍ଞାନ ଓ ଅସ୍ମିତାର ପରଦା ଦ୍ୱାରା ଆବୃତ ହୋଇ ରହିଛନ୍ତି । ଆମେ ଯଦି ବିଶ୍ୱାସ, ଭକ୍ତି, ପବିତ୍ରତା ଓ ସମର୍ପଣ ଦ୍ୱାରା ଏହି ପରଦାକୁ ଛିନ୍ନ କରିପାରିବା ତାହା ହେଲେ ଅନ୍ତରସ୍ଥ ଆତ୍ମା ପ୍ରକାଶିତ ହେବେ ଏବଂ ଆନ୍ତର ଭଗବାନଙ୍କ ସହ ଆମର ସାକ୍ଷାତ୍ ସମ୍ଭବ ହେବ । ଏହାହିଁ ଗୀତାର ପରମ ରହସ୍ୟ ('ଉତ୍ତମଂ ରହସ୍ୟଂ') ।

ମାନବ ଦେହଧାରୀ ଶ୍ରୀକୃଷ୍ଣ ହେଉଛନ୍ତି ମହାଭାରତ ଯୁଦ୍ଧର ଗୂଢ଼ କେନ୍ଦ୍ର ଓ ପ୍ରଚ୍ଛନ୍ନ ପରିଚାଳକ । ଏହାର ଏକ ବିଶେଷ ତାତ୍ପର୍ଯ୍ୟ ରହିଛି । ସେ ଯେଉଁ ବିରାଟ କର୍ମର ପୃଷ୍ଠଭାଗରେ ଛିଡ଼ା ହୋଇଛନ୍ତି ସେଥିରେ ହଜାର ହଜାର ଲୋକ ଅଂଶଗ୍ରହଣ କରିଛନ୍ତି । ଯେଉଁମାନେ ନିଃସ୍ୱାର୍ଥପର ଭାବରେ ତାଙ୍କ କର୍ମରେ ସହାୟତା ଦେବା ପାଇଁ ଆସିଛନ୍ତି ସେମାନଙ୍କ ପାଇଁ ସେ ହେଉଛନ୍ତି ନେତା । ଯେଉଁମାନେ ତାଙ୍କର ବିରୋଧିଭାବେ ଛିଡ଼ା ହୋଇଛନ୍ତି ସେମାନଙ୍କ ପାଇଁ ସେ ହେଉଛନ୍ତି ଶତ୍ରୁ ଓ ସଂହାରକର୍ତ୍ତା । ସେମାନଙ୍କ ସମସ୍ତ ଚକ୍ରାନ୍ତକୁ ସେ ପଣ୍ଡ କରି ଦେଇଛନ୍ତି । କେତେକଙ୍କ ପାଇଁ ସେ ସମସ୍ତ ଅନର୍ଥର ମୂଳ । ସେ ସେମାନଙ୍କ ପ୍ରାଚୀନ ବ୍ୟବସ୍ଥା, ପରିଚିତ ଜଗତ୍ ଓ ସମସ୍ତ

ପାପପୁଣ୍ୟ ବିଧାନର ଧ୍ୱଂସକର୍ତ୍ତା । ଯେଉଁମାନେ ଦିବ୍ୟ-ଉଦ୍ଦେଶ୍ୟ ସାଧନରେ ବ୍ରତୀ ସେମାନଙ୍କ ପାଇଁ ଶ୍ରୀକୃଷ୍ଣ ହେଉଛନ୍ତି ଉପଦେଷ୍ଟା, ସହାୟକ ଓ ସଖା । ଯେଉଁମାନେ ଭଗବତ୍ କର୍ମରେ ସହାୟତା କରୁଛନ୍ତି ସେମାନେ ନାନା ନିର୍ଯାତନା ଓ ପରୀକ୍ଷା ମଧ୍ୟ ଦେଇ ଗତି କରୁଛନ୍ତି । ମାତ୍ର ପ୍ରତ୍ୟେକ ସଂକଟମୟ ମୁହୂର୍ତ୍ତରେ ସେମାନେ ଅବତାର ଶ୍ରୀକୃଷ୍ଣଙ୍କ ସହାୟକ ହସ୍ତର ସ୍ପର୍ଶ ଅନୁଭବ କରି ପାରୁଛନ୍ତି । ମାତ୍ର ସେହି କର୍ମୀ ବା ଯୋଦ୍ଧାମାନେ ମନେ କରନ୍ତି ସେମାନେ ସ୍ୱୟଂହିଁ ସବୁକିଛିର କର୍ତ୍ତା । ଏପରିକି ଅର୍ଜୁନ ଯିଏ କି ତାଙ୍କର ଖୁବ୍ ଅନ୍ତରଙ୍ଗ ସଖା ଓ ପ୍ରଧାନ ଯନ୍ତ୍ର, ସେ ମଧ୍ୟ ବୁଝିପାରି ନାହାନ୍ତି ଯେ ସେ କେବଳ ଯନ୍ତ୍ରମାତ୍ର । ଶେଷ ପର୍ଯ୍ୟାୟରେ ସେ ସ୍ୱୀକାର କରିଛନ୍ତି ଯେ ସେ ତାଙ୍କର ପ୍ରିୟ ସଖାଙ୍କର ଅସଲ ଦିବ୍ୟ-ପରିଚୟ ପାଇ ନଥିଲେ । କୁରୁକ୍ଷେତ୍ରରେ ଅର୍ଜୁନଙ୍କ ସାରଥି ରୂପେ ଅବତୀର୍ଣ୍ଣ ନହେବା ପର୍ଯ୍ୟନ୍ତ ଅବତାର ଶ୍ରୀକୃଷ୍ଣ ତାଙ୍କର ଦିବ୍ୟ-ସ୍ୱରୂପକୁ ପ୍ରକାଶ କରି ନଥିଲେ ।

ଭଗବାନ୍ ମାନବମାନଙ୍କ ସଙ୍ଗେ କିପରି ଆଚରଣ କରନ୍ତି ତାହାର ଏକ ପ୍ରତୀକ ହେଉଛନ୍ତି ଶ୍ରୀକୃଷ୍ଣ । ମନୁଷ୍ୟମାନେ ନିଜର ଅହଂ ଓ ଅଜ୍ଞାନ ଯୋଗୁଁ ଭାବନ୍ତି ଯେ ସେମାନେହିଁ ସବୁ କର୍ମର କର୍ତ୍ତା । ସେମାନଙ୍କ ବ୍ୟକ୍ତିଗତ ଉଦ୍ୟମ ଯୋଗୁହିଁ ଏକ ନିର୍ଦ୍ଦିଷ୍ଟ ଫଳ ପ୍ରାପ୍ତ ହେଲା ବୋଲି ସେମାନେ ଗର୍ବ କରନ୍ତି । ସେମାନଙ୍କ ଭିତରେ ଯେଉଁ ପ୍ରତିଭା, ଶକ୍ତି ଓ ସାମର୍ଥ୍ୟ ଥାଏ, ତାହା ତାଙ୍କର ନିଜସ୍ୱ ବୋଲି ସେମାନେ ଧାରଣା କରିଥା'ନ୍ତି ଯଦିଓ ସେସବୁର ଉତ୍ସ ହେଉଛନ୍ତି ଭଗବାନ୍ । ପ୍ରକୃତରେ ମନୁଷ୍ୟର ବାହ୍ୟ ଜୀବନ ଓ ଆନ୍ତର ଜୀବନରେ ଯାହା ସବୁ ଘଟେ ତାହାର ପରିଚାଳକ ହେଉଛନ୍ତି ସ୍ୱୟଂ ଭଗବାନ୍ ।

ଗୀତାରେ କର୍ମ ଉପରେ ଯେତିକି ଗୁରୁତ୍ୱ ଦିଆଯାଇଛି ଅନ୍ୟ କୌଣସି ଭାରତୀୟ ଶାସ୍ତ୍ରରେ ସେତିକି ଗୁରୁତ୍ୱ ଦିଆଯାଇ ନାହିଁ । ଏହି ଗ୍ରନ୍ଥରେ ଶ୍ରୀକୃଷ୍ଣ କର୍ମର ରହସ୍ୟ ପ୍ରକାଶିତ କରି ଦେଇଛନ୍ତି । ସେ ଘୋଷଣା କରିଛନ୍ତି ଯେ ଭଗବାନହିଁ ସକଳ କର୍ମର ଅଧୀଶ୍ୱର ଏବଂ ତାଙ୍କର ଚେତନା ସଙ୍ଗେ ସଂଯୁକ୍ତ ହୋଇ ପାରିଲେ ପ୍ରତ୍ୟେକ କର୍ମ ଦିବ୍ୟ ହୋଇପାରିବ ।

ଗୀତାର ଦିବ୍ୟଗୁରୁ ହେଉଛନ୍ତି ପ୍ରତ୍ୟେକ ମନୁଷ୍ୟର ଅନ୍ତରନିବାସୀ ଭଗବାନ୍ ଯିଏ କି ଜ୍ଞାନର ଜଗତରେ ନିଜକୁ ପ୍ରକାଶିତ କରିବା ସଙ୍ଗେ ସଙ୍ଗେ କର୍ମର ଜଗତରେ ମଧ୍ୟ ନିଜକୁ ପୂର୍ଣ୍ଣ ରୂପେ ଅଭିବ୍ୟକ୍ତ କରନ୍ତି । ଭଗବାନ୍ ମନୁଷ୍ୟ ଭିତରେ ବିଦ୍ୟମାନ ଅଛନ୍ତି ବୋଲି ମନୁଷ୍ୟ ତା'ର ଜୀବନ ବଞ୍ଚି ପାରୁଛି ଏବଂ ଏତେ ଶ୍ରମ ଓ ସଂଘର୍ଷ କରିପାରୁଛି । ସକଳ ମାନବ ଜୀବନ ଭଗବାନଙ୍କ ଅଭିମୁଖରେହିଁ ଅଗ୍ରଗତି କରି ଚାଲିଛି । ସେଇ ଦିବ୍ୟଗୁରୁ ହେଉଛନ୍ତି କର୍ମ ଓ ଯଜ୍ଞର ଗୋପନ ଅଧୀଶ୍ୱର ଏବଂ ସକଳ ମାନବସମାଜର ପରମ ସଖା । ତାଙ୍କୁ ଆଶ୍ରୟ କଲେ ମନୁଷ୍ୟ କର୍ମରେ ପରିପୂର୍ଣ୍ଣତା ଲାଭ କରି ପରିଶେଷରେ ପରମ ଜ୍ଞାନରେ ଉପନୀତ ହୋଇପାରିବ ।

(କ୍ରମଶଃ)

❑❑❑

ଆନ୍ତର ଏକାଗ୍ରତାର ସାଧନା ନିମ୍ନଲିଖିତ କଥାଗୁଡ଼ିକୁ ନେଇ ଗଠିତ :

୧. ଚେତନାକୁ ହୃଦୟରେ କେନ୍ଦ୍ରିତ କରିବା ଓ ସେଠାରେ ଦିବ୍ୟଜନନୀଙ୍କ ସମ୍ବନ୍ଧୀୟ ଧାରଣା, ତାଙ୍କ ସ୍ୱରୂପ କିଂବା ତାଙ୍କ ନାମ, ଯେଉଁ ଗୋଟିକ ତୁମ ପାଇଁ ସହଜତମ ବୋଧ ହୁଏ ତା' ଉପରେ ଏକାଗ୍ର ହେବା ।

୨. ହୃଦୟରେ ଏକାଗ୍ରତା ମାଧ୍ୟମରେ ମନକୁ କ୍ରମାଗତ ପ୍ରଗତିଶୀଳ ଭାବେ ନିଶ୍ଚଳ କରିବା ।

୩. ହୃଦୟ ମଧ୍ୟରେ ଦିବ୍ୟଜନନୀଙ୍କ ଉପସ୍ଥିତି ଓ ତାଙ୍କ ଦ୍ୱାରା ମନ, ପ୍ରାଣ ତଥା କ୍ରିୟା ସକଳର ନିୟନ୍ତ୍ରଣ ନିମନ୍ତେ ଏକ ଅଭୀପ୍ସା ।

କିନ୍ତୁ ମନକୁ ନିଶ୍ଚଳ କରି ଆଧ୍ୟାତ୍ମିକ ଅନୁଭୂତି ଲାଭ କରିବାକୁ ହେଲେ ପ୍ରଥମେ ପ୍ରକୃତିକୁ ଶୁଦ୍ଧ ଓ ପ୍ରସ୍ତୁତ କରିବା ଆବଶ୍ୟକ ।

ଶ୍ରୀଅରବିନ୍ଦ

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୬୭)

### 'ନନୀବାଳା'ଙ୍କର ଆଗମନ :

ଉପେନ୍ ବାନାର୍ଜୀ (ଡାକ୍ତର ବାବୁ)ଙ୍କର ବଡ଼ ଭଉଣୀ ଶ୍ରୀମତୀ ଜୟାଦେବୀ । ୭ ଅଗଷ୍ଟ ୧୯୨୬ରେ ସେ ତାଙ୍କ ଭାଇଙ୍କ ସହିତ ପଣ୍ଡିଚେରୀରେ ପଦାର୍ପଣ କରିଥିଲେ ଏବଂ ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ଆଶ୍ରମରେ ରହିଥିଲେ । ଶ୍ରୀଅରବିନ୍ଦ ତାଙ୍କର ନୂତନ ନାମକରଣ କରିଥିଲେ 'ନନୀବାଳା' (ଶ୍ରୀରାଧାଙ୍କର ଜନୈକ ସଖୀଙ୍କର ନାମ ଥିଲା ନନୀବାଳା) । ତାଙ୍କର 'ସ୍ମୃତି କଥା'ର ମର୍ମାନୁବାଦରୁ ଉଦ୍ଧୃତି :

''୧୯୨୬ ମସିହାର କଥା । ମୋର ରାମେଶ୍ୱର ବୁଲିଯିବା ପାଇଁ ପ୍ରବଳ ଇଚ୍ଛା ହୋଇଥାଏ । ମୋର ସାନ ଭାଇ ଉପେନ୍ ମଝିରେ ମଝିରେ ମୋତେ କହେ : 'ଅପା, ଚାଲ ପଣ୍ଡିଚେରୀ ଯିବା, ତୁ ସେଠାରେ ଏ. ଜି.ଙ୍କୁ ଦେଖି ପାରିବୁ ।' ଏହି ସଂକ୍ଷିପ୍ତ ନାମଟି ସେତେବେଳେ ଅରବିନ୍ଦ ଘୋଷ ନାମ ପରିବର୍ତ୍ତେ ବ୍ୟବହୃତ ହେଉଥିଲା । ମୋର ଉତ୍ତର ଥିଲା, 'ଚାଲ ଯିବା ।' ଆମେ ଆଷାଢ଼ ମାସରେ ଆସିବା ପାଇଁ ବାହାରିଲୁ । ପଣ୍ଡିଚେରୀରେ ଅରବିନ୍ଦ ଘୋଷଙ୍କୁ ଦେଖିବା ଉଦ୍ଦେଶ୍ୟରେହିଁ ଆମେ ଆସିଥିଲୁ । ପଣ୍ଡିଚେରୀରେ ପହଞ୍ଚିବା ପରଦିନ ସକାଳ ଆଠଟା ସମୟରେ ଆମେ ତାଙ୍କର ଦର୍ଶନ ପାଇଁ ଆଶ୍ରମ ଆଡ଼େ ଚାଲିଲୁ । ତାଙ୍କ ନିକଟକୁ ଯିବା ପାଇଁ ପାହାଚରେ ଚଢ଼ୁଥିବା ସମୟରେ ମୁଁ 'କିପରି ତାଙ୍କୁ ଅନାଇବି' ଭାବି ବେଶ୍ ବିବ୍ରତ ହୋଇ ଉଠୁଥିଲି । ପରେ ପରେ ପୁଣି ଚିନ୍ତା ଆସୁଥିଲା, 'ଏକ ମହାନ୍ ଆତ୍ମାଙ୍କୁ ଦର୍ଶନ କରିବା ପାଇଁ ଗଲା ବେଳେ ତୁ ପରିଣାମ ସମ୍ପର୍କରେ ଏତେ ବିବ୍ରତ ହୋଇଉଠୁଛୁ କାହିଁକି ?'

''ଉପର ମହଲାର ବାରଣ୍ଡାରେ ଅରବିନ୍ଦ ଘୋଷ ଏକ ଚେୟାରରେ ବସିଥିଲେ । କି ଅପୂର୍ବ ଦୃଶ୍ୟ ସେ ! ବୋଧ ହେଉଥିଲା ସବୁ ଦିଗରୁ ଆଲୋକର ପ୍ଳାବନ ଝରି ଆସୁଛି । ସେ ସମ୍ବାଦପତ୍ର ପଢ଼ିବା କାର୍ଯ୍ୟରେ ବ୍ୟସ୍ତ ଥିଲେ । ତାଙ୍କ ଚେୟାରର ଗୋଡ଼କୁ ଧରି ମୁଁ ଚଟାଣରେ ବସିପଡ଼ିଲି । ସ୍ମିତ ହସି ସେ ପଚାରିଲେ, 'ତୁମେ କେଉଁଠାରୁ ଆସିଛ ?' 'ଆମେ କଲିକତାରୁ ଆସିଛୁ ।' 'ଏଠାକୁ କ'ଣ ପାଇଁ ଆସିଛ ?' ସେ ପଚାରିଲେ । 'ମୋର ରାମେଶ୍ୱର ଦେଖିଯିବାର ଅଭିଳାଷ ଥିଲା । ମାତ୍ର ଉପେନ୍ କହିଲା, ଆମେ ପଣ୍ଡିଚେରୀ ଯିବା ଉଚିତ କାରଣ ସେଠାରେ ଜଣେ ମହାପୁରୁଷ ବାସ କରୁଛନ୍ତି ଏବଂ ଆମେ ତାଙ୍କୁ ଦର୍ଶନ କରିବାର ସୁଯୋଗ ପାଇବା । ମୁଁ ସମ୍ମତ ହେଲି ଓ ଆମେ ଆପଣଙ୍କର ଦର୍ଶନ ପାଇଁ ଆସିଛୁ ।' ସେ ପଚାରିଲେ, 'ତୁମେ କ'ଣ ରାମେଶ୍ୱର ଯାଉ ନାହଁ ?' ଉତ୍ତରରେ କହିଲି, 'ମୁଁ ସେଠାକୁ ଯିବାକୁ ଆଉ ଚାହୁଁ ନାହିଁ, ଏହି ମୂର୍ତ୍ତିମନ୍ତ ରାମେଶ୍ୱରଙ୍କର ଦର୍ଶନ ପାଇ ସାରିଲା ପରେ ମୋର ଆଉ ଏକ ପ୍ରସ୍ତର ମୂର୍ତ୍ତିକୁ ଦେଖିବାର ପ୍ରୟୋଜନ ନାହିଁ ।' ସେ ପ୍ରଶ୍ନ କଲେ, 'ଏହି ମାନୁଷୀ ରାମେଶ୍ୱର, ଯାହାଙ୍କୁ ତୁମେ ଦେଖୁଛ, ତାଙ୍କ ଉପରେ ତୁମର ଆସ୍ଥା ଓ ବିଶ୍ୱାସ ଆସୁଛି ତ !' 'ହଁ ନିଶ୍ଚୟ, ମୋର ତାଙ୍କ ଉପରେ ସମ୍ପୂର୍ଣ୍ଣ ଆସ୍ଥା ଅଛି ।' ଉତ୍ତର ଦେଲି ।

''ଏହା ଶୁଣି ସାରିବା ପରେ ସେ ତାଙ୍କର ହସ୍ତ ମୋର ମସ୍ତକ ଉପରେ ରଖିଲେ ଓ କୋମଳ ସ୍ୱରରେ କହିଲେ, 'ତୁମେ ତା'ହେଲେ ଏଠାରେ ରହିପାର ।' ମୁଁ ପ୍ରଶ୍ନ କଲି, 'ମୁଁ ତ କେବଳ ତିନିମାସ ରହିବାର ଯୋଜନା କରି ଆସିଛି, ତା'ଠାରୁ ଅଧିକ କିପରି ରହିପାରିବି ?' ସେ କହିଲେ, 'ତୁମର ସଂସାର ପ୍ରତି କିଛି ଆସକ୍ତି ଏବଂ ଆଗକୁ କିଛି ପ୍ରତିବନ୍ଧକ ନାହିଁ ତ ? ତା'ହେଲେ କଲିକତା ଫେରି ନ ଯିବାହିଁ ଭଲ ହେବ । ଏଠାରେ ରୁହ ଏବଂ ଅବସ୍ଥାର କି ଅଗ୍ରଗତି ହେଉଛି ଲକ୍ଷ୍ୟ କର ।' ଏହାପରେ ମୁଁ ବାଛିଥିବା ଇଷ୍ଟଦେବତା ଏବଂ ମୋର ସାଧନାର ଗୁଣଧର୍ମ ସମ୍ପର୍କରେ କିଛି ଅଧିକ ଆଳାପ ଆଲୋଚନା ହୋଇଥିଲା । ମୁଁ ସମ୍ପୂର୍ଣ୍ଣ ରୂପେ ଏବଂ ଖୋଲାଖୋଲି ଭାବରେ ଉତ୍ତର ଦେଇଥିଲି । ତଥାପି ମୁଁ ଅନୁଭବ କଲି ଯେ ମୁଁ ସବୁକିଛି କହି ପାରିନି ।

''ସେସମୟରେ ଆଶ୍ରମରେ କୌଣସି ବଙ୍ଗୀୟ ଭଦ୍ରମହିଳା ରହି ନଥିଲେ । ମୁଁ ପ୍ରତିଦିନ ଶ୍ରୀଅରବିନ୍ଦଙ୍କର ଦର୍ଶନ ପାଇଁ ଯାଉଥିଲି । ସେ ମୋତେ ତାଙ୍କ ନିକଟରେ ବସିବା ପାଇଁ

କହୁଥିଲେ ଏବଂ ଖୁବ୍ ମନଦେଇ ସବୁକଥା ଶୁଣୁଥିଲେ । ଚାରି କି ପାଞ୍ଚ ଦିନ ପରେ ମୁଁ ଅରବିନ୍ଦ ଘୋଷଙ୍କୁ ପଚାରିଲି : 'ଏ ଚଉକିସବୁ ଏଠାରେ କାହିଁକି ରଖା ହୋଇଛି ?' ଉତ୍ତରରେ କହିଲେ, 'ଯେଉଁ ବ୍ୟକ୍ତିମାନେ ମୋର କଥା ଶୁଣୁଛନ୍ତି ଓ ଧ୍ୟାନ ଅଭ୍ୟାସ କରୁଛନ୍ତି, ସେମାନଙ୍କ ବ୍ୟବହାର ପାଇଁ ଏ ଚଉକିସବୁ ରହିଛି ।' କୌଣସି କାରଣରୁ ମୋତେ ଏଇ କଥାଟି ପସନ୍ଦ ହେଲା ନାହିଁ । ତେଣୁ ମୁଁ କହିଲି : 'ପ୍ରଭୁ, ଏହା ଯଥାର୍ଥ ବୋଧ ହେଉ ନାହିଁ । ଆପଣଙ୍କ ଶିଷ୍ୟ ସାଧକମାନେ ଆପଣଙ୍କ ସହ ଚଉକିରେ ବସିବାଟା ଭଲ ଦିଶୁ ନାହିଁ । ଚଟାଣରେ ମସିଣା କିଂବା ଗାଲିଚା ବିଛାଇଲେ ଭଲ ହେବ । ଆପଣ ଯେତେବେଳେ ଚଉକିରେ ବସିଥିବେ, ଅନ୍ୟମାନେ ତଳେ ବସିପାରିବେ ।' ସେ ସାମାନ୍ୟ ହସିଲେ ଓ ନୀରବ ରହିଲେ । ଦୁଇଦିନ ପରେ ମୁଁ ଲକ୍ଷ୍ୟ କଲି ଯେ ଚଉକିଗୁଡ଼ିକ କାଢ଼ି ନିଆଯାଇଛି ଏବଂ ଚଟାଣରେ ଦରି ବିଛା ଯାଇଛି । (ଏହା ଯେତେଦୂର ସମ୍ଭବ ୧୪ ଅଗଷ୍ଟରେ ହୋଇଥିଲା)

''ସେସମୟରେ ଆଶ୍ରମରେ ଖୁବ୍ କମ୍ ଗହଳି ଥିଲା ଏବଂ ମୁଁ ପ୍ରତିଦିନ ସକାଳେ ତାଙ୍କର ଦର୍ଶନ ପାଇଁ ଯାଉଥିଲି । (ପ୍ରକାଶ ଥାଉ କି ସେତେବେଳେ ଉପରଓଳି 'ସାନ୍ଧ୍ୟ ବୈଠକ'ରେ ଯୋଗ ଦେବାକୁ ତାଙ୍କୁ ଅନୁମତି ମିଳି ନଥିଲା ।)...

''ଦିନେ ତାଙ୍କ ସହିତ କଥାବାର୍ତ୍ତା ସାରିବା ପରେ ମୁଁ କହିଲି, 'ଏବେ ମୁଁ ଯାଉଛି ।' ସେ ପଚାରିଲେ 'ତଳକୁ ଯାଇ ତୁ ବର୍ତ୍ତମାନ କ'ଣ କରିବୁ ?' ଉତ୍ତରରେ କହିଲି, 'ଜଣେ ବ୍ୟକ୍ତି ରାଗି ଯାଆନ୍ତି । ସେ କହନ୍ତି ଯେ ତୁ ତାଙ୍କ ସହ ଦୀର୍ଘ ସମୟ ଧରି କଥା ହେଉଛୁ, ମୋତେ କଥା ହେବା ପାଇଁ ସମୟ ମିଳୁ ନାହିଁ ।' 'କିଏ ସେ ବ୍ୟକ୍ତି ଯେ ତୋତେ ସେପରି କହିଲେ ?' ପ୍ରଭୁଙ୍କ ମୁଖରୁ ଏ କଥା ଶୁଣି ମୋତେ ଟିକେ ଅସ୍ୱସ୍ତି ଲାଗିଲା ... ଖୁବ୍ ତରବରରେ କହି ପକାଇଲି, 'ନା, ସେ ଠିକ୍ ରାଗନ୍ତିନି, ଏମିତି ଖାଲି କହନ୍ତି...' ସେ କହିଲେ, 'ନା, ତୁ ଯେପରି କରୁଛୁ, ସେପରିହିଁ କର ।' ଯେହେତୁ ପ୍ରଭୁ କଥାଟିକୁ ଏପରି ଉପସ୍ଥାପିତ କଲେ, ମୁଁ ଆଉ କିଛି ସମୟ ଅଧିକ ରହି ତା'ପରେ ଆସିଲି । ଅନ୍ୟପକ୍ଷରେ 'X' ଖୁବ୍ ରାଗି ଯାଇଥା'ନ୍ତି । ବାରିନ୍‌ଦା କ'ଣ ଘଟିଲା ଜାଣିବାକୁ ଚାହିଁଲେ । ମୁଁ ତାଙ୍କୁ କହିଲି, 'ପ୍ରଭୁ ମୋତେ ଅଧିକ ସମୟ ରହିବା ପାଇଁ କହନ୍ତି ଓ ଅନେକ ପ୍ରଶ୍ନ ପଚାରନ୍ତି । ସେସବୁ ସମୟସାପେକ୍ଷ । 'X' ଅସୁବିଧା ସୃଷ୍ଟି କରେ ଓ ସେ ରାଗେ ।' ବାରିନ୍‌ଦା ବୁଝାଇ ଦେଲେ, 'ଶ୍ରୀଅରବିନ୍ଦ ବଙ୍ଗଳା ଭାଷା ଶୁଣିବାକୁ ଭଲ ପାଆନ୍ତି । ସେଥିପାଇଁ ସେ ତୋ ସହିତ ଅଧିକ ଆଳାପ କରନ୍ତି । ଏଥିରେ ରାଗିବାର କ'ଣ ଅଛି ? 'X' ବାସ୍ତବିକ ରାଗେ ନାହିଁ । ସେ କୁହେ ତା'ର ଦର୍ଶନ ସମୟ ବିଳମ୍ବ ହୋଇ ଯାଉଛି ।' ତା'ପରେ ମୁଁ ଘରକୁ ଫେରି ଆସିଲି । (ସେତେବେଳେ ସେ 'ଗେଷ୍ଟ୍ ହାଉସ୍'ରେ ରହୁଥିଲେ ।)

''ଦିନେ ଭୋର ହେବା ପୂର୍ବରୁ ମୁଁ ଗେଷ୍ଟ୍ ହାଉସ୍‌ର ଝରକା ନିକଟରେ ବସିଥାଏ । ହଠାତ୍ ମୋର ଝରକା ତଳେ ଜଣେ ତରୁଣ ବ୍ୟକ୍ତି ମୋ ଦୃଷ୍ଟିକୁ ଆସିଲେ — ସତର କି ଅଠର ବର୍ଷ ହୋଇଥିବ ତାଙ୍କୁ । କିନ୍ତୁ କେତେ ଉଜ୍ଜ୍ୱଳ ଓ ସୁନ୍ଦର ସେ ! ସମଗ୍ର ରାସ୍ତାଟି ଆଲୋକିତ ହୋଇଉଠିଲା ପରି ବୋଧ ହେଉଥାଏ । ହାତରେ ତାଙ୍କର ଛୋଟ ଲାଠି କି ବାଡ଼ି ଖଣ୍ଡେ, କେତେକ ସୁନ୍ଦର ଧଳା ଗାଈଙ୍କୁ ଝରକାରେ ବାନ୍ଧି ସେ ସେମାନଙ୍କ ସହ ଖେଳୁଥା'ନ୍ତି ଓ ଦୌଡ଼ୁଥା'ନ୍ତି । ମୁଁ ସେସବୁକୁ ଖୁବ୍ ସ୍ୱଷ୍ଟ ଓ ପରିଷ୍କାର ଭାବେ ଦେଖୁଥାଏ । ରାତି ପାହି ଆସୁଥାଏ, ଗୋଟାଏ ଅସ୍ୱଷ୍ଟ ଆଲୋକରେଖା ଅନ୍ଧାର ଭିତରେ ଝଲସି ଉଠିଲା । ଅଳ୍ପ ସମୟ ଭିତରେ ସବୁକିଛି ଆଲୋକିତ ହୋଇଉଠିଲା, ମାତ୍ର ସେଠାରେ ଆଉ ଅଧିକ କିଛି ନଥିଲା । ସେଦିନ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରିବା ସମୟରେ ମୁଁ ପଚାରିଲି, 'ପ୍ରଭୁ, ମୁଁ ଯାହାସବୁ ଦେଖିଲି ତା'ର ତାତ୍ପର୍ଯ୍ୟ କ'ଣ ?' ସେ କହିଲେ, 'ଆଃ କି ସୁନ୍ଦର ! ଏହା ତୋତେ କିପରି ବୋଧ ହେଉଛି ?' ଉତ୍ତରରେ କହିଲି, 'ମୁଁ ଭାବିଲି ସେ ଶ୍ରୀକୃଷ୍ଣ, ଆଉ କାହାର ବା ଏତେ ସୌନ୍ଦର୍ଯ୍ୟ, ଏତେ ଜ୍ୟୋତିଃ ଅଛି !' ସେ ପଚାରିଲେ, 'କିଏ ପୁଣି ସେ ଶ୍ରୀକୃଷ୍ଣ ହୋଇଥିବେ ?' ଉତ୍ତରରେ କହିଲି, 'ଆପଣଙ୍କ ବ୍ୟତୀତ ଆଉ ବା କିଏ ହେବ !' 'ତୁ ଭାବୁଛୁ ସେ ହେଉଛି ମୁଁ ?' 'ହଁ, ନିଶ୍ଚିତ ଭାବେ'— ଉତ୍ତର ଦେଲି । ତା'ପରେ ସେ କହିଲେ, 'ତୁ ଯାହା ଦେଖିଲୁ ତାହା ସତ୍ୟ ଓ ଖୁବ୍ ଉତ୍ତମ ।' ଏବଂ ସେ ମୋ ମସ୍ତକରେ ହାତ ରଖି କହିବାକୁ ଲାଗିଲେ, 'ଖୁବ୍ ଭଲ, ଖୁବ୍ ଭଲ ।'

''ଅନ୍ୟ ଏକ ଦିନ ଧ୍ୟାନ ସମୟରେ ସୂକ୍ଷ୍ମଦର୍ଶନରେ ଦେଖିଲି ଯେ, ମୁଁ ପଦ୍ମଫୁଲରେ ଭରା ଏକ ବିରାଟ ହଲ୍ ଭିତରକୁ ଯାଇଛି, ଯାହା ଭିତରୁ କି ଏକ ଆଲୋକର ଶିଖା ଉର୍ଦ୍ଧ୍ୱକୁ ଉଠୁଛି ଏବଂ ମୋର ବଡ଼ପୁଅ ସେସବୁକୁ ଫୁଙ୍କି ଲିଭାଇ ଦେବାକୁ ଚେଷ୍ଟା କରୁଛି । କିନ୍ତୁ ତାହା ପୁନର୍ବାର ଜଳି ଉଠୁଛି । ପରଦିନ ମୁଁ ପଚାରିଲି, 'ପ୍ରଭୁ, ଧ୍ୟାନ ସମୟରେ ମୁଁ ଏପରି କାହିଁକି ଦେଖିଲି ?'

''ସେ ଉତ୍ତର ଦେଲେ, 'ତୋ ଭିତର ଆଲୋକଟି ପ୍ରଜ୍ୱଳିତ ହୋଇଛି ଏବଂ ତୋର ପୁଅ ତାହାକୁ ଲିଭାଇ ଦେବାକୁ ପ୍ରୟାସ କରୁଛି । ସେ କୃତକାର୍ଯ୍ୟ ହୋଇପାରିବ ନାହିଁ । ଏଥିରେ ବିବ୍ରତ ହେବାର କିଛି ନାହିଁ ।' ''(୧)

''ଦିନେ ଚନ୍ଦନନଗରରୁ ଜଣେ ସାଧୁ ଆସି ପଣ୍ଡିଚେରୀରେ ପହଞ୍ଚିଲେ । ସେ ତାଙ୍କର ତୀର୍ଥଯାତ୍ରାରେ ବାହାରି ଥିଲେ ଏବଂ ଯିବା ବାଟରେ ଶ୍ରୀଅରବିନ୍ଦଙ୍କର ଦର୍ଶନ କରି ଯିବେ ବୋଲି ତୀବ୍ର ଭାବରେ ଇଚ୍ଛା ପ୍ରକାଶ କରିଥିଲେ । ଅନୁମତି ମଧ୍ୟ ଲାଭ କଲେ ।...

''ପରଦିନ ଦର୍ଶନ ସମୟରେ ମୁଁ ଶ୍ରୀଅରବିନ୍ଦଙ୍କୁ କହିଲି : 'ପ୍ରଭୁ, ସେ ସାଧୁ ଜଣକ ଆପଣଙ୍କର ଦର୍ଶନ କରି ପାରିଲେ ନାହିଁ । ସେ କହିଲେ ଯେ ପାହାଚରେ ଉଠୁଥିବା ସମୟରେ ତାଙ୍କର ହୃତ୍‌ସ୍ପନ୍ଦନ ଖୁବ୍ ଅସ୍ୱାଭାବିକ ଭାବରେ ବଢ଼ିଗଲା । କୌଣସି ପ୍ରକାରେ ସେ ଉପର ମହଲାରେ ପହଞ୍ଚିଲେ ସତ, କିନ୍ତୁ ସେ ସେଠାରେ ପହଞ୍ଚି ଏକ ଆଲୋକର ଶିଖା ଦେଖିବାକୁ ପାଇଲେ ଯାହାକି ତାଙ୍କର ଚକ୍ଷୁକୁ ଅନ୍ଧ କରିଦେଲା । ତାଙ୍କର ବୋଧ ହେଲା ଯେପରି ସେ ଜ୍ଞାନଶକ୍ତି ହରାଇ ବସୁଛନ୍ତି ଏବଂ କୌଣସି ପ୍ରକାରେ କଷ୍ଟ କରି ସେ ମୋ କକ୍ଷକୁ ଫେରି ଆସିଲେ । ତା'ପରେ ସେ ପଣ୍ଡିଚେରୀରେ ଅଧିକ ସମୟ ରହିପାରିବେ ନାହିଁ ଓ ଫେରି ଯାଉଛନ୍ତି ବୋଲି କହିଲେ । ଏପରି କହି ସେ ଗତ ରାତିରେ ଚାଲି ଯାଇଛନ୍ତି ।' ଏସବୁ ଶୁଣି ଶ୍ରୀଅରବିନ୍ଦ କହିଲେ : 'ସେ ଗୋଟିଏ ସିନ୍ଦୁକ ଭଳି, ଯାହାକି ଦୃଢ଼ ଭାବରେ ନିବୁଜ ହୋଇ ରହିଛି ଏବଂ ସେ ଖାଲି ନିଜ ଶକ୍ତିର ଅପଚୟ କରି ଚାଲିଛି ।... ତା' ଭିତରେ ଅହଂକାର ବ୍ୟତିରେକେ ଆଉ କିଛି ବି ନାହିଁ ।'

''ମୁଁ ପ୍ରଶ୍ନ କଲି : 'ପ୍ରଭୁ, ଆପଣ କାହିଁକି ତାଙ୍କୁ କିଛି ଦେଲେ ନାହିଁ ?'

'' 'ଶକ୍ତି ଗ୍ରହଣ କରିବାକୁ ହେଲେ ଜଣଙ୍କର ଶକ୍ତି ଥିବା ଆବଶ୍ୟକ । ଜଣେ ତାହା କେବଳ ମାଗି ଦେଲେ ପାଇଯିବ ନାହିଁ । ସତ୍ତାର ଚାରି ଭୂମି ପ୍ରଦକ୍ଷିଣ କରିବା ପାଇଁ ସେ ସାଧୁଙ୍କର ଆହୁରି ଅନେକ ଦିନ ବାକି ଅଛି । ଏ ଜନ୍ମରେ ସେ ତାହା ସମ୍ପାଦନ କରିପାରିବେ କି ନା ତାହା ସନ୍ଦେହଜନକ ।' ଏତିକି କହି ସେ ନୀରବ ରହିଲେ ।...''(୨)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

---

## ତଥ୍ୟ ନିର୍ଦ୍ଦେଶିକା


୧. ନବଜ୍ୟୋତି, ଫେବ୍ରୁଆରୀ ୧୯୯୫, ପୃ. ୬୩-୬୫

୨. ନବଜ୍ୟୋତି, ଏପ୍ରିଲ ୧୯୯୫, ପୃ. ୬୩-୬୪


---

*(ପୃଷ୍ଠା ୫ ର ଅବଶିଷ୍ଟାଂଶ)*

ହୋଇଥିଲା : ଏକ ବିନ୍ଦୁବିହୀନ ଶୂନ୍ୟତାରେ ସଦ୍‌ବସ୍ତୁ ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା, ଏବଂ ସେଇ ଶୂନ୍ୟତାହିଁ ଥିଲା ଜଗତସକଳର ଏକ ଶୂନ୍ୟ ଜନ୍ମଦାତା । ବିଶ୍ୱମାନସକୁ ଗ୍ରାସ କରି ନିଶ୍ଚେତନା ଆପଣାର ମରଣାନ୍ତକ ସୁପ୍ତି ଭିତରୁ ଗଢ଼ି ଦେଇଥିଲା ଏକ ବ୍ରହ୍ମାଣ୍ଡ; ଆନନ୍ଦ ନିପତିତ ହୋଇଥିଲା ଘନକୃଷ୍ଣ ଅଚେତନା ମଧ୍ୟରେ, ଅନୁଭୂତିହରା ହୋଇ କୁଣ୍ଡଳୀ କାଟି ତାହା ପୁଣି ଆପଣା ପାଖକୁ ତଥା ଈଶ୍ୱରଙ୍କର ଶାଶ୍ୱତ ଆହ୍ଲାଦ ମଧ୍ୟକୁ ପ୍ରତ୍ୟାବର୍ତ୍ତନ କରୁଥିଲା ଦୁଃଖ ଓ ଯନ୍ତ୍ରଣାର ଏକ ମିଥ୍ୟାମୟ ମର୍ମସ୍ପର୍ଶୀ ରୂପକୁ ମାଧ୍ୟମ କରି, ଯାହା ତଥାପି ବେଦନାର୍ତ୍ତ ଭାବରେ କଣ୍ଟକବିଦ୍ଧ ହୋଇ ରହିଥିଲା ମୂକ ସଂଜ୍ଞାହୀନ ବିଶ୍ୱର ମାଟିନିବଦ୍ଧ ଏକ କ୍ରୁଶକାଠ ଉପରେ । କାଳେ ସବୁକିଛି ଅତି ଶୀଘ୍ର ପୁଣି ଥରେ ଆନନ୍ଦରେ ରୂପାନ୍ତରିତ ହୋଇଯିବ,– ଏହି ଆଶାରେ ହିଁ ଏସବୁ ଘଟି ଚାଲିଥିଲା ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ନିର୍ଜନ ଦ୍ୱୀପର ତିନି ସନ୍ନ୍ୟାସୀ

[ରୁଷିଆର ବିଶ୍ୱ ବିଖ୍ୟାତ ଲେଖକ ଲିଓ ଟଲ୍‌ଷ୍ଟୟ (୧୮୨୮-୧୯୧୦) ତାଙ୍କର ''ଯୁଦ୍ଧ ଓ ଶାନ୍ତି'' ଓ ''ଆନା କାରେନିନା'' ଭଳି ଉପନ୍ୟାସ ପାଇଁ ତଥା ତାଙ୍କ ଦାର୍ଶନିକ ଚିନ୍ତାଧାରା ନିମନ୍ତେ ଶ୍ରଦ୍ଧେୟ । କିନ୍ତୁ ତାଙ୍କର ଆଉ ଗୋଟିଏ ଧରଣର ଲେଖା ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ । ତାହା ହେଲା ସେ ଭୂଖଣ୍ଡର ସୁପ୍ରାଚୀନ ଲୋକକଥାସବୁର ପୁନଃବିନ୍ୟାସ ଓ ତାଙ୍କ ନିଜସ୍ୱ ଶୈଳୀରେ ଉପସ୍ଥାପନ । ସେ ମନୋନୀତ କରିଥିବା କାହାଣୀଟିମାନ ଭିତରେ ଆମେ ଦେଖିପାରିବା ଜ୍ଞାନର ଏକ ଏକ ଝଲକ । ଆକ୍ଷରିକ ଅନୁବାଦ ନକରି ତାଙ୍କର ସେ କାହାଣୀମାଳାରୁ କେତୋଟିର ସଂକ୍ଷିପ୍ତ ରୂପ ''ନବପ୍ରକାଶ'' ଧାରାବାହିକ ପରିବେଷଣ କରିବ ।]

ଜାହାଜର ଯାତ୍ରୀମାନଙ୍କ ଭିତରେ ଥିଲେ ଜଣେ ବିଶିଷ୍ଟ ଧର୍ମଯାଜକ । ଖାଲି ଅନ୍ୟ ଯାତ୍ରୀମାନେ ନୁହନ୍ତି, ଜାହାଜର ଖାସ୍ କପ୍ତାନ୍ ତଥା ସମସ୍ତ କର୍ମଚାରୀ ତାଙ୍କୁ ସମ୍ମାନ ଦେଖାଉଥା'ନ୍ତି ।

ଦିନେ ପ୍ରାୟ ଦ୍ୱିପ୍ରହର ବେଳେ, ଧର୍ମଯାଜକ ମହୋଦୟ ତାଙ୍କ କକ୍ଷ ସାମନା ଡେକ୍ ଉପରେ ପଦଚାରଣା କରୁଥିବା ବେଳେ ଜାହାଜର କେତେଜଣ ତଳିଆ କର୍ମଚାରୀଙ୍କ କଥାବାର୍ତ୍ତା ତାଙ୍କ କାନରେ ପଡ଼ିଲା । ଦିଗ୍‌ବଳୟରେ ଦିଶୁଥିବା ଗୋଟାଏ କଳାବିନ୍ଦୁ ଆଡ଼କୁ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରି ଜଣେ କର୍ମଚାରୀ ତା' ସହକର୍ମୀମାନଙ୍କୁ କହୁଥାଏ, ''ଏହି ହେଲା ସେହି କୁନି ଦ୍ୱୀପ । ସେ ତିନିଜଣ ସନ୍ନ୍ୟାସୀ ଅଦ୍ୟାବଧି ତହିଁ ଅଛନ୍ତି । ସେପଟ ବନ୍ଦରରୁ ମାସକ ତଳେ ମୁଁ ଗୋଟାଏ ନୌକାରେ ଯାଇ ସେମାନଙ୍କୁ ଭେଟିଥିଲି । ସେମାନଙ୍କ ବୟସ କେତେ ହେବ କେଜାଣି ! ସେମାନେ ବୃଦ୍ଧ । ମୋ ବାପା ତାଙ୍କ ଯୁବା କାଳରେ ଏକଦା ସେମାନଙ୍କୁ ଭେଟିଥିଲେ । ସେତେବେଳେ ବି ସେମାନେ ଥିଲେ ବୃଦ୍ଧ । ତାହା ପ୍ରାୟ ପଚାଶ ବର୍ଷ ତଳର କଥା !''

ଧର୍ମଯାଜକ ମହୋଦୟ ବଡ଼ କୌତୂହଳୀ ହେଲେ । କର୍ମଚାରୀ ଜଣକୁ ପାଖକୁ ଡାକି, ତାକୁ ନାନାଦି ପ୍ରଶ୍ନ କରି ସେ ବୁଝିଲେ କି ସେ ବୃଦ୍ଧ ତିନିଜଣ ସେ ଦ୍ୱୀପରେ ରହି ସର୍ବଦା ଭଗବାନଙ୍କୁ ପ୍ରାର୍ଥନା କରି କହୁଥା'ନ୍ତି, ''ଆମ ଅଜ୍ଞାନତା ଦୂର କର; ନିଜ ପାଖକୁ ନିଅ !''

ଧର୍ମଯାଜକ ମହୋଦୟଙ୍କ ହୃଦୟରେ ସେ ଅଜଣା ସନ୍ନ୍ୟାସୀ ତ୍ରୟଙ୍କ ସକାଶେ କିଛି ମାତ୍ରାରେ କରୁଣା ଜାଗରିତ ହେଲା । ଆହା ବିଚରାମାନେ ! କେତେ ବର୍ଷ ଧରି ନିର୍ଜନ ଦ୍ୱୀପରେ ପଡ଼ି ରହି ଭଗବାନଙ୍କୁ ଡାକୁଛନ୍ତି ଯେ, ଅଥଚ କେମିତି ଡାକିବାକୁ ହୁଏ ସେ ନିୟମ ସେମାନଙ୍କୁ ଜଣା ନାହିଁ ! ବୁଢ଼ା ହୋଇ ଚାଲିଛନ୍ତି ବୃଥାରେ ।

ଧର୍ମଯାଜକ ଜାହାଜର କପ୍ତାନଙ୍କୁ ଡକାଇଲେ ଏବଂ ଜାହାଜକୁ କିଛି ସମୟ ସକାଶେ ସେ ଦ୍ୱୀପ ପାଖକୁ ନେଇଯିବାକୁ ଅନୁରୋଧ କଲେ । କପ୍ତାନ କହିଲେ କି ସେ ମଧ୍ୟ ସେ ତିନିଜଣ ସନ୍ନ୍ୟାସୀଙ୍କ କଥା ଶୁଣିଛନ୍ତି, କିନ୍ତୁ ସେମାନେ ପାଗଳ ବୋଲି ତାଙ୍କର ବିଶ୍ୱାସ । ସେ ଧର୍ମଯାଜକଙ୍କ ମହାନୁଭବତାର ପ୍ରଶଂସା ନକରି ରହିପାରିଲେ ନାହିଁ । କିନ୍ତୁ ତାଙ୍କ ପରାମର୍ଶ ହେଲା, ଧର୍ମଯାଜକ ତାଙ୍କ ମୂଲ୍ୟବାନ୍ ସମୟ ସିନା ଯଥାର୍ଥ ଭକ୍ତମାନଙ୍କ ସକାଶେ ବ୍ୟବହାର କରିବେ, ପାଗଳଙ୍କ ପାଇଁ ନଷ୍ଟ କରିବେ କାହିଁକି ?

ଧର୍ମଯାଜକ କିନ୍ତୁ କୁନି ଦ୍ୱୀପଟିର ସେ ତଥାକଥିତ ତିନି ପାଗଳଙ୍କୁ ଥରେ ଭେଟିବା ନିମନ୍ତେ ଆଗ୍ରହ ଦମନ କରିପାରିଲେ ନାହିଁ । ସେ କହିଲେ, ''ଶୁଣ ବାବୁ, ସେମାନେ ପ୍ରଭୁଙ୍କ ଭକ୍ତ ବୋଲି ଜଣା ପଡୁଛି । ତେବେ ସେମାନେ ଯେ ଦିଗ୍‌ଭ୍ରାନ୍ତ, ସେଥିରେ ସନ୍ଦେହ ନାହିଁ । ଭକ୍ତମାନଙ୍କ ଅଭିଭାବକ ରୂପେ ସେମାନଙ୍କୁ ପ୍ରାର୍ଥନାର ଯଥାର୍ଥ ପଦ୍ଧତି ଶିକ୍ଷା ଦେବା ମୋର ନୈତିକ କର୍ତ୍ତବ୍ୟ ନୁହେଁ କି ?''

ନିଜ ଅନିଚ୍ଛା ସତ୍ତ୍ୱେ କପ୍ତାନ ଜାହାଜକୁ ସେ କୁନି ଦ୍ୱୀପର ଯେତେ ସମ୍ଭବ ନିକଟକୁ ନିଆଯାଇପାରେ, ନେଲେ । ତା'ପରେ ଗୋଟାଏ ନୌକା ଯୋଗେ ଧର୍ମଯାଜକ ଯାଇ ଦ୍ୱୀପ କୂଳରେ ଅବତରଣ କଲେ । ଅଦୂର ପର୍ବତ କନ୍ଦରଟିମାନଙ୍କ ଆଗରେ ଠିଆ ହୋଇ ତିନି ବୃଦ୍ଧ ତାଙ୍କୁ ନିର୍ନିମେଷ ନୟନରେ ଅନାଇ ରହିଥା'ନ୍ତି । ଧର୍ମଯାଜକ ହସ ଫୁଟାଇ ସେମାନଙ୍କୁ ନିଜ ପାଖକୁ ଆସିବାକୁ ଇଙ୍ଗିତ ଦେବା ମାତ୍ରେ ତିନିହେଁ ଧୀରେ ଧୀରେ ଆସି ତାଙ୍କୁ ବିନୀତ ଭାବେ ଅଭିବାଦନ ଜଣାଇଲେ ।

ଧର୍ମଯାଜକ ସେମାନଙ୍କୁ ଆଶୀର୍ବାଦ ଜଣାଇ କହିଲେ, ''ଶୁଣିଲି, ତୁମେ ତିନିହେଁ ବହୁ ବର୍ଷ ଧରି ଏ ନିର୍ଜନ ସ୍ଥାନରେ

ରହି କେବଳ ମାତ୍ର ପ୍ରଭୁଙ୍କୁ ପ୍ରାର୍ଥନା କରି ଚାଲିଛ । ଉତ୍ତମ । କିନ୍ତୁ କେଉଁ ରୀତିରେ ପ୍ରାର୍ଥନା କରୁଛ କହିଲ ଶୁଣିବା ? ସଙ୍କୋଚ କରିବାର କାରଣ ନାହିଁ । ତୁମମାନଙ୍କୁ ଯଥାର୍ଥ ରୀତି ଶିଖାଇବାହିଁ ମୋର ଉଦ୍ଦେଶ୍ୟ ।''

ତିନି ବୃଦ୍ଧ ପରସ୍ପର ଚାହାଁଚୁହିଁ ହେଲେ । ସର୍ବାଧିକ ବୟସ୍କ ଜଣକ କହିଲେ, ''ଆମେ କହୁଁ, ହେ ପ୍ରଭୁ, ତୁମେ ଅଛ; ଆମେ ବି ଅଛୁଁ; ଆମେ ଅଜ୍ଞାନ । ଆମକୁ ଦୟାକର ! ପାଖକୁ ନିଅ ।''

''ବାସ୍ ?'' ଧର୍ମଯାଜକ ହସ ରୋକି ପଚାରିଲେ ଏବଂ ଯେତେବେଳେ ନିଶ୍ଚିତ ହେଲେ ଯେ ସେମାନଙ୍କୁ ବାସ୍ତବରେ ପ୍ରକୃତ ପ୍ରାର୍ଥନା କିପରି କରିବାକୁ ହୁଏ ତା'ର ବିନ୍ଦୁ ବିସର୍ଗ ଜଣା ନାହିଁ, ସେତେବେଳେ ଗୋଟାଏ ସମତଳ ସ୍ଥାନ ନିରୂପଣ କରି ସେମାନଙ୍କୁ ନିଜ ଆଗରେ ବସାଇଲେ ଏବଂ ତାଙ୍କ ଧର୍ମର ଶିକ୍ଷା ଅନୁସାରେ ପ୍ରଭୁ କିପରି ସ୍ୱର୍ଗବାସୀ ପିତା, ତାଙ୍କ ପୁତ୍ର କିପରି ମାନବର ପରିତ୍ରାତା, ଏବଂ ତାଙ୍କର ଅଶରୀରି ସତ୍ତା ମାନବର ସହାୟକ, ଏ ତତ୍ତ୍ୱ ବୁଝାଇଲେ ଏବଂ ଏ ତିନିଙ୍କୁ କେଉଁ ଭାଷାରେ ପ୍ରାର୍ଥନା କରିବାକୁ ହୁଏ, ସେ ବିଧି ଶିଖାଇଲେ । ପ୍ରଥମେ ସେ ବୃଦ୍ଧ-ଛାତ୍ରଗୁଡ଼ିକ କିଛିହିଁ ମନେରଖି ପାରିଲେ ନାହିଁ । କିନ୍ତୁ ଦୟାବନ୍ତ ଧର୍ମଯାଜକ ସେମାନଙ୍କୁ ମୁକ୍ତିମାର୍ଗ ଶିକ୍ଷା ଦେବାକୁ ବଦ୍ଧପରିକର । କେତେ ଘଣ୍ଟା ଧରି ସେ ମହାଶୟ ବୃଦ୍ଧମାନଙ୍କୁ ଶତବାର ତା'ଙ୍କ ଦୀକ୍ଷା ଆବୃତ୍ତି କରାଇଲେ ଏବଂ ଅବଶେଷରେ ସେମାନେ ତାଙ୍କ ଶିକ୍ଷା ସ୍ମୃତିଭୁକ୍ତ କରିପାରିଛନ୍ତି ବୋଲି ନିଶ୍ଚିତ ହୋଇ ସେମାନଙ୍କୁ ଆଉ ଥରେ ଆଶୀର୍ବାଦ ଦେଇ ନୌକା ଯୋଗେ ଜାହାଜକୁ ଲେଉଟିଆସିଲେ ।

କପ୍ତାନ ଆଶ୍ୱସ୍ତ ହେଲେ । ଜାହାଜ ଦିଗ ବଦଳାଇ ଗନ୍ତବ୍ୟ ଅଭିମୁଖେ ଅଗ୍ରସର ହେଲା । କେତୋଟି ଭ୍ରାନ୍ତ ଭକ୍ତଙ୍କୁ ଠିକ୍ ମାର୍ଗକୁ ଆଣିପାରିଥିବାର ସନ୍ତୋଷରେ ଧର୍ମଯାଜକ ମହୋଦୟ ସୁଖରେ ଶୟନ କଲେ ।

ରାତିର ଶେଷ ପ୍ରହରରେ ମହାଶୟ ଜଣକ କକ୍ଷ ବାହାରକୁ ଆସି ଡେକ୍ ଉପରେ ଗୋଟିଏ ଆରାମଦାୟକ ଚୌକିରେ ବସି ଅନ୍ଧକାରରେ ଅସୀମ ଊର୍ମିଳ ସମୁଦ୍ରର ଗାମ୍ଭୀର୍ଯ୍ୟ ଓ ତହିଁ ଉପରେ ନକ୍ଷତ୍ରରାଶିର ପ୍ରତିଫଳନର ପ୍ରଭାବ ଅନୁଭବ କରୁଥିଲେ । ଅନ୍ଧକାର କ୍ରମେ କ୍ଷୀଣ ହୋଇଆସୁଥିଲା । ହଠାତ୍ ମହାଶୟ ଦେଖିଲେ, ଦିଗ୍‌ବଳୟରେ ଗୋଟାଏ ଉଜ୍ଜ୍ୱଳ ଆଲୋକ କ୍ରମେ ଉଜ୍ଜ୍ୱଳତର ତଥା ନିକଟତର ହୋଇ ଆସୁଛି । କ'ଣ ହୋଇପାରେ ସେ ଗୋଟିକ ? ଆଉ ଗୋଟାଏ ଜାହାଜ ? ନା, ସେମିତି ମନେ ହୁଏନା । କୌଣସି ବିଶାଳ ସାମୁଦ୍ରିକ ପ୍ରାଣୀ ? ନା; କାରଣ ସେ ଜ୍ୟୋତିଃ କୌଣସି ପାର୍ଥିବ ଆଲୋକ ହୋଇପାରେନା ।

ତେବେ ଧର୍ମଯାଜକଙ୍କୁ ଅଧିକ ସମୟ ସେ ଆଲୋକର ହେତୁ ଉପରେ ଧନ୍ଦି ହେବାକୁ ପଡ଼ିଲା ନାହିଁ । ସେ ଜ୍ୟୋତିଃ ବିଚ୍ଛୁରଣ ହେଉଥିଲା ତିନିଜଣ ମଣିଷଙ୍କଠାରୁ; ଆଉ ସେମାନେ ହେଲେ ସେହି ଦ୍ୱୀପବାସୀ ତିନି ସନ୍ନ୍ୟାସୀ । ସେମାନେ ସମୁଦ୍ର ଉପରେ ଦୌଡ଼ି ଦୌଡ଼ି ଆସୁଥିଲେ ସେହି ଜାହାଜ ଉଦ୍ଦେଶ୍ୟରେ । ଆସି ଅଟକିଲେ ଠିକ୍ ଧର୍ମଯାଜକଙ୍କ ଚୌକି ଆଗରେ ।

ହତଭମ୍ବ ଧର୍ମଯାଜକଙ୍କୁ ଅଭିବାଦନ ଜଣାଇ ସବୁଠାରୁ ବୟସ୍କ ଜଣକ କହିଲେ, ''ତମେ ଏତେ କଷ୍ଟକରି ଆମକୁ ଯେଉଁ ପ୍ରାର୍ଥନା ପଦ୍ଧତି ଶିଖାଇଥିଲ, ଆମେ କିନ୍ତୁ ତାହା ପାଶୋରି ଦେଲୁଁ । ଯଦି ଆଉଥରେ କହନ୍ତ, ତେବେ ଆମେ ସ୍ମରଣ କରିବାକୁ ଯଥାସାଧ୍ୟ ଚେଷ୍ଟା କରନ୍ତୁ ।''

ଧର୍ମଯାଜକଙ୍କର ବାକ୍‌ସ୍ଫୂର୍ତ୍ତି ହେଲା ନାହିଁ । ତେବେ ସେ ଆତ୍ମସମ୍ବରଣ କରି ସେହି ଡେକ୍ ଉପରେ ଆଣ୍ଠୁମାଡ଼ି ବସି ସେମାନଙ୍କୁ ପ୍ରଣିପାତ କଲେ ଏବଂ କହିଲେ, ''ହେ ମହାତ୍ମା ତ୍ରୟ ! ଆପଣମାନଙ୍କୁ ମୋର କିଛିହିଁ ଶିଖାଇବାର ନାହିଁ । ଆପଣମାନେ ଯେଉଁ ରୀତିରେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ, ତାହାହିଁ କରୁଥା'ନ୍ତୁ । ଏ ଅଧମକୁ କ୍ଷମା କରନ୍ତୁ !''

ବିନା ବାକ୍ୟ ବ୍ୟୟରେ ବୁଲି ପଡ଼ିଲେ ତିନି ସନ୍ନ୍ୟାସୀ ଓ ଆପଣା ଦ୍ୱୀପ ଅଭିମୁଖେ ଦୌଡ଼ିବାକୁ ଲାଗିଲେ । ଅଚିରେ ଦିଗ୍‌ବଳୟରେ ସେମାନଙ୍କ ଔଜ୍ଜ୍ୱଲ୍ୟ ବିଲୀନ ହୋଇଗଲା ।

ସ୍ତବ୍ଧ ହୋଇ ବସି ରହିଥିଲେ ଧର୍ମଯାଜକ । ପ୍ରଭାତ ହୋଇ ଆସୁଥିଲା । ଭଗବାନ୍ ତାଙ୍କୁ ଏକ ମହାନ୍ ଶିକ୍ଷା ପ୍ରଦାନ କରିଥିବା ଯୋଗୁଁ ଧର୍ମଯାଜକ ଅଶ୍ରୁସଜଳ ନୟନରେ ତା'ଙ୍କୁ କୃତଜ୍ଞତା ଜଣାଇଲେ ।

(ଆନୁଷ୍ଠାନିକ ଧର୍ମସମୂହରେ ବିଧିବିଧାନ, ଯାନ୍ତ୍ରିକ କ୍ରିୟାନୁଷ୍ଠାନ ଓ ଗତାନୁଗତିକ ଅଭ୍ୟାସ ଉପରେ ଏଡ଼େ ଗୁରୁତ୍ୱ ଦିଆଯାଏ ଯେ ସେଥିରେ ଧର୍ମର ପ୍ରକୃତ ଉଦ୍ଦେଶ୍ୟ ଦିଗ୍‌ଭ୍ରଷ୍ଟ ହୋଇଯାଏ । ସରଳ ବିଶ୍ୱାସ ଓ ସମର୍ପଣର ମୂଲ୍ୟ ଅପରିସୀମ । ତିନି ସନ୍ନ୍ୟାସୀ ସ୍ୱତଃସ୍ଫୂର୍ତ୍ତ ଭାବରେ ଅର୍ଜିତ ନିଜ ନିଜ ମହିମା ସମ୍ପର୍କରେ ସଚେତନ ମଧ୍ୟ ନଥିଲେ । ସତ୍ୟ ହେଲା, ଭଗବାନଙ୍କ ସହ ଜଣକର ସମ୍ପର୍କ ସର୍ବଦା ବ୍ୟକ୍ତିଗତ ।)

(ନବବିନ୍ୟାସ : ଦେବପ୍ରିୟ) ❑

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୨୨)

## ମହେନ୍ଦ୍ରନାଥ ସ୍ୱାଇଁ

### ଦିବ୍ୟପ୍ରେମର ବାରିଧାରା

ପୂର୍ଣ୍ଣଯୋଗର ସାଧକକୁ ପଛକୁ ଫେରି ଚାହିଁବା ନିମନ୍ତେ ଉତ୍ସାହିତ କରାଯାଏ ନାହିଁ । ମା ଓ ଶ୍ରୀଅରବିନ୍ଦ ମଧ୍ୟ ଏହାକୁ ଅନୁମୋଦନ କରି ନାହାନ୍ତି । ବରଂ ଅତୀତର ଧାରଣା ଓ ବିଫଳତା ଉପରେ ଦୃଷ୍ଟି ନିବଦ୍ଧ ନକରିବାକୁ ସତର୍କ କରାଇ ଦେଇଛନ୍ତି, କାରଣ ''ଗତ କାଲିର ସୂର୍ଯ୍ୟ, ଆଜିର ସୂର୍ଯ୍ୟଙ୍କଠାରୁ ଅଧିକ ଗୌରବୋଜ୍ଜ୍ୱଳ ହୋଇ ନପାରନ୍ତି ।'' ତାଙ୍କର 'ଧ୍ୟାନ ଓ ପ୍ରାର୍ଥନା' ପୁସ୍ତକରେ ଦିବ୍ୟଜନନୀ ଶ୍ରୀମା ଅକସ୍ମାତ୍, ଅପ୍ରତ୍ୟାଶିତ ଏବଂ ଅଦୃଷ୍ଟପୂର୍ବ ନୂତନ ଘଟଣାମାନଙ୍କର ଗୌରବ ଏବଂ ମହିମା ସମ୍ପର୍କରେ ଆଲୋଚନା କରିଛନ୍ତି । ଏ ସମ୍ପର୍କରେ ଜାଣିବା ନିମନ୍ତେ ଆମେ ଜାନୁଆରୀ ୧୧, ୧୯୧୪ ପ୍ରାର୍ଥନାଟିକୁ ପାଠ କରିବା, ତାହା ଏହିପରି –

''EVERY moment all the unforeseen, the unexpected, the unknown is before us, every moment the universe is created anew in its entirety and in every one of its parts. And if we had a truly living faith, if we had the absolute certitude of Thy omnipotence and Thy sole reality, Thy manifestation could at each moment become so evident that the whole universe would be transformed by it.''

(CWM, Vol. I, p. 54)

ମା' କହୁଛନ୍ତି, ''ପ୍ରତି ମୁହୂର୍ତ୍ତରେ, ଅପ୍ରତ୍ୟାଶିତ, ପୂର୍ବରୁ ଦେଖାଯାଇ ନଥିବା ବା ଅଦୃଷ୍ଟପୂର୍ବ ଅଜ୍ଞାତ ଘଟଣାମାନ ଆମମାନଙ୍କ ସମ୍ମୁଖରେ ଉପସ୍ଥିତ, ପ୍ରତି ମୁହୂର୍ତ୍ତରେ ଏହି ବିଶ୍ୱ ସମ୍ପୂର୍ଣ୍ଣ ଭାବରେ, ନୂତନ ରୂପରେ ନିର୍ମିତ ହେଉଛି ଏବଂ ତତ୍‌ସହିତ ଏହାର ସମସ୍ତ ଅଂଶ ମଧ୍ୟ ନୂତନ ରୂପ ଗ୍ରହଣ କରୁଛି । ଏବଂ ଆମର ଯଦି ପ୍ରକୃତ ଆସ୍ଥା ଓ ବିଶ୍ୱାସ ଥାଏ, 'ଆପଣହିଁ ସର୍ବ ଶକ୍ତିମାନ୍' – ଏ କଥା ଯଦି ଆମେ ଦୃଢ଼ ଭାବରେ ଜାଣିଥାଉ, ଆପଣ ଯେ ଏକମାତ୍ର ସତ୍ୟ, ପ୍ରତି ମୁହୂର୍ତ୍ତରେ ଆପଣଙ୍କ ପରିପ୍ରକାଶ ଏତେ ବାସ୍ତବ ଯେ, ସମଗ୍ର ବିଶ୍ୱ ତାହା ଦ୍ୱାରା ରୂପାନ୍ତରିତ ହୋଇଯିବ ।''

ପୁନଶ୍ଚ ମା କହି ଚାଲିଛନ୍ତି, ''ଆମ ଚତୁଃପାର୍ଶ୍ୱରେ ଥିବା ବା ସମ୍ମୁଖରେ ଚାଲି ଯାଉଥିବା ଜିନିଷ ଓ ଘଟଣାମାନଙ୍କ ସହିତ ଆମେ ଏପରି ବାନ୍ଧି ହୋଇଯାଇଛୁ, ବିଶ୍ୱରେ ପ୍ରକାଶିତ ହୋଇ ସାରିଥିବା ଜିନିଷ ଓ ଘଟଣାମାନଙ୍କ ଦ୍ୱାରା ଏତେ ପରିମାଣରେ ପ୍ରଭାବିତ ହୋଇଯାଇଛୁ ଏବଂ ଆମମାନଙ୍କର ବିଶ୍ୱାସ ଏବଂ ଆସ୍ଥା ଏତେ ଦୁର୍ବଳ ଯେ, ପୁରାତନକୁ ସମ୍ପୂର୍ଣ୍ଣ ନୂତନ ରୂପ ଦେବା ପାଇଁ ଯେଉଁ ଅଦ୍ଭୁତ ଚମତ୍କାର କାର୍ଯ୍ୟ ଚାଲିଛି ସେଥିରେ ମାଧ୍ୟମଟିଏ ହୋଇ ସେବା କରିବାକୁ ମଧ୍ୟ ଆମର ସାମର୍ଥ୍ୟ ନାହିଁ... ।''

ଆମେ ନୂତନକୁ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇ ନାହୁଁ ବା ହେବାକୁ ଇଚ୍ଛା କରୁ ନାହୁଁ ଏବଂ ପୁରାତନକୁ ତ୍ୟାଗ କରିବାକୁ ଆଗ୍ରହ ପ୍ରକାଶ କରୁ ନାହୁଁ । ଫଳତଃ ସର୍ବତ୍ର ଏବଂ ସର୍ବଥା ସଂଘର୍ଷର ସମ୍ମୁଖୀନ ହେବାକୁ ପଡୁଛି । ପ୍ରଭୁ ଶ୍ରୀଅରବିନ୍ଦ ତାଙ୍କର ମହାକାବ୍ୟ ''ସାବିତ୍ରୀ''ର ଦ୍ୱିତୀୟ ଅଧ୍ୟାୟ, ଷଷ୍ଠ ପର୍ବ –''ଭାଗ୍ୟର ପଥ ଏବଂ ଯନ୍ତ୍ରଣାର ସମସ୍ୟା'' ଶୀର୍ଷକ ବିଷୟରେ ଏହି ସଂଘର୍ଷ ଓ ଯନ୍ତ୍ରଣାର କାରଣ ନିରୂପଣ କରିଛନ୍ତି । ତାହା ଏହିପରି –

ଏହାର ପୃଷ୍ଠଭୂମି ହେଉଛି ମଦ୍ରଦେଶର ରାଜସଭା – ଯେଉଁଠି ମଦ୍ରମହିଷୀ ତଥା ସାବିତ୍ରୀଙ୍କ ଜନନୀଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଦେବର୍ଷି ନାରଦ କହୁଛନ୍ତି –

''Thy mind's light hides from thee
the Eternal's thought,
Thy heart's hopes hide from thee
the Eternal's will,
Earth's joys shut from thee
the Immortal's bliss.
Thence rose the need of a dark
intruding god,

The world's dread teacher,
the creator, pain.''
(Savitri, p. 443)

''ତୁମରି ମନର ଆଲୋକ ଲୁଚାଏ ଚିରନ୍ତନୀ ଭାବନାକୁ,
ତୁମ ହୃଦୟର ଅଗଣିତ ଆଶା ଲୁଚାଏ ଦିବ୍ୟ ଇଚ୍ଛାକୁ,
ପାର୍ଥିବ ଆନନ୍ଦ ଅବରୋଧ କରେ ଶାଶ୍ୱତ ଆନନ୍ଦ ଧାରା
ତେଣୁ ସେ ସକଳ ତୁମରି ପାଖରେ
କେବେ ନ ଦିଅନ୍ତି ଧରା ।
ସେହି କାରଣରୁ ଆବଶ୍ୟକ ହୁଏ ଏକ ଅସ୍ପଷ୍ଟ ଦେବତାଙ୍କୁ,
ବିନା ନିମନ୍ତ୍ରଣେ ଆସିଯା'ନ୍ତି ସିଏ ଯନ୍ତ୍ରଣା ଚଖାଇବାକୁ
ସିଏ ରହିଛନ୍ତି ଏହି ଜଗତରେ ନିଷ୍ଠୁର ଶିକ୍ଷକ ହୋଇ
ସୃଷ୍ଟି କରୁଥା'ନ୍ତି ସବୁ ଅଘଟଣ ଯନ୍ତ୍ରଣା ନାମକୁ ବହି ।''

କିନ୍ତୁ ଦିବ୍ୟଜନନୀ ଶ୍ରୀମା ହେଉଛନ୍ତି କରୁଣାମୟୀ; ସମଗ୍ର ମାନବ ସମାଜକୁ ପଛରେ ଠିଆ କରାଇ, ସମ୍ମୁଖରେ ନିଜେ ଠିଆ ହୋଇ, ସମସ୍ତଙ୍କ ଭିତରେ ଜଣେ ହୋଇ, ପରମ ପ୍ରଭୁଙ୍କ ନିକଟରେ ନିବେଦନ କରିଛନ୍ତି ମାନବଜାତିର ଅକ୍ଷମତା ଓ ଦୁର୍ବଳତାକୁ । କିନ୍ତୁ ପରକ୍ଷଣରେ ବହୁ ଊର୍ଦ୍ଧ୍ୱକୁ ଉଠିଯାଇ ବିଶ୍ୱାତୀତା ଜନନୀଙ୍କର ରୂପଧାରଣ ପୂର୍ବକ ପ୍ରଭୁଙ୍କ ଦରବାରରେ ପ୍ରକାଶ କରୁଛନ୍ତି ଉକ୍ତ ଜାନୁଆରୀ ୧୧, ୧୯୧୪ ପ୍ରାର୍ଥନାଟିର ପ୍ରଥମ ଅନୁଚ୍ଛେଦର ମଧ୍ୟ ଭାଗରେ –

''But, Lord, I know that it will come one day. I know that a day will come when Thou wilt transform all those who come to us; Thou wilt transform them so radically that, liberated completely from the bonds of the past, they will begin to live in Thee an entirely new life, a life made solely of Thee, with Thee as its sovereign Lord.''

(CWM, Vol. I, p. 54)

''କିନ୍ତୁ ହେ ପ୍ରଭୁ, ମୁଁ ଜାଣିଛି ଯେ ଏହା (ଏହି ସମୟ) ନିଶ୍ଚିତ ଭାବରେ ଦିନେ ନା ଦିନେ ଆସିବ ଯେତେବେଳେ ଆପଣ ସମସ୍ତଙ୍କୁ, ଯେଉଁମାନେ ଆମ ପାଖକୁ ଆସୁଛନ୍ତି, ସମସ୍ତଙ୍କୁ ରୂପାନ୍ତରିତ କରି ଦେବେ – ବଦଳାଇ ଦେବେ, ଆପଣ ସେମାନଙ୍କୁ ଏପରି ଭାବରେ ଆମୂଳଚୂଳ ପରିବର୍ତ୍ତନ କରି ଦେବେ ଯେ, ସେମାନେ ଅତୀତର ବନ୍ଧନରୁ ସମ୍ପୂର୍ଣ୍ଣରୂପେ ମୁକ୍ତ ହୋଇଯିବେ – ଆପଣଙ୍କ ଭିତରେ ବାସ କରିବାକୁ ଲାଗିବେ – ଏକ ସମ୍ପୂର୍ଣ୍ଣ ନୂତନ ଜୀବନଟିରେ ବାସ କରିବେ ଯେଉଁ ଜୀବନଟି କେବଳ ମାତ୍ର ଆପଣଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିବ ଏବଂ ଆପଣ ସେହି ଜୀବନ କ୍ଷେତ୍ରରେ ସାର୍ବଭୌମ ଅଧିକାରୀ ରୂପେ ବିରାଜମାନ କରୁଥିବେ ।''

ମା' କହୁଛନ୍ତି, ''ଏହିପରି ଭାବେ ସମସ୍ତ ଜଞ୍ଜାଳ ସ୍ଥିର ହୋଇଯିବ – ସମସ୍ତ ଦୁଃଖ ପ୍ରଶାନ୍ତିରେ, ସବୁ ସନ୍ଦେହ ନିଶ୍ଚିତତାରେ, ସବୁ କୁତ୍ସିତତା ସଙ୍ଗତିରେ, ସକଳ ଅହଂକାର ଆତ୍ମ-ନିବେଦନରେ, ଅନ୍ଧକାର ଆଲୋକରେ ଏବଂ ସକଳ ପ୍ରକାର ଯନ୍ତ୍ରଣା ଅପରିବର୍ତ୍ତିତ ଆନନ୍ଦରେ ରୂପାନ୍ତରିତ ହୋଇଯିବ ।

''ହେ ପ୍ରଭୁ, ଆପଣ ଏହି ସୌନ୍ଦର୍ଯ୍ୟମୟ ଅଦ୍ଭୁତ ଚମତ୍କାର କାର୍ଯ୍ୟଗୁଡ଼ିକୁ କରି ଚାଲିଛନ୍ତି ।''

ମା ଏହି କାର୍ଯ୍ୟକୁ ଦେଖିପାରିଛନ୍ତି ଏବଂ କହୁଛନ୍ତି, ''ଆମର ଚତୁଃପାର୍ଶ୍ୱରେ ଆପଣଙ୍କ କାର୍ଯ୍ୟସକଳ ଫୁଲ ଫୁଟିଲା ପରି ଫୁଟି ଉଠୁଛି ।

''ହେ ସୌନ୍ଦର୍ଯ୍ୟ ଓ ପ୍ରେମର ଦିବ୍ୟଧାରା, ହେ ସର୍ବୋତ୍ତମ ମୁକ୍ତିଦାତା, ଆପଣଙ୍କ ଶକ୍ତି ସମକ୍ଷରେ କୌଣସି ପ୍ରତିବନ୍ଧକ ତିଷ୍ଠିପାରିବ ନାହିଁ । କେବଳ ଆମମାନଙ୍କର ନିଜସ୍ୱ ଅଜ୍ଞାନତା ଆପଣଙ୍କର ନିରବଚ୍ଛିନ୍ନ ବିଜୟର ଆରାମଦାୟକ ଦୃଶ୍ୟଠାରୁ ଆମକୁ ବଞ୍ଚିତ କରି ରଖିଛି ।''

ଦିବ୍ୟଜନନୀ ଶ୍ରୀମା ହେଲେ ଜ୍ୟୋତିର୍ମୟୀ, ଆନନ୍ଦମୟୀ । ସଦାସର୍ବଦା ଜ୍ୟୋତିଃ ଓ ଆନନ୍ଦ ବିତରଣ କରି ଚାଲିଛନ୍ତି । କିନ୍ତୁ ଉକ୍ତ ପ୍ରାର୍ଥନାର ଉପସଂହାରରେ ମା କହୁଛନ୍ତି,

''ମୋ ହୃଦୟ ଆନନ୍ଦର ମୂର୍ଚ୍ଛନାରେ ଉଦ୍‌ବେଳିତ ଏବଂ ମୋର ଚିନ୍ତା ସେହି ଆନନ୍ଦର ପ୍ରଭାବରେ ଆଲୋକିତ ।

''ଆପଣଙ୍କର ବିଶ୍ୱାତୀତ ଏବଂ ଚମତ୍କାର ପ୍ରେମ ହେଉଛି ଏହି ଜଗତର ସାର୍ବଭୌମ ପ୍ରଭୁ ।''

ଉକ୍ତ ଦିବ୍ୟପ୍ରେମ ପୃଥିବୀପୃଷ୍ଠକୁ ଅବତରଣ କରିବା ସମ୍ପର୍କରେ ମା ୧୯୬୩ ମସିହାରେ ତାଙ୍କ ଏଜେଣ୍ଡା ପୁସ୍ତକରେ ଉଲ୍ଲେଖ କରିଛନ୍ତି, (ମା'ଙ୍କ ଏଜେଣ୍ଡା, ଚତୁର୍ଥ ଖଣ୍ଡ, ପୃଷ୍ଠା ୧୫୭-୧୫୯ ଏବଂ ପୃଷ୍ଠା-୨୨୭) । ମା କହୁଛନ୍ତି, ''ଦିବ୍ୟପ୍ରେମ ପୃଥିବୀପୃଷ୍ଠକୁ ଅବତରଣ କରିପାରୁ ନାହିଁ କାରଣ ପୃଥିବୀ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ନାହିଁ । ପୃଥିବୀ 'ସତ୍ୟ' ଉପରେ ପ୍ରତିଷ୍ଠିତ ହେବା ଆବଶ୍ୟକ ।'' ଏହାର କିଛି ମାସ

ପରେ ମା ତାଙ୍କର ଏହି ବାଣୀଟିରେ କିଛି ପରିବର୍ତ୍ତନ ଆଣିଛନ୍ତି ଏବଂ କହୁଛନ୍ତି, ''ପୃଥିବୀରେ କିଛି ପରିବର୍ତ୍ତନ ହୋଇଛି । ପୃଥିବୀର ଦୃଢ଼ ଅଭୀପ୍ସା ଦିବ୍ୟପ୍ରେମକୁ ନିମ୍ନକୁ ଡାକି ଆଣିଛି । ଯଦି ଜଣେ ବ୍ୟକ୍ତିର ଗ୍ରହଣଶୀଳତା ଥାଏ ତେବେ ସେ ଏହାକୁ ଅନୁଭବ କରିପାରିବ ଏବଂ ଏହାର (ଦିବ୍ୟପ୍ରେମର) ଯନ୍ତ୍ର ହୋଇପାରିବ । ଦିବ୍ୟପ୍ରେମର ଯନ୍ତ୍ର ହେବାଠାରୁ ଆଉ ଅଧିକ ଆନନ୍ଦଦାୟକ କଥା କ'ଣ ହୋଇପାରେ ?''

ପାଠକମାନେ ଲକ୍ଷ୍ୟ କରିଥିବେ ଯେ ଆଲୋଚ୍ୟ ପ୍ରାର୍ଥନାଟି ଜାନୁଆରୀ ୧୧, ୧୯୧୪ ମସିହାର । ଦିବ୍ୟପ୍ରେମ ପୃଥିବୀପୃଷ୍ଠକୁ ଅବତରଣ କଲା ୧୯୬୩ ମସିହାରେ । ଏହା ମଧ୍ୟରେ ଅତିବାହିତ ହୋଇଯାଇଛି ଦୀର୍ଘ ୪୯ ବର୍ଷ । ପୁନଶ୍ଚ ୧୯୬୩ରୁ ୨୦୧୭ ମସିହା ପର୍ଯ୍ୟନ୍ତ ଦୀର୍ଘ ୫୪ ବର୍ଷ ଭିତରେ ପୃଥିବୀପୃଷ୍ଠରେ ପରମପ୍ରଭୁଙ୍କର ସୌନ୍ଦର୍ଯ୍ୟମୟ ଦିବ୍ୟପ୍ରେମର ଧାରାକୁ ସ୍ୱୟଂ ଦିବ୍ୟଜନନୀ ଶ୍ରୀମା ନିଜ ଭିତରେ ଧାରଣ କରିଛନ୍ତି ଏବଂ ବିତରଣ କରି ଚାଲିଛନ୍ତି ସମସ୍ତଙ୍କୁ – କେବଳ ମଣିଷ ନୁହନ୍ତି, ବୃକ୍ଷଲତା, ଜୀବଜନ୍ତୁ, ଅଶରୀରି ପ୍ରାଣଶକ୍ତି, ଯନ୍ତ୍ରପାତି, କଳକାରଖାନା – ନିର୍ଜୀବ ହେଉ ବା ସଜୀବ ହେଉ, ଯିଏ ହାତ ପାତିଲା, ତା' ଆଞ୍ଜୁଳାକୁ ଭରି ଦେଇଛନ୍ତି ଦିବ୍ୟପ୍ରେମର ଧାରାରେ – ତାହା ସ୍ପର୍ଶରେ ହେଉ, ସ୍ମିତ-ହାସ୍ୟରେ ହେଉ ବା ଆଶୀର୍ବାଦ ପୁଷ୍ପ ମାଧ୍ୟମରେ ହେଉ... ।

ଉକ୍ତ ବିଷୟର ପରିପ୍ରେକ୍ଷୀରେ ସ୍ମୃତିପଟରେ ଉଙ୍କି ମାରୁଥିବା ଏକ ଦିବ୍ୟପ୍ରେମ ପ୍ରବାହର କଥା ଉଲ୍ଲେଖ କରିବାର ଲୋଭ ସମ୍ବରଣ କରି ହେଉ ନାହିଁ । ଘଟଣାଟି ଏହିପରି – ମା'ଙ୍କ ପ୍ରକୋଷ୍ଠରେ ଦର୍ଶନ କରିବା ସମୟରେ ଜନୈକ ସାଧକଙ୍କ ବକ୍ଷଦେଶରେ ଗୋଟିଏ ଅଙ୍ଗୁଳିରେ ଦିବ୍ୟ-ସ୍ପର୍ଶ ପ୍ରଦାନ କରି ଦିବ୍ୟଜନନୀ ତାଙ୍କୁ ଆଶୀର୍ବାଦ କଲେ । ତତ୍‌ପରେ ଦ୍ୱିତୀୟ ବ୍ୟକ୍ତିଙ୍କ ହୃଦୟରେ ତିନୋଟି ଅଙ୍ଗୁଳିର ସ୍ପର୍ଶ ଦେଇ ସ୍ମିତହାସ୍ୟ ପ୍ରଦାନ କଲେ । ଏହାକୁ ଲକ୍ଷ୍ୟ କରୁଥିବା ପ୍ରଥମ ସାଧକ ଜଣଙ୍କ ମା'ଙ୍କୁ ଅତ୍ୟନ୍ତ ନମ୍ର ଏବଂ ଧୀର ଭାବରେ ବିନୀତ ନିବେଦନ କଲେ, ''ମା, ତାଙ୍କୁ ତିନୋଟି ଅଙ୍ଗୁଳିରେ ସ୍ପର୍ଶ, ମୋ ପାଇଁ କାହିଁକି ଗୋଟିଏ ?'' ଦିବ୍ୟଜନନୀଙ୍କ ଓଷ୍ଠାଧରରେ ସ୍ମିତହାସ୍ୟର ଦିବ୍ୟପ୍ରେମ ଧାରା । ସେ ଉତ୍ତରରେ କହିଲେ, ''ହେ ମୋର ପ୍ରିୟ ସନ୍ତାନ, ତାଙ୍କ ହୃଦୟରେ ତିନୋଟି ଦ୍ୱାର ବନ୍ଦ ଥିଲା, ତୁମର ତ ଗୋଟିଏ ।''

ଏତାଦୃଶ ସ୍ନିଗ୍ଧ, ଶୀତଳ ଅମୃତମୟ ଶବ୍ଦ କେତୋଟି ଶ୍ରବଣ କରି ଭକ୍ତଙ୍କର ଅନୁଭବ ହେଲା ଯେ ସେ ଦିବ୍ୟ-ପ୍ରେମ ବାରିଧାରାରେ ଅବଗାହନ କରୁଛନ୍ତି, ହୃଦୟରେ ପରିପୂର୍ଣ୍ଣ ଅପାର ଆନନ୍ଦ ଏବଂ ଚକ୍ଷୁ ଦ୍ୱୟରୁ ସତତ ନିର୍ଗତ ଆନନ୍ଦାଶ୍ରୁର ଧାରା ... ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା; (୨) Notes on the Prayers and Meditations : Goutam Ghosal

ମା'ଙ୍କୁ ସ୍ମରଣ ରଖ ଏବଂ ସ୍ଥୂଳ ଦୃଷ୍ଟିରୁ ତାଙ୍କଠାରୁ ଦୂରରେ ଥିଲେ ବି ସେ ତୁମ ସହ ଅଛନ୍ତି ବୋଲି ଅନୁଭବ କର ଏବଂ ତୁମର ଆନ୍ତରସତ୍ତା ତାଙ୍କ ଇଚ୍ଛା ବୋଲି ତୁମକୁ ଯାହା ଜଣାଇ ଦେଉଛି ସେହି ଅନୁଯାୟୀ କାର୍ଯ୍ୟ କର । ତା'ହେଲେ ତୁମେ ମା'ଙ୍କ ଓ ମୋର ଉପସ୍ଥିତି ସର୍ବୋତ୍ତମଭାବେ ଅନୁଭବ କରିପାରିବ ଏବଂ ତୁମ ଚାରିପଟେ ଏକ ରକ୍ଷାକବଚ ସଦୃଶ ଆମର ସାନ୍ନିଧ୍ୟ ଓ ନିଶ୍ଚଳତାର ଏକ ପରିବେଶ ବହନ କରି ଚାଲିବ ଏବଂ ସବୁ କ୍ଷେତ୍ରରେ ଆମର ଆଲୋକ ତୁମ ସହ ରହିବ ।

ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୫୧)

## ସାହାନା ଦେବୀ

**ସାହାନା :** ମାଗୋ, ବର୍ତ୍ତମାନ ପୁନର୍ବାର ତୁମକୁ ମୋର ଏକ କଥା ଜିଜ୍ଞାସା କରିବାର ଅଛି ପରିଷ୍କାର ଭାବେ ଜାଣିବା ପାଇଁ । ଆମର ଭଲପାଇବାରେ, ଯାହାକି ମିଶ୍ରଣ ହେବା ସତ୍ତ୍ୱେ ମଧ୍ୟ ସେଥିରେ କ'ଣ କିଛି ସତ୍ୟର ଉପାଦାନ ନାହିଁ ? ତୁମର ଦର୍ଶନ ପାଇଲେ ମୁଁ କାହିଁକି ଏତେ ଆନନ୍ଦିତ ହୁଏ, କାହିଁକି ମୋର ସମସ୍ତ ସତ୍ତା ଏତେ ଖୁସୀ ଓ ଉଲ୍ଲସିତ ହୋଇ ଉଠେ ଯେତେବେଳେ ମୁଁ ତୁମକୁ ଦେଖିବାକୁ ପାଏ ବା ତୁମ ପାଖକୁ ଯିବାକୁ ସୁଯୋଗ ପାଏ । ଏବଂ କାହିଁକି ବା ତୁମ ନିକଟରୁ ଫେରି ଆସିଲେ ସାରାଦିନ ମୁଁ କେବଳ ତୁମରହିଁ ହୋଇ ରହିଥାଏ ? ଏହା କ'ଣ ପ୍ରାଣିକ (Vital) ଭଲପାଇବା ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ପ୍ରାଣିକ ଭଲପାଇବାରେ କୌଣସି କ୍ଷତି ନାହିଁ ଯଦି ତାହା ବିଶୋଧିତ ହୋଇଥାଏ ସମସ୍ତ କପଟତା (ଉଦାହରଣ – ଆତ୍ମପ୍ରାଧାନ୍ୟ ଇତ୍ୟାଦି) ଏବଂ ସମସ୍ତ ଦାବିଠାରୁ । ମା'ଙ୍କୁ ଦେଖି ଆନନ୍ଦିତ ହେବା ସମ୍ପୂର୍ଣ୍ଣ ଠିକ୍, କିନ୍ତୁ ତାହା ଏକ ଅଧିକାର ବୋଲି ଦାବି କରିବା ଅଥବା ତାହା ନମିଳିଲେ ବିଚଳିତ ହେବା, ବିଦ୍ରୋହ ବା ଅଭିମାନ କରିବା ବା ଅନ୍ୟ କେହି ଯେଉଁମାନେ ତାହା ପାଉଛନ୍ତି ତାଙ୍କ ପ୍ରତି ଈର୍ଷା ବୋଧ କରିବା – ଏଇ ସବୁ ହେଲା ଦାବି, ଏବଂ ଏହା ସୃଷ୍ଟି କରେ ଅଶୁଦ୍ଧତା ଯାହା ଭଲପାଇବା ଏବଂ ଆନନ୍ଦକୁ ନଷ୍ଟ କରେ ।

(୧୩.୯.୩୪)

**ସାହାନା :** ମୋର ପ୍ରିୟତମା ମା, ଗତ ଗୁରୁବାରଠାରୁ ନିବିଡ଼ ନୀରବତା ଏବଂ ଗଭୀର ଶାନ୍ତି ମୋର ଅନ୍ତରରେ ଅବତରଣ କରିଛି, ଏବଂ ତାହା କ୍ରମଶଃ ତୀବ୍ରରୁ ତୀବ୍ରତର ହୋଇ ଉଠୁଛି । ଏଥର ମୁଁ ଖୁବ୍ ଯତ୍ନ ସହକାରେ ମୋ ମଧ୍ୟକୁ ଯାହା ଅବତରଣ କରିଛି ତାକୁ ସାଇତି ରଖିବାକୁ ଚାହୁଁଛି । ଏଇ ନୀରବତା ଏବଂ ଶାନ୍ତି ମୋତେ ପ୍ରବଣତା ଦେଇଛି ଆନ୍ତରମୁଖୀ ହେବା ଦିଗରେ । ମୋର ସମସ୍ତ କର୍ମ ଏବଂ ଗତିବିଧିରେ ଅନୁଭବ କରୁଛି ଯେ ମୁଁ ଆନ୍ତର ସତ୍ତାରେହିଁ ବାସ କରୁଛି । ସମୟେ ସମୟେ ଧ୍ୟାନରେ ବସିବାକୁ ଏତେ ପ୍ରବଳ ଇଚ୍ଛା ଜାଗ୍ରତ୍ ହୁଏ ଯେ ମୁଁ କଥା ବି କହି ପାରେନା, ଚକ୍ଷୁ ମଧ୍ୟ ଖୋଲି ରଖିପାରେନା; ଧ୍ୟାନ ଆପଣାଛାଏଁ ହୋଇଯାଏ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଅତି ଉତ୍ତମ । ଶାନ୍ତି ଓ ନୀରବତାକୁ ଆହୁରି ଅଧିକ ଗଭୀରରେ ସ୍ଥିତିଲାଭ କରିବାକୁ ହେବ, ଏତେ ଗଭୀର ଯେ ବାହାରୁ ଯାହା କିଛି ଆସିବ ତାହା କେବଳ ବହିର୍ଭାଗର ଉପର ଦେଇ ଚାଲିଯିବ – ଭିତରର ପ୍ରତିଷ୍ଠିତ ପ୍ରଶାନ୍ତିକୁ କୌଣସି ଅସୁବିଧା ନକରି । ଧ୍ୟାନ ଯେ ସ୍ୱତଃ ଆସୁଛି ଏହା ମଧ୍ୟ ଭଲ – ଏହାର ଅର୍ଥ ହେଉଛି ଯୋଗ ଶକ୍ତି ସାଧନାକୁ ଗ୍ରହଣ କରିବାକୁ ଆରମ୍ଭ କରୁଛି । (୧୮.୯.୩୪)

**ସାହାନା :** ମା ମୋର, ସବୁ ଛାଡ଼ି ଅନ୍ତରମୁଖୀ ହୋଇ ରହି ପାରିଲେ ଆମେ କେତେ ଆନନ୍ଦ ଅବା ନପାଉ, ଅଥଚ ସାମାନ୍ୟ ଟିକିଏ ଭାବପ୍ରବଣ ନହୋଇ କ୍ଷଣସ୍ଥାୟୀ ପ୍ରାଣିକ ଆନନ୍ଦର ଲୋଭରେ ସେ ଦିଗକୁ ଝୁଙ୍କି ପଡ଼ି ଆମେ କେମିତିଭାବେ ସେସବୁକୁ ଜାବୁଡ଼ି ଧରି ନଥାଉ ଏବଂ ସେସବୁକୁ ଧରି ରଖିବାକୁ ଯାଇ ସୃଷ୍ଟି କରୁ କେତେ ଦୁଃଖ-କଷ୍ଟ, ଦ୍ୱାର ଖୋଲି ଦେଉ କେତେ ଘାତ-ପ୍ରତିଘାତର । ସ୍ପଷ୍ଟ ରୂପେ ବୁଝି ପାରୁଛି କାହାରି ପ୍ରତି ବା କିଛି ଜିନିଷ ପ୍ରତି ଟିକିଏ ବି ଆସକ୍ତି ଏହି ପଥରେ ଅଗ୍ରସର ହେବାର ଏକ ବିରାଟ ଅନ୍ତରାୟ ।

ଗୋଟିଏ କଥା ମାଗୋ, ପ୍ରଗାଢ଼ ତୀବ୍ର ଶାନ୍ତି ଯେତେବେଳେ ଅବତରଣ କରିଥିଲା ସେତେବେଳେ ଯେପରି ଅନୁଭବ ହୋଇଥିଲା ବର୍ତ୍ତମାନ କିନ୍ତୁ ସେ ପ୍ରକାର ଆଉ ଲାଗୁ ନାହିଁ । ବର୍ତ୍ତମାନ ମନେ ହେଉଛି ଏହି ଅବସ୍ଥାହିଁ ସ୍ୱାଭାବିକ । ଶାନ୍ତି ମୋର ରକ୍ତମାଂସ ସହ ଯେପରି ମିଶି ଯାଇଛି – ରହିଛି ଏକ ବିଶାଳତାର ଅନୁଭୂତି ମଧ୍ୟରେ ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଏହା ଅବଶ୍ୟ ଯେପରି ହେବା ଉଚିତ ଠିକ୍ ସେହିପରିହିଁ ହୋଇଛି । ଏହା ଆହୁରି ମଧ୍ୟ ଏତେ ଦୂର ଅଗ୍ରସର ହେବ ଯେ ଏହି ଶାନ୍ତି ଓ ବିଶାଳତା ତୁମେ ଅନୁଭବ କରିବ ତୁମର ପ୍ରକୃତ ଆତ୍ମା ରୂପେ । ତାହା ହେବ ତୁମ ଚେତନାର ଚିରନ୍ତନ ସାରବସ୍ତୁ ଯାହା ବର୍ତ୍ତମାନ ଅପରିବର୍ତ୍ତନୀୟ ରୂପେ ବିଦ୍ୟମାନ । (୨୬.୦୯.୩୪)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

# ଗୋଲାପି ନଗରୀରେ ସୁନେଲି କୃତଜ୍ଞତା

## (୩)

## ସୂର୍ଯ୍ୟକାନ୍ତି ମହାନ୍ତି

କୃତଜ୍ଞତାର ନିବାସସ୍ଥଳୀ ସର୍ବକାଳରେ ସ୍ୱର୍ଗଠାରୁ ବହୁ ଊର୍ଦ୍ଧ୍ୱରେ, ସାଗରଠାରୁ ବହୁ ଗଭୀରରେ ଏବଂ ହୃଦୟର ନିଭୃତ ପ୍ରକୋଷ୍ଠର ଆନନ୍ଦ ଭବନରେ । ବିଶ୍ୱ ସାହିତ୍ୟ ତଥା ଭାରତୀୟ ପୁରାଣ ଓ ଇତିହାସର ପୃଷ୍ଠାସବୁ କୃତଜ୍ଞତାର କାହାଣୀରେ ଭରପୂର । ଏ ପର୍ଯ୍ୟାୟରେ ପଶୁପକ୍ଷୀଙ୍କର ରୂପକଥା ମଧ୍ୟ ଅତୀବ ଆକର୍ଷଣୀୟ । ଏକବିଂଶ ଶତାବ୍ଦୀରେ ବି କୃତଜ୍ଞତାର ଏହି ସତ୍ୟ କାହାଣୀଟି ମଣିଷକୁ ଅଭିଭୂତ କରେ ।

ଇନ୍‌ଫୋସିସ୍ ଫାଉଣ୍ଡେସନ୍‌ର ଚେୟାର ପରସନ୍ ଏବଂ ବିଖ୍ୟାତ ଲେଖିକା ସୁଧା ମୂର୍ତ୍ତି । ସାଧାରଣ ଜୀବନରେ ସେ ଦେଖନ୍ତି ଆଲୋକର ଶିଖା । ତାହାକୁ ନେଇ ସେ ରଚନ୍ତି କାହାଣୀ, ଗ୍ରନ୍ଥ, ମହାଗ୍ରନ୍ଥ । ତାଙ୍କର ଗଳ୍ପ ପୁସ୍ତକ 'The Day I stopped Drinking Milk'ରେ ଏକ ହୃଦୟସ୍ପର୍ଶୀ ସତ୍ୟ କାହାଣୀ 'Bombay to Bangalore'ର ଏକ ଆକର୍ଷଣୀୟ ଚରିତ୍ର ଏଠାରେ ଉପସ୍ଥାପିତ କରାଯାଉଛି ।

ଏହା ଥିଲା ଗ୍ରୀଷ୍ମର ଆରମ୍ଭ । ଲେଖିକା ଗୁଲ୍‌ବର୍ଗା ରେଲୱେ ଷ୍ଟେସନରୁ ଉଦୟନ୍ ଏକ୍ସପ୍ରେସ୍‌ରେ ଯାତ୍ରାରମ୍ଭ କରିଥିଲେ ବେଙ୍ଗାଲୁରୁ ଅଭିମୁଖେ । ସେ ଦ୍ୱିତୀୟ ଶ୍ରେଣୀ ବଗିରେହିଁ ଯାତ୍ରା କରୁଥିଲେ । ତିନିଜଣଙ୍କ ବସିବା ପାଇଁ ଉଦ୍ଦିଷ୍ଟ ଥିବା ସିଟ୍‌ରେ ଛଅ ଜଣ ବସିଥିବାରୁ ଲେଖିକାଙ୍କୁ ସିଟ୍‌ର ଗୋଟିଏ କୋଣକୁ ଗୁଞ୍ଜି ହୋଇ ବସିବାକୁ ପଡ଼ିଲା । କିଛି ସମୟ ପରେ ଟିକେଟ କଲେକ୍ଟର ଆସି ଲୋକମାନଙ୍କର ଟିକଟ ଯାଞ୍ଚ କଲେ । ହଠାତ୍, ପୁଣି ଥରେ ଲେଖିକାଙ୍କ ଆଡ଼କୁ ଅନାଇ ଟିକଟ କାହିଁ ବୋଲି ପ୍ରଶ୍ନ କଲେ । ସେ ଆଗରୁ ଏହା ଦେଖାଇ ସାରିଛନ୍ତି ବୋଲି ଉତ୍ତର ଦେଲେ । ମାତ୍ର ଲେଖିକାଙ୍କର ସିଟ୍‌ର ତଳେ ଝିଅଟିଏ ଲୁଚି କରି ବସିଥିବାରୁ ତା' ଟିକଟହିଁ ଟିକେଟ କଲେକ୍ଟର ମାଗୁଥିଲେ । ତା'ପରେ ବାହାରକୁ ବାହାରି ଆସିବା ପାଇଁ ଝିଅଟିକୁ ସେ ନିର୍ଦ୍ଦେଶ ଦେଲେ । ସେତେବେଳେ ଯାଇ ଲେଖିକା ବୁଝିଲେ ଯେ ତାଙ୍କ ସିଟ୍ ତଳେ କେହି ଜଣେ ବସିଛି । ଯେତେବେଳେ ଟିକେଟ କଲେକ୍ଟର ସେହି ଝିଅ ପ୍ରତି ଉଚ୍ଚ ସ୍ୱରରେ ନିର୍ଦ୍ଦେଶ ଦେଲେ ସେତେବେଳେ ସେ ବାହାରକୁ ବାହାରି ଆସିଲା ।

ସେଇ ଦୁର୍ବଳିଆ ଝିଅଟି ଭୟରେ ଥରୁଥିଲା ଏବଂ କାନ୍ଦିବା ଭଳି ଜଣା ପଡୁଥିଲା । ବୟସ ପ୍ରାୟ ୧୩ କି ୧୪ ବର୍ଷ । ତା' କେଶ ଥିଲା ବିପର୍ଯ୍ୟସ୍ତ । ସେ ପିନ୍ଧିଥିଲା ଗୋଟିଏ ଛିଣ୍ଡା ସ୍କର୍ଟ୍ ଓ ବ୍ଲାଉଜ । ସେ ଥରି ଥରି ନେହୁରା ହେଉଥିଲା ବଗିରୁ ତା'କୁ ବାହାର ନକରିବା ପାଇଁ । କିନ୍ତୁ ଟିକେଟ କଲେକ୍ଟର ଜୋର୍ କରି ତାକୁ ବାହାର କରିବାକୁ ଚେଷ୍ଟା କଲେ । ଏ ଦୃଶ୍ୟରେ ଲେଖିକାଙ୍କର ନରମ ହୃଦୟ ବିଗଳିତ ହୋଇଉଠିଲା । ଝିଅକୁ ଗୋଟିଏ ଟିକଟ ଦେବା ପାଇଁ ସେ ଟିକଟ କଲେକ୍ଟରଙ୍କୁ ଅନୁରୋଧ କଲେ । ମାତ୍ର ତା'କୁ ଦଶଟଙ୍କା ଦେଲେ ସେ ଯେ ଟିକଟ ଅପେକ୍ଷା ଅଧିକ ଖୁସି ହେବ, ଏକଥା ଟିକଟ କଲେକ୍ଟର ଜଣାଇଲେ । ଲେଖିକା ଏ କଥାରେ କର୍ଣ୍ଣପାତ ନକରି ଟ୍ରେନ୍‌ର ଶେଷ ଗନ୍ତବ୍ୟ ଷ୍ଟେସନ ବେଙ୍ଗାଲୁରୁ ପର୍ଯ୍ୟନ୍ତ ଗୋଟିଏ ଟିକଟ ଦେବାକୁ ଅନୁରୋଧ କରି ଟଙ୍କା ବଢ଼ାଇଲେ । ଯାହା ହେଉ, ଟିକଟ ହୋଇଗଲା । ଲେଖିକା ଭାବିଲେ ଝିଅଟି ତା'ର ଇଚ୍ଛା ଅନୁଯାୟୀ ଯେକୌଣସି ଷ୍ଟେସନରେ ଓହ୍ଲାଇ ପାରିବ ।

ଟିକେଟ କଲେକ୍ଟର ଚାଲିଯିବାର କିଛି ସମୟ ପରେ ଝିଅଟି ଧୀରେ କଥା କହିବା ଆରମ୍ଭ କଲା । ତା' ନାମ ଚିତ୍ରା । ବିଦାର ନିକଟବର୍ତ୍ତୀ ଏକ ଗ୍ରାମରେ ତା'ର ଘର । ତା' ବାପା ଥିଲେ ଜଣେ ଶ୍ରମିକ । ଚିତ୍ରାର ଜନ୍ମ ପରେ ପରେ ସେ ତା' ମା'କୁ ହରାଇଥିଲା । ଏଣୁ ତା' ବାପା ପୁଣି ଥରେ ବିବାହ କରିଥିଲେ । ତା' ବିମାତାର ଦୁଇଟି ପୁଅ ଅଛନ୍ତି । ଅଳ୍ପ କିଛି ମାସ ପୂର୍ବରୁ ତା' ବାପା ବି ଆରପାରିକୁ ଚାଲିଗଲେ । ତା'ପରେ ଆରମ୍ଭ ହୋଇଥିଲା ଚିତ୍ରା ଉପରେ ନିର୍ଯାତନା । ବହୁ ସମୟରେ ତା' ବିମାତା ତା'କୁ ପିଟୁଥିଲେ ଏବଂ ଖାଇବାକୁ ବି ଦେଉ ନଥିଲେ । ଏ ପରିସ୍ଥିତିରେ ଚିତ୍ରାର ଜୀବନ ଦୁର୍ବିଷହ ହୋଇ ଉଠୁଥିଲା । ତା'କୁ ସାହାଯ୍ୟ କରିବା ପାଇଁ ବି କେହି ନଥିଲେ । ଏଣୁ ରହିବା ପାଇଁ ଅନ୍ୟ କେଉଁଠି ଭଲ ଜାଗା ଖୋଜିବା ଉଦ୍ଦେଶ୍ୟରେ ସେ ଘର ଛାଡ଼ି ଦେଲା । ଏଥିରୁ ଲେଖିକା ବୁଝିଲେ ଯେ ଝିଅଟି ନିରାଶ୍ରୟା ।

ଏହି ସମୟ ମଧ୍ୟରେ ଟ୍ରେନ୍ ବେଙ୍ଗାଲୁରୁରେ ପହଞ୍ଚିଗଲା । ଚିତ୍ରାକୁ ବିଦାୟ ଦେଇ ସେ ଟ୍ରେନ୍‌ରୁ ଓହ୍ଲାଇଲେ । ତାଙ୍କ ପାଇଁ ଡ୍ରାଇଭର ଅପେକ୍ଷା କରୁଥିଲା । ତାଙ୍କର ବ୍ୟାଗ୍‌ପତ୍ର ଧରି ସେ କାର୍‌ରେ ରଖିଦେଲା ।

ସୁଧା ମୂର୍ତ୍ତି ଚାଲି ଯାଉ ଯାଉ ପଛକୁ ଫେରି ଦେଖିଲେ ଚିତ୍ରା ଅତ୍ୟନ୍ତ କରୁଣ ଭାବରେ ତାଙ୍କୁ ଅନାଇ ରହିଛି । କିନ୍ତୁ ଅଧିକ କିଛି ସେ କରିପାରିବାର ନଥିଲା । ଝିଅଟିର ଦାୟିତ୍ୱ ନେଇ ପାଖରେ ରଖିବା କଥା ସେ ଭାବି ନଥିଲେ । ତଥାପି ତାଙ୍କର ଦୟାର୍ଦ୍ର ହୃଦୟରେ ଆଲୋଡ଼ନ ସୃଷ୍ଟି ହେଲା । ସେ ଝିଅଟିକୁ କାର୍‌ରେ ବସିବାକୁ କହିଲେ । ଡ୍ରାଇଭର କୌତୂହଳପୂର୍ଣ୍ଣ ଦୃଷ୍ଟିରେ ସେହି ଝିଅ ଆଡ଼େ ଅନାଇବାକୁ ଲାଗିଲା । ସୁଧା ମୂର୍ତ୍ତି ଡ୍ରାଇଭରକୁ କହିଲେ, ତାଙ୍କ ବନ୍ଧୁ ରାମଙ୍କ ଆଶ୍ରୟ ଗୃହ (Shelter Home)କୁ ନେଇଯିବା ପାଇଁ । ରାମଙ୍କ ସେହି ଗୃହ ପାଇଁ ଇନ୍‌ଫୋସିସ୍ ଫାଉଣ୍ଡେସନ୍‌ରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିଲା । ଏଣୁ ଚିତ୍ରା ସେଠାରେ କିଛିଦିନ ପାଇଁ ରହିପାରିବ ବୋଲି ସେ ଭାବିଲେ । ଅନ୍ତତଃ ସେ ତାଙ୍କ ଗସ୍ତରୁ ଆସିବା ପର୍ଯ୍ୟନ୍ତ; ତା'ପରେ ଚିତ୍ରାର ଭବିଷ୍ୟତ୍ କାର୍ଯ୍ୟପନ୍ଥା ସ୍ଥିର କରାଯାଇପାରେ ।

ସୁଧା ମୂର୍ତ୍ତିଙ୍କର ଧାରଣା ହେଉଥିଲା ଯେ ସେହି ହୋମ୍‌ରେ ଚିତ୍ରା ହୁଏତ ରହି ନପାରେ । ମାତ୍ର, କିଛିଦିନ ପରେ ସେ ଦେଖି ଆଶ୍ଚର୍ଯ୍ୟ ହେଲେ ଯେ ଚିତ୍ରା ଆଗ ଅପେକ୍ଷା ଅଧିକ ଖୁସି ଅଛି । ରାମ ପ୍ରସ୍ତାବ ଦେଲେ ଯେ ନିକଟରେ ଥିବା ଏକ ହାଇସ୍କୁଲରେ ଚିତ୍ରା ପଢ଼ିବାକୁ ଯାଇପାରେ । ଏଥିରେ ଲେଖିକା ସଙ୍ଗେ ସଙ୍ଗେ ରାଜି ହୋଇଗଲେ ଏବଂ ତା' ପଢ଼ାର ସମସ୍ତ ଖର୍ଚ୍ଚ ବହନ କରିବାକୁ ବି ସମ୍ମତ ହେଲେ । ଯାହାହେଉ, ଚିତ୍ରା ଯେ ରହିବା ପାଇଁ ଏକ ଘର ପାଇଛି ଏବଂ ତା' ଜୀବନର ଏକ ନୂତନ ଦିଗ ବି ପାଇପାରିଛି – ଏକଥା ଭାବି ସେ ଖୁସି ହେଲେ ।

ସମୟ ଗଡ଼ି ଚାଲିଲା । ସୁଧା ମୂର୍ତ୍ତିଙ୍କର ସେହି ଆଶ୍ରୟ ଗୃହକୁ ବୁଲିଯିବା କମିଗଲା । ସେ ତାଙ୍କ କାର୍ଯ୍ୟ ବ୍ୟସ୍ତତା ମଧ୍ୟରେ ହଜି ଯାଇ ବର୍ଷକୁ ଥରେ ମାତ୍ର ଗଲେ । ତେବେ ଚିତ୍ରା ବିଷୟରେ ମଝିରେ ମଝିରେ ଫୋନ୍‌ରେ ପଚାରି ବୁଝୁଥିଲେ । ସେ ଜାଣିଲେ ଯେ ପାଠରେ ଚିତ୍ରା ବେଶ୍ ଅଗ୍ରଗତି କରୁଛି, ସେ ମଧ୍ୟ ରାଜି ହୋଇଥିଲେ ଚିତ୍ରା ଯଦି ଇଚ୍ଛା କରେ କଲେଜରେ ପଢ଼ିବାକୁ ତେବେ ତା'ର ଖର୍ଚ୍ଚ ବହନ କରିବେ । ମାତ୍ର ଚିତ୍ରା ତାଙ୍କୁ ଜଣାଇଲା ଯେ ସେ କମ୍ପ୍ୟୁଟର ସାଇନ୍‌ସରେ ଡିପ୍ଲୋମା କରିବାକୁ ଚାହେ । ତା'ହେଲେ ତିନିବର୍ଷ ପରେ ଚାକିରି ପାଇବାକୁ ସୁବିଧା ହେବ । ସେ ଚାହୁଥିଲା ଆର୍ଥିକ ସ୍ତରରେ ସ୍ୱାବଲମ୍ବୀ ହେବାକୁ । ଏକଥା ଜାଣି ସୁଧା ମୂର୍ତ୍ତି ତା' ପଢ଼ାକଥାରେ ରାଜି ହେଲେ, ଚିତ୍ରା ଡିପ୍ଲୋମାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେଲା ଏବଂ ଏକ ସଫ୍‌ଟ୍‌ୱେୟାର୍ କମ୍ପାନୀରେ ଆସିଷ୍ଟାଣ୍ଟ୍ ଇଞ୍ଜିନିୟର ଭାବେ ଚାକିରି ବି ପାଇଗଲା । ଯେଉଁଦିନ ସେ ପ୍ରଥମ ମାସର ବେତନ ପାଇଲା, ଲେଖିକାଙ୍କ ପାଇଁ ଗୋଟିଏ ସୁନ୍ଦର ଶାଢ଼ି ଓ ଏକ ମିଠା ପ୍ୟାକେଟ୍ ଧରି ତାଙ୍କ ଅଫିସକୁ ଦେଖା କରିବାକୁ ଆସିଥିଲା ।

କିଛିଦିନ ପରେ ଚିତ୍ରାଠାରୁ ଫୋନ୍ କଲ୍ ଆସିଲା । ସୁଧା ମୂର୍ତ୍ତି ସେତେବେଳେ ଦିଲ୍ଲୀରେ । ଚିତ୍ରା ଖୁବ୍ ଖୁସିରେ କହୁଥିଲା କମ୍ପାନୀ ତା'କୁ ଯୁକ୍ତରାଷ୍ଟ୍ର ଆମେରିକା ପଠାଉଛି, ଏଣୁ ସେ ତାଙ୍କୁ ଦେଖାକରି ଆଶୀର୍ବାଦ ନେବାକୁ ଚାହୁଥିଲା । ମାତ୍ର ସେ ବେଙ୍ଗାଲୁରୁରେ ତାଙ୍କୁ ପାଇ ନଥିଲା । ତେବେ ସେ ଫୋନ୍‌ରେହିଁ ଚିତ୍ରାକୁ ଆଶୀର୍ବାଦ ଦେଇଥିଲେ ।

ସମୟ ଗଡ଼ି ଚାଲିଲା । ସୁଧା ମୂର୍ତ୍ତି ସମୟେ ସମୟେ ଚିତ୍ରାଠାରୁ ଇ-ମେଲ୍ ପାଉଥିଲେ । ସେଠାରେ ତା' କାର୍ଯ୍ୟ-କ୍ଷେତ୍ରରେ ସେ ବହୁତ ଭଲ କାମ କରୁଥିଲା । ଏପରିକି ଯୁକ୍ତରାଷ୍ଟ୍ରର ବିଭିନ୍ନ ସହରରେ ତା'କୁ କାର୍ଯ୍ୟ କରିବାକୁ ଦିଆଯାଉଥିଲା, ଯାହା ଚିତ୍ରା ଖୁବ୍ ଉପଭୋଗ କରୁଥିଲା । ସୁଧା ମୂର୍ତ୍ତି ଏକଥା ଜାଣି ନୀରବରେ ତା'ର ଉତ୍ତରୋତ୍ତର ଉନ୍ନତି ପାଇଁ ପ୍ରାର୍ଥନା କରୁଥିଲେ ।

ଅଳ୍ପ କିଛି ବର୍ଷ ପରେ ଯୁକ୍ତରାଷ୍ଟ୍ରର ସାନ୍‌ଫ୍ରାନ୍‌ସିସ୍କୋ ସହରରେ ବାସ କରୁଥିବା କର୍ଣ୍ଣାଟକ ବାସିନ୍ଦା (Kanada Society)ଙ୍କର ଏକ ସଙ୍ଗଠନ ତରଫରୁ ଲେଖିକା ସୁଧା ମୂର୍ତ୍ତିଙ୍କୁ ବକ୍ତୃତା ଦେବାପାଇଁ ନିମନ୍ତ୍ରଣ କରାଗଲା । ସେଠାକାର ଏକ ବଡ଼ ହୋଟେଲରେ ସ୍ୱତନ୍ତ୍ର ସଭାଗୃହରେ ଏଥିପାଇଁ ବ୍ୟବସ୍ଥା ହୋଇଥିଲା । ସେହି ହୋଟେଲରେହିଁ ରହିବା ପାଇଁ ସେ ସ୍ଥିର କଲେ । ବକ୍ତୃତା ଶେଷ ହେବା ପରେ ଏୟାରପୋର୍ଟ୍ ଯିବାକୁ ସେ ପ୍ରସ୍ତୁତ ହେଲେ । ଯେତେବେଳେ ସେ ହୋଟେଲ ବିଲ୍ ପ୍ରଦାନ କରିବାକୁ ଅଭ୍ୟର୍ଥନା କକ୍ଷକୁ ଗଲେ କର୍ତ୍ତବ୍ୟରତ ବ୍ୟକ୍ତି ଜଣକ କହିଲେ ଯେ ତାଙ୍କର ସମସ୍ତ ଦେୟ ଜନୈକା ମହିଳା ଦେଇ ଦେଇଛନ୍ତି । ସେ ହୁଏତ ମାଡ଼ାମ୍‌ଙ୍କର ଅତି ପରିଚିତ ହୋଇ ଥାଇପାରନ୍ତି ବୋଲି ସେ ପ୍ରକାଶ କଲା । ସୁଧା ମୂର୍ତ୍ତି ବୁଲି ପଡ଼ି ଦେଖିଲେ, ସେଠାରେ ଠିଆ ହୋଇଥିଲା ଚିତ୍ରା ।

ସେ ପରିଧାନ କରିଥିଲା ଏକ ସୁନ୍ଦର ଶାଢ଼ି । ମୁଣ୍ଡର ଛୋଟ ଛୋଟ କେଶରେ ସେ ଖୁବ୍ ସୁନ୍ଦର ଦେଖା ଯାଉଥିଲା । ତା' ଚାହାଣିରେ ଭରି ରହିଥିଲା ତୃପ୍ତି, ତା' ଓଠରେ ଥିଲା ମୃଦୁ ହସ । ସାଥୀରେ ଥିଲେ ଜଣେ ଶ୍ୱେତାଙ୍ଗ ଯୁବକ । ସୁଧା ମୂର୍ତ୍ତିଙ୍କ ପାଖକୁ ଚାଲିଆସି ଚିତ୍ରା ତାଙ୍କ ପାଦସ୍ପର୍ଶ କରି କୁଣ୍ଢାଇ ପକାଇଲା । ସୁଧା ମୂର୍ତ୍ତି ଖୁସିରେ ବିହ୍ୱଳ ହୋଇଉଠିଲେ, ଏପରିକି କିଛି ସମୟ ପାଇଁ ବାକ୍‌ରୁଦ୍ଧ ହୋଇଗଲେ । ଚିତ୍ରା ଜୀବନର ଘଟଣାବଳୀର ଏ ପରିବର୍ତ୍ତନ ଦେଖି ସେ ଖୁବ୍ ଆନନ୍ଦ ଅନୁଭବ କଲେ । ତା'ପରେ, ତାଙ୍କର ହୋଟେଲ ବିଲ୍ କାହିଁକି ସେ ପ୍ରଦାନ କଲା ବୋଲି ପ୍ରଶ୍ନ କଲେ ଏବଂ ଏହା ଠିକ୍ ହୋଇ ନାହିଁ ବୋଲି ବି କହିଲେ । ମାତ୍ର ହଠାତ୍ ଚିତ୍ରାର ମୁଖମଣ୍ଡଳ ବିଷଣ୍ଣ ହୋଇଗଲା । ଲୁହଭିଜା ଆଖିରେ ସେ ଉତ୍ତର ଦେଲା, ''ଦିନେ ଆପଣ ମୋ ଟିକଟ ବମ୍ବେରୁ ବେଙ୍ଗାଲୁରୁ କରି ଦେଇ ମୋ ଜୀବନର ସମସ୍ତ ଦାୟିତ୍ୱ ନେଇଥିଲେ । ଆଜି ମୁଁ ଏଇ ଅବସ୍ଥାରେ ଏଇ ଜାଗାରେ – କେବଳ ଆପଣଙ୍କ ପାଇଁ ।''

ବାସ୍ତବରେ ମନୁଷ୍ୟର କୃତଜ୍ଞତାବୋଧରେ ସର୍ବଦା ନିହିତ ଥାଏ ଜୀବନର ଉନ୍ନତି, ଭାଗ୍ୟର ପରିବର୍ତ୍ତନ !

(ସମାପ୍ତ) ❑

# ତୁମେ ଥିବ ମୋର ସାଥୀରେ

## ଶରତ କୁମାରୀ ସ୍ୱାଇଁ

ଆକାଶରେ ଉଠୁ ଝଞ୍ଜା ପ୍ରଳୟ
ଚଉଦିଗେ ଘେରୁ ଅଗ୍ନିବଳୟ
ଭୀମ ଭଇରବ ବଜ୍ର ବିଜୁଳି
ଖସି ପଡୁଥିବା ମଥାରେ
ଏକାକୀ ନାଉରୀ ଭରା ନଈ ସୁଏ
କାତ ଧରି ଥିବି ହାତରେ
ମାଆ ! – ତୁମେ ଥିବ ମୋର ସାଥୀରେ । (୧)

ଊଷର ମରୁର ତପତ ବୁକୁରେ
ତୃଷାତୁର ମୁଁ ଯେ – ମରୀଚିକା ଧାରେ
ବାଲୁକା ବିଦାରି ମରୁଝରଣାକୁ
ଶଙ୍ଖୋଳି ଆଣିବି ସାଥୀରେ
ଦଗ୍ଧ ହୃଦୟ ମୋ ମୁଗ୍ଧ ହୋଇବ
ଜ୍ୟୋସ୍ନା ପ୍ଲାବିତ ରାତିରେ
ମାଆ ! – ତୁମେ ଥିବ ମୋର ସାଥୀରେ । (୨)
ଘନ ଘୋର ରାତି ଉଆଁସ ଅନ୍ଧାର
କୂଳ ଲଂଘି ଆସୁ ଅଶାନ୍ତ ସାଗର
ନୀଳ ଦରିଆର ଉତ୍ତୁଙ୍ଗ ଲହଡ଼ି
ଭାଙ୍ଗିବି ମୁଁ ମୋର ଛାତିରେ
ଡରି ଯିବିନି କି ହାରିଯିବି ନାହିଁ
ସଙ୍କଟ ଆସିଲେ ପଥରେ
ମାଆ ! – ତୁମେ ଥିବ ମୋର ସାଥୀରେ । (୩) ❑



# ଗରଳ କଥା
## ରମାକାନ୍ତ ସାହୁ

ଥରେ ଜଣେ ରାଜା କିଛି ବ୍ରାହ୍ମଣଙ୍କୁ ନିମନ୍ତ୍ରଣ କରି ରାଜ ଉପବନରେ ଭୋଜନ ଦେଉଥିଲେ । ସେ ନିଜେ ସମସ୍ତ ବ୍ରାହ୍ମଣଙ୍କୁ ଖାଦ୍ୟ ପରଷୁ ଥିଲେ । ଠିକ୍ ଏହି ସମୟରେ ଚିଲଟିଏ ଥଣ୍ଟରେ ଏକ ମୃତ ସାପକୁ ଧରି ରାଜାଙ୍କ ମୁଣ୍ଡ ଉପରେ ଆକାଶ ମାର୍ଗରେ ଅତିକ୍ରମ କରୁଥିଲା । ମୃତ ସାପ ମୁହଁରୁ କିଛି ବୁନ୍ଦା ବିଷ ଝରି ଆସି ଏକ ବ୍ରାହ୍ମଣର ଭୋଜନ ପାତ୍ରରେ ପଡ଼ିଲା । ଏକଥା ଜାଣି ପାରିଲେ ନା ବ୍ରାହ୍ମଣ ନା ରାଜା । ତେଣୁ ବ୍ରାହ୍ମଣ କିଛି ଖାଦ୍ୟ ଖାଇବା ମାତ୍ରେ ସାପର ବିଷ ତାଙ୍କ ଶରୀରରେ କାୟା ବିସ୍ତାର କଲା ଓ କିଛି କ୍ଷଣ ମଧ୍ୟରେ ସେ ପ୍ରାଣ ତ୍ୟାଗ କଲେ । ରାଜା ମନେ ମନେ ଖୁବ୍ ଦୁଃଖ ପ୍ରକାଶ କଲେ ଯେ ତାଙ୍କୁ ବ୍ରହ୍ମ-ହତ୍ୟାର ପାତକ ଲାଗିଲା । ଏପରି ଏକ ଆକସ୍ମିକ ଦୁର୍ଘଟଣା ପାଇଁ ପାପର ଭାର କାହା ମୁଣ୍ଡରେ ଯିବ ଏହା ସ୍ଥିର କରିବା ଯମରାଜାଙ୍କ ପାଇଁ ଏକ କଠିନ ସମସ୍ୟା ହୋଇଗଲା ।

ରାଜା ଏହି ଘଟଣାରେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ ଯେ ଆକାଶ ମାର୍ଗରୁ ବିଷ ଝରି ଖାଦ୍ୟ ବିଷାକ୍ତ ହୋଇଯାଇଛି ବୋଲି ।

ଚିଲ ନିଜ ଖାଦ୍ୟକୁ ନେଇ ଆକାଶ ମାର୍ଗରେ ଯାଉଥିଲା ନିଜ କୁନିକୁନି ଛୁଆଙ୍କ ଥଣ୍ଟରେ ଦେବା ପାଇଁ । ସେ ମଧ୍ୟ ଜାଣି ନଥିଲା ସାପର ମୁହଁରୁ ବିଷ ଝରି ବ୍ରାହ୍ମଣର ଭୋଜନରେ ମିଶିଛି ।

ସାପ ଯିଏ କି ପ୍ରଥମରୁ ମୃତ, ଯାହାର ଅସ୍ତିତ୍ୱ ବୋଲି କିଛି ନାହିଁ ।

ବେତାଳ ଏ କାହାଣୀ ବିକ୍ରମାଦିତ୍ୟଙ୍କୁ ପଚାରି ନଥିଲା କି ଏହାର ଉତ୍ତର ମଧ୍ୟ ତାକୁ ମିଳି ନଥିଲା ।

ସମସ୍ୟାଟି ଅସମାହିତ ହୋଇ ଯମରାଜାଙ୍କ ଦରବାରରେ ପଡ଼ି ରହିଲା । କିଛିଦିନ ପରେ ଜଣେ ବ୍ରାହ୍ମଣ ରାଜାଙ୍କୁ ଦେଖା କରିବାକୁ ରାଜମହଲକୁ ଯାଉଥିଲେ । ସେ ବାଟରେ ଜଣେ ମହିଳାଙ୍କୁ ଦେଖି ରାଜମହଲକୁ ଯିବାର ପଥ ବିଷୟରେ ପଚାରିଲେ । ମହିଳା ଜଣକ ରାଜମହଲକୁ ପଥ ଦେଖାଇ ସାରି କହିଲା – ଆପଣ ସଜାଗ ହୋଇ ରହିବେ । ଶୁଣିବାକୁ ମିଳୁଛି ଏ ରାଜା ବ୍ରାହ୍ମଣମାନଙ୍କ ଖାଦ୍ୟରେ ବିଷ ଦେଇ ମାରି ଦେଉଛି – ମହିଳାଙ୍କ ମୁହଁରୁ ଏତିକି କଥା ବାହାରିବା ମାତ୍ରେ ଯମରାଜ ତତ୍‌କ୍ଷଣାତ୍ ବ୍ରାହ୍ମଣ ହତ୍ୟାର ପାପ ଏହି ମହିଳାଙ୍କ ଖାତାରେ ଲେଖି ଦେଲେ । କାରଣ ସେ ମହିଳା ଜଣକହିଁ ବ୍ରହ୍ମହତ୍ୟା ପାପ ଭୋଗିବାର ଏକମାତ୍ର ଅଧିକାରୀଣି ।

ଚିତ୍ରଗୁପ୍ତ ଆଶ୍ଚର୍ଯ୍ୟ ହୋଇ ପଚାରିଲେ – ହେ ପ୍ରଭୁ, ବ୍ରାହ୍ମଣ ହତ୍ୟାରେ ମହିଳା ଜଣକର କୌଣସି ଭୂମିକା ନଥିଲା । ତେବେ ସେ ମହିଳା ଜଣକ ବ୍ରହ୍ମହତ୍ୟାର ପାପ ଭୋଗିବେ କାହିଁକି ?

ଯମରାଜ ଉତ୍ତର ଦେଲେ : ଯେତେବେଳେ କେହି ପାପ କରେ ତାକୁ ସେଥିରେ କିଛି ଲାଭ ସହିତ ଆନନ୍ଦ ମିଳିଥାଏ । କିନ୍ତୁ ବ୍ରାହ୍ମଣଙ୍କ ହତ୍ୟାରେ ନା ରାଜାଙ୍କୁ କିଛି ମିଳିଥିଲା ନା ଚିଲକୁ, ନା ସାପକୁ ? ହେଲେ ଏ ମହିଳା ଜଣକ ଘଟଣାର ସତ୍ୟତା ନଜାଣି ନଶୁଣି କଟୁ ମନ୍ତବ୍ୟ ଦେଇଥିଲେ, ତଦ୍ୱାରା ବ୍ରାହ୍ମଣଙ୍କୁ ସଚେତନ କରିଥିବାରୁ ସେ ଆନନ୍ଦ ଅନୁଭବ କଲେ । ସେଥିପାଇଁ ବ୍ରାହ୍ମଣ ହତ୍ୟାର ପାପ କେବଳ ମହିଳାଙ୍କ ଖାତାରେ ଯୋଡ଼ାଗଲା ।

ସୂକ୍ଷ୍ମ ଜଗତର ଏ ରହସ୍ୟମୟ ଗତିବିଧି ବିଷୟରେ ଆମମାନଙ୍କର ମନରେ ସନ୍ଦେହ ଆସିବା ସ୍ୱାଭାବିକ । ତେବେ ମା'ଙ୍କ ବାଣୀକୁ ଆସନ୍ତୁ ଟିକେ ଅନୁଧ୍ୟାନ କରିବା –

''ଏକ ଖରାପ ଭାବନା ମଧ୍ୟ ଏକ ଖରାପ କାର୍ଯ୍ୟ ଅଟେ । ଅନେକ ଲୋକ କିନ୍ତୁ ଏହା ଜାଣି ନଥା'ନ୍ତି । ମନେକର ଜଣେ ମନରେ ଅନ୍ୟ ଜଣକ ବିଷୟରେ କିଛି ଖରାପ ଭାବନା ଆଣିଲା ବା ତାକୁ କ୍ଷତି ପହଞ୍ଚାଇବାକୁ ମନରେ କେବଳ ଇଚ୍ଛା କଲା । ବାସ୍ – ଭାବନାରେ ଆସିଯାଇଥିବା ଲୋକଟିର ଆଗତ ସମସ୍ତ ଦୁର୍ଭାଗ୍ୟ ପାଇଁ ଏହି ଖରାପ ଭାବୁଥିବା ପ୍ରଥମ ବ୍ୟକ୍ତିହିଁ ଦାୟୀ ରହିବ । ଅନ୍ୟକୁ ଆଘାତ କରିବା ଯାହା, ଅନ୍ୟ ପ୍ରତି କୁ-ଭାବନା ପୋଷଣ ବା ପେଷଣ କରିବା ସେଇୟା । କିନ୍ତୁ ବଡ଼ ଦୁର୍ଭାଗ୍ୟର କଥା ଏହି ଯେ – ଏହି କଥାଟି ବାହାରକୁ ଜଣାପଡ଼େ ନାହିଁ । ପୁନଶ୍ଚ ଏହି ଦୁର୍ଭାବନା ଆଣୁଥିବା ଲୋକଟିର ସାଂଘାତିକ ଭାବନା ରୂପକ ସ୍ପନ୍ଦନକୁ ହସ୍ତକ୍ଷେପ କରିବାକୁ କେହି ନଥା'ନ୍ତି । ଏପରି ଅନେକ ଲୋକ ମଧ୍ୟ ଥା'ନ୍ତି ଯେଉଁମାନେ ଅନ୍ୟମାନଙ୍କ ବିଷୟରେ ଏପରି ଖରାପ ଭାବନା ପୋଷଣ କରି ଟିହାଇବାରେ ବେଶ୍ ଆନନ୍ଦ ଅନୁଭବ କରନ୍ତି । ମୁଁ ସେପରି ଅନେକ (ଦୁର୍ଭାଗ୍ୟ ବଶତଃ ବହୁତ ବହୁତ ବେଶୀ ସଂଖ୍ୟକ)

ଲୋକଙ୍କୁ ଜାଣେ, ଯେଉଁମାନେ କି ଅନ୍ୟମାନଙ୍କ ବିଷୟରେ କିଛି ଖରାପ କଥା କହିବାର ଥିଲେ ସେମାନେ ଆଦୌ ସେ ସୁଯୋଗକୁ ହାତଛଡ଼ା କରନ୍ତି ନାହିଁ । ସେମାନେ ଉପରେ ପଡ଼ି କୁହନ୍ତି, ''ଜାଣିଲୁଣି, ସେ ଅମୁକ ଲୋକ ନା ତୋ ବିଷୟରେ ଏମିତି କଥା କହୁଥିଲା । ଖାଲି କ'ଣ ସେତିକି ସେ ଆଉ ଲୋକଟା ବି ଆଡୁସାଡୁ କେତେ କଥା ତୋ ନାଁରେ କହୁଥିଲା ।'' ଏହିପରି ଭାବରେ ସେମାନେ ମନବୋଧ କରି ଅନ୍ୟର ଅନେକ କ୍ଷତି କରି ପକାନ୍ତି । ଏହା ସେମାନେ କରିଥା'ନ୍ତି କେବଳ ନିଜର ବୃଥାଭିମାନ, ନିରୋଳା ନିର୍ବୋଧତା ଓ ସଞ୍ଚିତ ବିପୁଳ ତଥ୍ୟାବଳୀର ପ୍ରଦର୍ଶନ ପାଇଁ । କିନ୍ତୁ ଏହି ବାହ୍ୟରୂପର ତଳେ ଚେତନାରେ ଯାହା ଲୁଚି ରହିଥାଏ – ସେଇଟି ହେଉଛି କିଛି ବଦମାସି କରିବା । ଯାହାକି ଲୋକମାନଙ୍କ ମଧ୍ୟରେ ବିଶୃଙ୍ଖଳା, ଭୁଲ୍ ବୁଝାମଣା, ମତାନ୍ତର ତଥା ଏକ ଅସ୍ୱସ୍ତିକର ବାତାବରଣ ସୃଷ୍ଟି କରେ । କିନ୍ତୁ ଏସବୁ ମଧ୍ୟରେ ଜଣେ ନିଜକୁ ଖୁବ୍ ସହଜ ଭାବରେ ରଖି ମଜା ନେଇ ଚାଲିଥାଏ । ଏଭଳି ତୀକ୍ଷ୍ଣ ଜିହ୍ୱାଧାରି ଅନେକ ଲୋକ ଦେଖାଯା'ନ୍ତି । ଏହାକୁ ଇଂରାଜୀ ଭାଷାରେ ''ଭାଇପରସ୍ ଟଙ୍ଗ୍'' ବା ''ନାଗ ଜିହ୍ୱା'' ବୋଲି କହି ପାରିବା । ଖରାପ ପରିସ୍ଥିତି ସୃଷ୍ଟି କରିବାରେ ଏମାନଙ୍କୁ ବିପୁଳ ଆନନ୍ଦ ମିଳିଥାଏ ଏବଂ ଏହିମାନେ ମଧ୍ୟ ଲୋକମାନଙ୍କର ସର୍ବାଧିକ କ୍ଷତି ପହଞ୍ଚାଇ ଥା'ନ୍ତି । ଏପରିକି କିଛି ନକହି ଯଦି ଜଣେ କେବଳ ମନରେ ଏକ ମନ୍ଦ ଭାବନାଟିଏ ଆଣେ ବା କାହାରି ମନ୍ଦ ପାଞ୍ଚୁଚାଲେ ତେବେ ବି ସେ କୁ-କର୍ମମାନ କରି ଚାଲୁଥାଏ ।''

(C.W.M., Vol. 5, p. 144 - 145)

ବିଶୃଙ୍ଖଳାର ଘୂର୍ଣ୍ଣିମଧ୍ୟରେ କେନ୍ଦ୍ରିତ ହୋଇଥିବା ଏହି ଲୋକମାନେ ଯେ କେବଳ ଅନ୍ୟମାନଙ୍କର ଦୁର୍ଭାଗ୍ୟର କାରଣ ହୁଅନ୍ତି ସେତିକି ନୁହେଁ, ଏମାନେ ଦୁଃଖ, ବିଷାଦ ଓ ଦୁର୍ଭାଗ୍ୟକୁ ସଂକ୍ରମଣ ମଧ୍ୟ କରିପାରନ୍ତି ।

ଏ କ୍ଷେତ୍ରରେ ଶ୍ରୀମା'ଙ୍କ ପରାମର୍ଶ ଆମର ବିଧେୟ । ''ନିଜର ବାକ୍ ବୃତ୍ତି ଉପରେ ଶାସନ ରଖିବ; ହଠାତ୍ ରାଗ, ହିଂସା, ଉତ୍ତେଜନା, ଗରମ ମିଜାଜ ବଶରେ ଜିହ୍ୱାକୁ ଚାଳିତ କରିବ ନାହିଁ । ଝଗଡ଼ାର ପରିଣାମ ଯେ କେବଳ ଖରାପ ତାହା ନୁହେଁ, ବରଂ ତାହା ବାୟୁମଣ୍ଡଳରେ ଗୋଟିଏ ଦୂଷିତ ସ୍ପନ୍ଦନ ସୃଷ୍ଟି କରେ, କାରଣ ଧ୍ୱନି-ତରଙ୍ଗଠାରୁ ବଳି ବେଶୀ ସଂକ୍ରମଣ ଆଉ କିଛି ନାହିଁ । ଏହିସବୁ ଗତିବୃତ୍ତିକୁ କ୍ରିୟାଶୀଳ ହେବାକୁ ସୁଯୋଗ ଦେବା ଦ୍ୱାରା ତୁମେ ତୁମ ନିଜ ଓ ଅନ୍ୟମାନଙ୍କ ମଧ୍ୟରେ ସେସବୁକୁ ଚିରସ୍ଥାୟୀ କର ।

''ସବୁ ପ୍ରକାର ଅତ୍ୟଧିକ ଅବାଞ୍ଛନୀୟ ବାଚାଳତାର ଅନ୍ତର୍ଭୁକ୍ତ ହେଲା ପରଚର୍ଚ୍ଚା ।''

('ଶିକ୍ଷା' ପୁସ୍ତକ, ପୃଷ୍ଠା : ୧୯୨)

ସତରେ କ'ଣ ଏ ପ୍ରକାର ସଂକ୍ରମଣ ଓ ପରିବେଶ ପ୍ରଦୂଷଣଠାରୁ ନିଜକୁ ଆମେ ନିବୃତ୍ତ ରଖିପାରିବା ? ବାସ୍ତବ କାର୍ଯ୍ୟକ୍ଷେତ୍ରରେ ଏହା ଏକ ବଡ଼ ପ୍ରଶ୍ନବାଚୀ । ଏ କ୍ଷେତ୍ରରେ ଶ୍ରୀ ଶ୍ରୀ ରବିଶଙ୍କର କହନ୍ତି – 'ଯଦି ତୁମେ ଜଣେ ରାଗି ବା ନକାରାତ୍ମକ ଲୋକ ପାଖରେ ୧୦ ମିନିଟ ବସିଲା ପରେ ଉଠି ଚାଲିଯାଅ ତେବେ ବି ତୁମେ ସାଙ୍ଗରେ ତା'ଠାରୁ କିଛି ନିରାଶା ବୋହି ନେଇଯାଅ । ପ୍ରକାରାନ୍ତରେ ଯଦି ତୁମେ କିଛି ସମୟ ଜଣେ ଖୁସିବାସିଆ ଲୋକ (ଯେପରିକି ଛୋଟ ପିଲା) ସହ କଟାଅ ଓ ଚାଲିଯାଅ ତେବେ ସାଥୀରେ କିଛି ଆନନ୍ଦ ନେଇ ଯାଇଥାଅ । ଅବଶ୍ୟ ଏ କ୍ଷେତ୍ରରେ ଜଳୁଥିବା ଦୀପଟିରୁ ଆଉ ଗୋଟିଏ ଦୀପ ଜଳାଇ ନେଲା ପରି ମୂଳ ଲୋକଙ୍କର ନିରାଶା ବା ଆନନ୍ଦ କମିଯାଏ ନାହିଁ ।

ପୂର୍ଣ୍ଣଯୋଗର ମହାସ୍ରୋତରେ ସାମିଲ ହୋଇଥିବା ସମସ୍ତ ସାଧକ, ଶିଷ୍ୟ ତଥା ଶିକ୍ଷକମାନେ ଓ ସମାଜର ଅନ୍ୟମାନଙ୍କ ମଧ୍ୟରେ ରୂପ-ଭେକରେ ବିଶେଷ କିଛି ଫରକ ଦିଶେ ନାହିଁ; କିନ୍ତୁ ଫରକ ଥାଏ କେବଳ ମନୋଭାବ (Attitude)ରେ । ଆମ ଚାରିପଟେ ଥିବା ମଣିଷ, ଜୀବଜନ୍ତୁ, ପରିବେଶ ତଥା ବସ୍ତୁ ସକଳ ମଧ୍ୟରେ ଆମେ କେବଳ ଭଗବାନଙ୍କୁ ଅଭୀପ୍ସା କରୁ । ସବୁରି ଭିତରେ ତାଙ୍କୁହିଁ ଟିକେ ଦେଖିବାକୁ, ଅନୁଭବ କରିବାକୁ ଅବିରତ ପ୍ରୟାସ କରି ଚାଲିଛୁ । ବାହ୍ୟତଃ ଆମେ ସଂସାରର ସବୁ କାର୍ଯ୍ୟରେ ଭାଗ ନେଉ ମାତ୍ର କେବଳ ଭିନ୍ନତା ଥାଏ ମନୋଭାବରେ । ଏହା ପରିସ୍ଫୁଟ ହୁଏ କାର୍ଯ୍ୟ ମାଧ୍ୟମରେ, ଆଚରଣରେ – ତୁଚ୍ଛା ଉଚ୍ଚାରଣରେ ନୁହେଁ ।

ପୁଣି, ଯେହେତୁ ଆମର ଏହି ଯୋଗ ମାର୍ଗରେ ଦୀକ୍ଷା ବା ବ୍ରତୋପନୟନର ବ୍ୟବସ୍ଥା ନାହିଁ, ରୂପାନ୍ତର ଯୋଗରେ ଭାଗ ନେବାକୁ ସମସ୍ତଙ୍କ ପାଇଁ ଦ୍ୱାର ଉନ୍ମୁକ୍ତ । ସମସ୍ତଙ୍କ ମଧ୍ୟରେ ଅଜସ୍ର ସମ୍ଭାବନା । ଫଳତଃ ଏଥିରେ ସତ୍ୟାନ୍ୱେଷୀ ଓ ସତ୍ୟାନାଶୀ ଉଭୟଙ୍କର ଆଗମନ ଦେଖାଯାଏ । ବିଭିନ୍ନ ସ୍ଥାନରେ ପ୍ରଭୁ ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ପାଥେୟ କରି ଗଢ଼ି ଉଠିଥିବା ଆଶ୍ରମ ଓ ଶିକ୍ଷାକେନ୍ଦ୍ରମାନଙ୍କରେ ସ୍ୱାର୍ଥାନ୍ୱେଷୀ, ନକାରାତ୍ମକ

ଲୋକଙ୍କ ଆବିର୍ଭାବ ବିସ୍ମୟକର ନୁହେଁ । କିନ୍ତୁ ସବୁଠାରୁ ବଡ଼ ଆହ୍ୱାନ ହେଉଛି ସେମାନଙ୍କୁ ଚିହ୍ନଟ କରିବା, ସେମାନଙ୍କ ସଂକ୍ରମଣକୁ ଅବରୋଧ କରିବା ଓ ତାଙ୍କ ମନୋଭାବ ପରିବର୍ତ୍ତନ ପାଇଁ ମା'ଙ୍କୁ ଅବିରତ ପ୍ରାର୍ଥନା କରିବା ।

ଏ କ୍ଷେତ୍ରରେ ମା ଆମକୁ ଚେତାଇ ଦିଅନ୍ତି ଯେ ଯଦି ତୁମେ ଏକ ବିଭାଗର ଦାୟିତ୍ୱରେ ଥାଅ ତେବେ କେବଳ କାର୍ଯ୍ୟ ମଧ୍ୟରେ ଦରକାର ପଡୁଥିବା ରିପୋର୍ଟ ମଧ୍ୟରେ ଆମ ଭାବନାକୁ ସୀମିତ ରଖିବା ଉଚିତ । ବ୍ୟକ୍ତିଗତ ବିଷୟ ଯେପରି ସେ କାର୍ଯ୍ୟର ଫର୍ଦ୍ଦକୁ ସ୍ପର୍ଶ ନକରେ । ଏହା ବ୍ୟକ୍ତିଗତ ପ୍ରତିକ୍ରିୟା, ପକ୍ଷପାତିତ୍ୱ, ସହାନୁଭୂତି କିଂବା ବିଦ୍ୱେଷର ପ୍ରଭାବରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇଥିବା ଆବଶ୍ୟକ । ନିଜର ବ୍ୟକ୍ତିଗତ ରାଗ-ରୁଷା ଯେପରି ଏହାକୁ ଛୁଇଁ ନପାରେ ।

ତେଣୁ ଅତ୍ୟାବଶ୍ୟକ ସ୍ଥଳେ ଅନ୍ୟମାନଙ୍କ ବିଷୟରେ ଯେତେ କମ୍ କଥା କୁହାଯାଏ ସେତେ ଭଲ (ତାହା ପ୍ରଶଂସା ବି ହୋଇ ଥାଉନା କାହିଁକି) । ଆମେ ନିଜ ଭିତରେ କ'ଣ ଘଟୁଛି ଜାଣିବା କଠିନ, ପୁଣି ଅନ୍ୟ ଭିତରେ କ'ଣ ସବୁ ଚାଲିଛି ତାହା ସମ୍ପୂର୍ଣ୍ଣ ଠିକ୍ ଭାବେ ଜାଣିବା କିପରି ? ସୁତରାଂ କୌଣସି ବ୍ୟକ୍ତି ବା ପିଲାମାନଙ୍କ ବିଷୟରେ ଚୂଡ଼ାନ୍ତ ରାୟ ଦେବାରୁ ବିରତ ରହିବା ଆବଶ୍ୟକ । ହୁଏତ ତାହା ବିଦ୍ୱେଷମୂଳକ ନ ହୋଇପାରେ କିନ୍ତୁ ସେସବୁ ନିଶ୍ଚୟ ମୂର୍ଖତା ।

ଅନ୍ୟମାନଙ୍କ ଉପରେ ମତାମତ ଦେଇ ଗୁଜବ ମାଧ୍ୟମରେ ବିଶୃଙ୍ଖଳାର ଘୂର୍ଣ୍ଣି ସୃଷ୍ଟି କରୁଥିବା କାହାଣୀଟିଏ ଆସନ୍ତୁ ଦେଖିବା –

ଥରେ ଜଣେ ବୟସ୍କ ଲୋକ ଏକ ଗୁଜବ ଉଠାଇଲେ ଯେ ''ତାଙ୍କ ପଡ଼ୋଶୀ ଜଣେ ଚୋର'' । ଧୀରେ ଧୀରେ ଏହା ଗ୍ରୀଷ୍ମର ବନାଗ୍ନି ପରି ବ୍ୟାପିବାକୁ ଲାଗିଲା । ସେହି କଲୋନୀର ଯାହାର ଯାହାକିଛି ହଜିଲେ ଏହି ଲୋକଟି ଉପରେ ସମସ୍ତଙ୍କର ସନ୍ଦେହ ପୁଞ୍ଜିଭୂତ ହେଲା । ଥରେ ଜଣେ ଲୋକର ଦାମିକା ଜିନିଷ ହଜିଲାରୁ ଥାନାରେ ଏଫ୍.ଆଇ.ଆର୍ ଦିଆଗଲା । ଲୋକମାନଙ୍କ ସନ୍ଦେହକୁ ଆଧାର କରି ଏହି ପଡ଼ିଶା ଘରର ଲୋକଟିକୁ ଗିରଫ କରାଗଲା । କିନ୍ତୁ କୋର୍ଟରେ ନିରୀହ ଲୋକଟି ନିର୍ଦ୍ଦୋଷ ବୋଲି ପ୍ରମାଣିତ ହୋଇ ମୁକ୍ତ ହେଲା । ଏବେ ଲୋକଟି ଏହି ଗୁଜବ ସୃଷ୍ଟିକାରୀ ବ୍ୟକ୍ତିର ନାଁରେ ମାନହାନୀ ମକଦ୍ଦମା କଲା । କୋର୍ଟରେ ବୟସ୍କ ଲୋକଟି ନିଜର ସଫେଇ ଦେବାକୁ ଯାଇ କହିଲେ – ''ମୁଁ ତ କେବଳ ମୋର ମତାମତ ଦେଇଥିଲି, ସେଥିରେ କାହାର କ'ଣ କ୍ଷତି ହୋଇଗଲା ।'' ବିଚାରପତି ଉଭୟ ପକ୍ଷର ସବୁକଥା ଶୁଣିଲେ । ବୟସ୍କ ଲୋକଟିକୁ ତାଙ୍କ ପକ୍ଷ ରଖିଥିବା ସମସ୍ତ ଯୁକ୍ତିକୁ କାଗଜରେ ଲେଖିଦେବାକୁ କହିଲେ । ସେଦିନ ଘରକୁ ଫେରିଲାବେଳେ ସେ ଲେଖା କାଗଜକୁ ଚିରି କାର୍‌ର ଝରକାବାଟେ ବାହାରକୁ ଟୁକୁରା ଟୁକୁରା କରି ଫିଙ୍ଗିଦେବାକୁ କହିଲେ । ପରଦିନ କୋର୍ଟକୁ ଆସିଲା ବେଳେ ସେଗୁଡ଼ିକୁ ସାଉଁଟି ଆଣିବାକୁ ମଧ୍ୟ ନିର୍ଦ୍ଦେଶ ଥିଲା ।

ବୟସ୍କ ଲୋକଟି ତାହା କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ ବୋଲି କୋର୍ଟକୁ ଜଣାଇଲେ । କାରଣ ସେ ଟୁକୁରା କାଗଜ ଖଣ୍ଡମାନ ପବନରେ ଉଡ଼ି ଉଡ଼ି କୁଆଡ଼େ ନାହିଁ କୁଆଡ଼େ ପଡ଼ିଥିବ ତାକୁ ଏକାଠି କରିବା ସମ୍ଭବ ନୁହେଁ ।

ତା'ପରେ ବିଚାରପତି କହିଲେ – ''ଠିକ୍ ସେହିପରି ଏକ ସାଧାରଣ ମତାମତ ବା ଶବ୍ଦଟିଏ ଜଣେ ବ୍ୟକ୍ତିର ସମ୍ମାନ ଓ ବ୍ୟକ୍ତିତ୍ୱକୁ ଏଭଳି ଭାବରେ ଖଣ୍ଡବିଖଣ୍ଡିତ କରେ ଯେ ସେ ଲୋକଟି ତାକୁ ଆଉ ସାଉଁଟି ଏକାଠି କରି ପାରେ ନାହିଁ । ଅବଶିଷ୍ଟ ଜୀବନ ତା' ପାଇଁ ଦୁର୍ବିଷହ ହୋଇଉଠେ । ଜୀବନ ଥାଉ ଥାଉ ସେ ତିଳ ତିଳ ମରୁଥାଏ । ସହିବାର ସୀମା ଟପି ଗଲେ ସେ ଆତ୍ମହତ୍ୟା କରିପାରେ । ଯଦି ତୁମେ କାହାକୁ ଭଲକଥା ପଦେ ନକହି ପାରିବ ତେବେ ଅନ୍ତତଃ ନୀରବ ରୁହ, କିଛି ବି କୁହ ନାହିଁ ବା ଗୁଜବ ସୃଷ୍ଟି କର ନାହିଁ କି ଏଥିରେ ଭାଗ ନିଅ ନାହିଁ ।''

ସତରେ ଚୁଗୁଲିଆମାନେ ଚୋରଖଣ୍ଟଙ୍କ ଠାରୁ ଅଧିକ ମାରାତ୍ମକ । ଚୋର କେବଳ ଆମ ସଞ୍ଚିତ ଚଳନ୍ତି ସମ୍ପତ୍ତି ଚୋରାଇ ନିଏ ଯାହାକୁ ଆମେ ପୁଣି ଅର୍ଜନ କରିପାରୁ କିନ୍ତୁ ଚୁଗୁଲିଆ ବ୍ୟକ୍ତି ଲୋକର ଆତ୍ମ-ସମ୍ମାନ, ବ୍ୟକ୍ତିତ୍ୱ, ଖ୍ୟାତି ଓ ମହାନତାକୁ କ୍ଷୁଣ୍ଣବିକ୍ଷୁଣ୍ଣ କରିଦିଏ ଯାହାକୁ ପୁନରୁଦ୍ଧାର କରିବା ପ୍ରାୟ ଅସମ୍ଭବ । ତେଣୁ ଭୁଲିଯିବା ନାହିଁ ଯେ ପାଦ ଖସିଗଲେ ଆମେ ପୁଣି ଉଠି ଠିଆ ହୋଇଯାଇପାରୁ, କିନ୍ତୁ ଜିଭରୁ କଥା ଖସିଗଲେ କେବେ ବି ଫେରାଇ ଆଣିହେବ ନାହିଁ କିଂବା ଇଣ୍ଟର୍‌ନେଟ୍‌ରେ ଛାଡ଼ି ଦେଇଥିବା ଛବି ଆଉ ବିଲୁପ୍ତ ହୁଏ ନାହିଁ । କେଉଁଠି ନା କେଉଁଠି ତାହା ଆତ୍ମପ୍ରକାଶ କରେ ।

ଶେଷରେ ମା'ଙ୍କର ଏହି ବାଣୀଟିକୁ ଆମେ ନିୟମ ଭାବେ ଗ୍ରହଣ କରି ନେବା । ''ଚିନ୍ତା ଯେତେବେଳେ ଭାଷାରେ ପ୍ରକାଶିତ ହୁଏ ସେତେବେଳେ ସେହି ଶବ୍ଦ-ସ୍ପନ୍ଦନର ଏପରି ଶକ୍ତି ଥାଏ ଯାହା ଅତିସ୍ଥୂଳ ବସ୍ତୁର ସଙ୍ଗେ ଚିନ୍ତାକୁ ଯୋଗ

କରିଦିଏ ଏବଂ ତଦ୍ୱାରା ଚିନ୍ତା ଏକ ସ୍ଥୂଳ କାର୍ଯ୍ୟକାରୀ ବାସ୍ତବ ରୂପ ଗ୍ରହଣ କରେ। ସେଥିନିମିତ୍ତ କୌଣସି ବ୍ୟକ୍ତି ବା ବସ୍ତୁ ସମ୍ବନ୍ଧରେ ମନ୍ଦ କଥା କହିବା ଉଚିତ ନୁହେଁ ଏବଂ ଯେଉଁସବୁ କଥା ଭାଗବତ ସିଦ୍ଧିର ବିରୋଧୀ ସେସବୁ କଥା ମୁଖରେ ଉଚ୍ଚାରଣ କରିବା ଉଚିତ ନୁହେଁ। ଏହା ଏକ ଅଲଙ୍ଘନୀୟ ସର୍ବସାଧାରଣ ନିୟମ।'' ('ଶିକ୍ଷା' ପୁସ୍ତକ, ପୃଷ୍ଠା : ୧୯୩)

ଚତୁର ମଣିଷଟିଏ ସବୁ ଶୁଣେ, ତା' ମନଟି ସବୁକଥା ବୁଝେ କିନ୍ତୁ ନିଜ ଅଭିରୁଚିକୁ ନେଇ ସେ କାର୍ଯ୍ୟ କରି ବସେ। ଯେକୌଣସି କାର୍ଯ୍ୟ ବା ଘଟଣା ସହ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ନିଜକୁ ଯୋଡ଼ି ଦେଇ, ସେଥିରେ ନିଜର ମତାମତକୁ ଅନ୍ୟମାନଙ୍କ ଉପରେ ଲଦି ଦେବାରେ ସେ ସିଦ୍ଧହସ୍ତ। ତା'ର ଗୋପନ ମନୋଭାବକୁ ମାପିବା ପାଇଁ ଆମେ ନିମ୍ନ ଘଟଣାଟିକୁ ଦେଖିପାରିବା।

ଅଭିଭାବକଟିଏ ନିଜ ପିଲାର ଅସୁସ୍ଥତା ବିଷୟରେ ଡାକ୍ତରଙ୍କ ପରାମର୍ଶ ନେଲାବେଳେ ପିଲାଟିର ଦୁର୍ବଳ ଦିଗଗୁଡ଼ିକ ବିଷୟରେ କହିବାକୁ ପଡ଼େ। ସେତେବେଳେ ଅଭିଭାବକର ମନରେ ପିଲାଟି ପ୍ରତି ଥାଏ ଦରଦ ଓ ତଥ୍ୟାବଳୀ ଥାଏ ସମ୍ପୂର୍ଣ୍ଣ ଠିକ୍ ଓ ନିରପେକ୍ଷ। କିନ୍ତୁ ହୁଏତ ସେହି ଲୋକଟି ପଡ଼ୋଶୀ ଘରର ପିଲାଙ୍କ ଉପରେ ଅଯାଚିତ ମତାମତ ଦେଲା ବେଳେ ନା ଥାଏ ନିର୍ଭୁଲତା ନା ନିରପେକ୍ଷତା ବରଂ ଭରି ରହିଥାଏ ନିଷ୍ଠୁରତା ଓ ରଙ୍ଗବେରଙ୍ଗର ବହୁଗୁଣିତ ଆକ୍ଷେପ, ଯାହା ଆମ ନିରୋଳା ଅହଂକାର ଓ ସ୍ୱାର୍ଥପରତାର ନଗ୍ନ ପ୍ରତିଚ୍ଛବି। ସୁସ୍ଥ ପରମ୍ପରା ହେଉଛି କାହା ବିଷୟରେ କିଛି ମତବ୍ୟକ୍ତ କରିବା ପୂର୍ବରୁ ଆମକୁ ତା' ସହ ଏକାତ୍ମ ହେବାକୁ ପଡ଼ିବ। ଆମ ଚେତନା ଟିକେ ଶୁଦ୍ଧ ହୋଇଥିଲେ ଆମେ ତା'ର ପ୍ରତିଚ୍ଛବି ଦେଖିପାରିବା ହୃଦୟରେ। ତା'ପରେ ଆମେ ସକ୍ଷମ ହୋଇପାରିବା ଅନ୍ୟକୁ କିଛିଟା ବୁଝିବାକୁ ଓ ତା'ର ସମସ୍ୟା ସମାଧାନରେ ଭାଗୀଦାର ହେବାକୁ। ଅନ୍ୟଥା ଅନ୍ୟମାନଙ୍କ ମଧ୍ୟରେ ଆମେ ଦେଖି ଚାଲିଥିବା ଆମ ବିକୃତ ମନର ଅଭିରୁଚି ବା ପୂର୍ବକଳ୍ପିତ ଅଭିମତର ରଙ୍ଗିନ ଚିତ୍ର। ଅନ୍ୟମାନେ ତ କେବଳ ଦର୍ପଣ ମାତ୍ର। ଆମମାନଙ୍କ ମନ୍ଦ ଚିନ୍ତାସବୁ, ମନ୍ଦ କଥାସବୁ ଆମମାନଙ୍କର ନଗ୍ନ ପ୍ରତିଚ୍ଛବି। ବେଶୀ ଡେରି ହୋଇ ନାହିଁ, ଏବେ ବି ସମୟ ଅଛି ସଚେତନ ହେବା, ସୁଧୁରି ଯିବା, ପୂର୍ଣ୍ଣ ଯୋଗରେ ପାଦେ ଆଗକୁ ଯିବା। ❑

## ଛାତ୍ର ଶ୍ରମ ଶିବିର - ୨୦୧୮, ପାରଳାଖେମୁଣ୍ଡି

ସବୁବର୍ଷ ପରି ଏ ବର୍ଷ ମଧ୍ୟ '**ଛାତ୍ର ଶ୍ରମ ଶିବିର**' ଆସନ୍ତା ୨୧.୧୦.୨୦୧୮ ତାରିଖରୁ ୨୫.୧୦.୨୦୧୮ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ହେବ। ଏଠାରେ ମୁଖ୍ୟତଃ ଅଷ୍ଟମ ଓ ନବମ ସୋପାନର ଛାତ୍ରଛାତ୍ରୀମାନଙ୍କର ବିଜ୍ଞାନ, ଗଣିତ, କଳା ପାଠ୍ୟକ୍ରମ ସହିତ ମୁକ୍ତ ଆଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶ୍ରମଦାନ ମଧ୍ୟ କରାଯିବ।

ଶିକ୍ଷାକେନ୍ଦ୍ରର ପରିଚାଳକ ତଥା ଅଧ୍ୟକ୍ଷ/ଅଧ୍ୟକ୍ଷାମାନଙ୍କୁ ଅନୁରୋଧ, ସେମାନଙ୍କର ଶିକ୍ଷାକେନ୍ଦ୍ରର ଆଗ୍ରହୀ ଛାତ୍ରଛାତ୍ରୀମାନଙ୍କୁ (ଅତିବେଶୀରେ ଦଶଜଣ) ଜଣେ ଭାଇ ବା ଅପାଙ୍କ ତତ୍ତ୍ୱାବଧାନରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପାରଳାଖେମୁଣ୍ଡିକୁ ପଠାଇବେ। ଶିବିର ଖର୍ଚ୍ଚ ଜଣପିଛା ୧୦୦ ଟଙ୍କା (ଶହେଟଙ୍କା ମାତ୍ର) ରଖା ଯାଇଛି ଓ ଶିବିରାର୍ଥୀମାନେ ଶିବିର ସ୍ଥାନରେ ୨୦.୧୦.୨୦୧୮ ତାରିଖ ସନ୍ଧ୍ୟା ସୁଦ୍ଧା ପହଞ୍ଚିବା ଦରକାର। ଶିକ୍ଷାକେନ୍ଦ୍ର ଠିକଣା : ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପାରଳାଖେମୁଣ୍ଡି, ଜିଲ୍ଲା : ଗଜପତି, ପିନ୍ – ୭୬୧୨୦୦।

ଶିବିର ସମ୍ପର୍କରେ ଅଧିକ ଜାଣିବା ପାଇଁ ଶିକ୍ଷାକେନ୍ଦ୍ରର ସମ୍ପାଦକ ଶ୍ରୀଯୁକ୍ତ ବିଜୟ କୁମାର ମୁନି (ମୋବାଇଲ୍ ନଂ : ୭୮୯୪୪୬୩୫୮୦) କିଂବା ଅଧ୍ୟକ୍ଷ ଶ୍ରୀଯୁକ୍ତ ଅରବିନ୍ଦ ଦାସ (ମୋବାଇଲ୍ ନଂ : ୯୮୬୧୨୬୫୭୪୬)ଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ।

– ବ୍ରହ୍ମାନନ୍ଦ ସ୍ୱାଇଁ (ଛାତ୍ର ଶ୍ରମ ଶିବିର ତରଫରୁ)

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୧୨)

## କଂସ ପ୍ରେରିତ ମୃତ୍ୟୁ ଦୂତ

## ମନୋଜ ଦାସ

[**କାହାଣୀ ଏଯାବତ୍ :** ମଥୁରାର ଦାନବ ରାଜା ଶୁଣିଥାଏ ଏକ ଦୈବବାଣୀ । ଭଉଣୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହାତରେ ହେବ ତା'ର ନିଧନ । ତେଣୁ ଦେବକୀ ସନ୍ତାନଟିଏ ଜନ୍ମ ଦେବା ମାତ୍ରେ ସେ ତାକୁ ମାରି ପକାଉଥାଏ । ତେବେ ତା' ଅଗୋଚରରେ ଅଷ୍ଟମ ସନ୍ତାନଟି ଯାଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ବଢ଼ୁଥାଏ । କିନ୍ତୁ ଅଚିରେ କଂସର ସନ୍ଦେହ ହେଲା, କୃଷ୍ଣ ନାମଧାରୀ ସେହି ଶିଶୁହିଁ ହେବ ତା'ର କାଳ । ଶିଶୁଟିକୁ ମାରିଦେବା ନିମନ୍ତେ ସେ ଜଣକ ପରେ ଜଣେ ଦାନବ, ଦାନବୀଙ୍କୁ ପ୍ରେରଣ କଲା । ସେମାନେ ନାନା ଛଦ୍ମବେଶରେ ଗଲେ, କିନ୍ତୁ ସଭିଏଁ ମଲେ । ତେବେ ଗୋପପୁରରେ ନିରବଚ୍ଛିନ୍ନ ଭାବରେ ନାନାଦି ଅମଙ୍ଗଳଜନକ ଘଟଣା ଘଟନ୍ତେ ସେ ଜନପଦର ଅଭିଭାବକମାନେ ବସତି ଅଦୂରବର୍ତ୍ତୀ ଏକ ମନୋରମ ଉପତ୍ୟକାକୁ ଉଠାଇ ନେଲେ । ସେଇଠାରେ, ଯମୁନା ତୀରବର୍ତ୍ତୀ କଦମ୍ବମୂଳରେ ବାଳକ କୃଷ୍ଣଙ୍କର ଏକ ନୂତନ ପ୍ରତିଭାର ସ୍ଫୁରଣ ହେଲା । ଅପୂର୍ବ ବଂଶୀସ୍ୱନରେ ସେ ସ୍ପନ୍ଦିତ କଲେ ବାତାବରଣ । ଆହୁରି ମଧ୍ୟ, ଏକ ସରୋବରର ଜଳକୁ ବିଷାକ୍ତ କରିଥିବା କାଳୀୟ ନାମକ ଭୟଙ୍କର ସର୍ପକୁ ସେ ଦମନ କଲେ । ସେ ପୁଣି ବର୍ଷକରେ ଥରେ ଇନ୍ଦ୍ରପୂଜା ପରିବର୍ତ୍ତେ ଗୋବର୍ଦ୍ଧନ ପର୍ବତକୁ ସଂବର୍ଦ୍ଧନା ଦେବା ବିଧି ପ୍ରବର୍ତ୍ତନ କରନ୍ତେ ଇନ୍ଦ୍ର ପ୍ରବଳ ଝଡ଼ ବର୍ଷା ଭିଆଇଲେ । କିନ୍ତୁ କୃଷ୍ଣ ସେ ପର୍ବତ ଟେକି ଧରି ତାହା ତଳେ ସଭିଙ୍କୁ ଦେଲେ ସୁରକ୍ଷା । ତା'ପରେ..]

ମଧୁମୟୀ ସ୍ୱଚ୍ଛ-ଧାରା ନଦୀ ଯମୁନା ଏବଂ ଚିର ସବୁଜ ପର୍ବତ ଗୋବର୍ଦ୍ଧନ ଦ୍ୱାରା ସୁରକ୍ଷିତ ସେ ଉପତ୍ୟକାରେ ହଠାତ୍ ଦେଖା ଦେଲା ଏକ ନୂତନ ଆପଦ ।

ସେ ଏକ ଅଜ୍ଞାତ ଜନ୍ତୁ – ମୋଟାମୋଟି ଦେଖିବାକୁ ଗୋଟାଏ ଅତିକାୟ ଅଶ୍ୱ ଭଳି – ନିନାଦ ମଧ୍ୟ ହ୍ରେଷାରବ ଭଳି – କିନ୍ତୁ ଦେହରେ ତା'ର ବାଘଗୋଟି ବାଘର ବଳ – ଆଖି ତା'ର ଜଳନ୍ତା କୋଇଲା ଭଳି । ଉପତ୍ୟକା ସୀମାନ୍ତବର୍ତ୍ତୀ ଅରଣ୍ୟ ଭିତରୁ ସେ ବିଜୁଳି ଗତିରେ ଝପଟି ଆସି ଲମ୍ଫ ଦେବ ଗୋ-ପଲ ଉପରକୁ; ତା' ଆକ୍ରମଣ ଓ ଦଳାଚକଟାରେ ମରିବେ କେତୋଟି ପ୍ରାଣୀ । ପ୍ରବଳ ଧୂଳି ଉଡ଼ାଇ ସେ ଅଚିରେ ଲୁଚିଯିବ ଅରଣ୍ୟ ଭିତରେ । ହତଭମ୍ବ ଭାବେ ଅନାଇ ରହିଥିବେ ଗୋପାଳ ବାଳକଗଣ ।

କେହି କେହି ବଡ଼ ମଣିଷ କହିଲେ, ''ଗୋଟାଏ ଜାତିର ବଣୁଆ ଘୋଡ଼ା ହୋଇଥିବ । ଗୋଠରୁ କୌଣସି ମତେ ଅଲଗା ହୋଇ ପାଗଳ ହୋଇଯାଇଛି । ବଳେ ବଳେ ପୁଣି ଦଳଭୁକ୍ତ ହୋଇଯିବ ।''

ବାରଂବାର ଏ ଉପଦ୍ରବ ଘଟିବାରୁ ଦିନେ ବାଳକମାନେ କହିବାର ଶୁଣାଗଲା, ସେମାନେ ଆଉ ମଇଦାନ ଭିତରକୁ ଗୋରୁପଲ ଧରି ଯିବେ ନାହିଁ !

ଶୁଣି ଦେଲେ ସେକଥା ଶ୍ରୀକୃଷ୍ଣ । ''ନିଶ୍ଚୟ ଯିବ । ମୁଁ ବି ଯିବି !'' ସେ ଦୃଢ଼ କଣ୍ଠରେ କହିଲେ ବାଳକମାନଙ୍କୁ ।

''ତୁମେ ଯିବ ? ତେବେ ଆମର ଆଉ ଭୟ କ'ଣ ?'' ସେମାନେ ହାତ ତାଳି ଦେଇ ଜଣାଇଲେ । ଏ ବିଚିତ୍ର ଖେଳସାଥୀଟିର ଅଦ୍ଭୁତ ଶକ୍ତି କଥା ସେମାନେ କେମିତି ପାଶୋରି ଦେଇଥିଲେ, ସେକଥା ଭାବି ସେମାନେ ନିଜେ ନିଜେ ବିସ୍ମୟ ବୋଧ କରୁଥିଲେ । ସେମାନେ କେମିତି ବା ଜାଣନ୍ତେ ଯେ ସେମାନଙ୍କର ସେ ବିସ୍ମରଣ ମଧ୍ୟ ସେହି ଖେଳସାଥୀ ଜଣଙ୍କର ମାୟାର କରାମତି !

ଗୋଧନ ସହ ବାଳକମାନେ ବାହାରି ପଡ଼ିଲେ ପ୍ରାନ୍ତର ଅଭିମୁଖେ – ଆନନ୍ଦରେ ଗୀତ ବୋଲି, ନାଚି କୁଦି – ଯେହେତୁ ସେମାନଙ୍କ ସହ ଚାଲିଛନ୍ତି ସେମାନଙ୍କ ପ୍ରିୟତମ ସଖା ।

''ଦେଖ, ଦେଖ !'' ଜଣେ, ଦୁଇଜଣ ବାଳକ ଅରଣ୍ୟ ଆଡ଼େ ଅଙ୍ଗୁଳି ନିର୍ଦ୍ଦେଶ କରି ଉଦ୍‌ବିଗ୍ନ କଣ୍ଠରେ କୃଷ୍ଣଙ୍କ ଦୃଷ୍ଟି ଆକର୍ଷଣ କଲେ । ନିଘଞ୍ଚ ଗଛଲତା ଉପରେ ଉଠିଛି ଯେମିତି କି ଖଣ୍ଡିଏ ଧୂଳି ମେଘ ।

''ଆସୁଛି ସେ ସଇତାନ !'' ସମସ୍ତେ ପାଟି କଲେ । ଗୋରୁପଲ ତ ପୂର୍ବରୁ ସେ ବିପଦ ଅଙ୍ଗେ ନିଭେଇଥା'ନ୍ତି ! ସେମାନେ ଛତ୍ରଭଙ୍ଗ ଦେଇ ଜନପଦ ମୁହାଁ ଦୌଡ଼ିଲେ ।

''ସମସ୍ତେ ରୁହ ମୋ ପଛରେ ।'' କୃଷ୍ଣ ଏ ନିର୍ଦ୍ଦେଶ ଦେବା ବେଳକୁ ସେ ପ୍ରକାଣ୍ଡ ମତ୍ତ ଅଶ୍ୱ ଆସି ତାଙ୍କ ସାମନାରେ ଉପସ୍ଥିତ । ସେ କରିଥାଏ ମୁଖ ବ୍ୟାଦାନ; ଦିଶୁଥାଏ ଭୟଙ୍କର । ସେ ଦୃଶ୍ୟରେ ଜଣେ ଦାନବ ମଧ ସ୍ଥବିର ବନିଯିବ ।

କିନ୍ତୁ ''ଆ, ଆ'' କହି କୃଷ୍ଣ ତାଙ୍କର ଗୋଟାଏ ବାହୁ ନିଜ ମୁହଁ ସାମନାରେ ଉଠାଇ ଧରିଲେ, ଯେମିତିକି ନିଜକୁ ରକ୍ଷା କରିବା ନିମନ୍ତେ । ତତ୍‌କ୍ଷଣାତ୍ ଗୋଟାଏ ବିକଟ ହ୍ରେଷାରବ ଛାଡ଼ି ସେ ପ୍ରାଣୀ କାମୁଡ଼ି ଧରିଲା ତାଙ୍କ ବାହୁକୁ ।

ତା'ପରେ ଦେଖାଗଲା କୃଷ୍ଣ ନିଜ ବାହୁ ମୁକୁଳାଇ ଆଣିବା ଦିଗରେ ତିଳେ ବି ଉଦ୍ୟମ କରୁ ନାହାନ୍ତି । ସେ ଜନ୍ତୁଟି ମଧ ଅଚଳ । କିନ୍ତୁ ତା' ପଛ ଗୋଡ଼ ଦୁଇଟି ଚଞ୍ଚଳ ହେବାର ଦେଖାଗଲା । ମାଟି ଉପରେ ଖୁରା ଯୋଡ଼ିକ କଚାଡ଼ି କଚାଡ଼ି ସେ ଗୋଟାଏ ଗାତ ଖୋଳି ପକାଇଲା ।

ବାଳକମାନେ କିଛି ବୁଝି ପାରୁ ନଥା'ନ୍ତି; କୃଷ୍ଣ ନିଜ ହାତ ମୁକୁଳାଇ ଆଣିବାର ଚେଷ୍ଟା ନକରି ନିଶ୍ଚଳ ହୋଇ ଛିଡ଼ା ହୋଇଛନ୍ତି କାହିଁ ପାଇଁ ? ତେବେ ସେମାନଙ୍କୁ ଅଧିକ ସମୟ ଅନିଶ୍ଚୟତା ଭିତରେ ରହିବାକୁ ପଡ଼ିଲା ନାହିଁ । କୃଷ୍ଣ ତାକୁ ଥରେ ପଛକୁ ଠେଲି ଦେଇ ହାତଟି ମୁକୁଳାଇ ଆଣିବା ସଙ୍ଗେ ସଙ୍ଗେ କୌଣସି ଗଛରୁ ସୁପକ୍ୱ କୋଳିମାନ ଦମକାଏ ପବନରେ ଝଡ଼ି ପଡ଼ିବା ପ୍ରାୟେ ସେ ଜନ୍ତୁର ସମୁଦାୟ ଦାନ୍ତ ଝଡ଼ି ପଡ଼ିଲା । ସେ ପଛକୁ ହଟି ଯାଇ ହେଲା ଭୂପତିତ । ଦୁଇ ଝଲକ ନିଆଁ ଭଳି ଉଡ଼ିଗଲା ତା'ର ଶେଷ ନିଃଶ୍ୱାସ । ପତନ ସଙ୍ଗେ ସଙ୍ଗେ ଚେହେରା ମଧ ତା'ର ବଦଳିଗଲା । ଦେଖାଗଲା ସେ ଏକ ରାକ୍ଷସ । – ବେଶ୍ ନାମୀ ରାକ୍ଷସ ।

ପ୍ରବୀଣମାନେ ଆସି ତାକୁ ଚିହ୍ନିଲେ : ମଥୁରାରେ କଂସର ଜଣେ ଦାସ; ନାମ ତା'ର କେଶୀ । କହିବା ବାହୁଲ୍ୟ, କୃଷ୍ଣଙ୍କର କ୍ରମାଗତ ଭାବରେ ଏକ ପରେ ଏକ ଆଶ୍ଚର୍ଯ୍ୟ ସାଧନର ସମ୍ବାଦ କଂସକୁ ଆତଙ୍କିତ କରୁଥିଲା । ଏହି ବାଳକ ନିଶ୍ଚୟ ତା'ର ଚରମ ଶତ୍ରୁ । କେଶୀକୁ ସେ ପ୍ରେରଣ କରିଥିଲା ବାଳକର ନିଧନ ନିମନ୍ତେ ।

କେଶୀ ନିହତ ହେବା ପରେ ଯେତେବେଳେ ତା'ର ଦାନ୍ତତକ ଝଡ଼ାଇ କୃଷ୍ଣହିଁ ତାକୁ ନିହତ କରିଥିବା ସମ୍ବାଦ ଯାଇ କଂସ କାନରେ ପଡ଼ିଲା, ସେ ବହୁ ସମୟ ଧରି ଆପଣା ଦାନ୍ତ କଡ଼ମଡ଼ କଲା ଭୀଷଣ କ୍ରୋଧ ଓ ଅପମାନ ଭରେ । ସେ ବୁଝିଲା, ତୁଚ୍ଛା ବଳ ପ୍ରୟୋଗ କରି ସମ୍ଭବତଃ ସେ ବିସ୍ମୟ ବାଳକକୁ ହଟାଇ ଦେବା ସମ୍ଭବ ହେବ ନାହିଁ; ଲୋଡ଼ା ଚାତୁର୍ଯ୍ୟ, ପ୍ରଖର ଚାତୁର୍ଯ୍ୟ !

ସେ ବିଦ୍ୟାରେ ଧୁରନ୍ଧର ଥିଲା ରାକ୍ଷସ ବ୍ୟୋମ; ତା'ର ଜଣେ କର୍ମଚାରୀ । ସେ ତାକୁ ତଲବ କଲା ଓ କହିଲା, ବୃନ୍ଦାବନ ଯାଇ କୃଷ୍ଣ ନାମକ ନନ୍ଦ-ପୁତ୍ରକୁ ଶେଷ କରି ଦେଇ ସେ ତା'ର ଚାତୁର୍ଯ୍ୟର ପ୍ରମାଣ ଦେଉ !

''ଆନନ୍ଦରେ !'' ପ୍ରଚଣ୍ଡ ହସ ହସି କର୍ମଭାର ଗ୍ରହଣ କଲା ବ୍ୟୋମ । ''ଖାଲି ତୁମର ସେ କୃଷ୍ଣ ଗୋଟାକୁ କାହିଁକି, ତା' ସାଙ୍ଗ ସମୁଦାୟ ଗୋପ ବାଳକମାନଙ୍କ ବିନାଶ ସାଧନ ପୂର୍ବକ ଦେଖାଇ ଦେବି ମୋର କରିସ୍ମା !'' ସେ କହିଲା ଏବଂ ପ୍ରସ୍ଥାନ କଲା । ଆଶ୍ୱସ୍ତିର ଶିହରଣ ଖେଳିଗଲା ରାଜା କଂସର ବଦନରେ ।

ସେଦିନ ଅପରାହ୍ଣରେ ପାହାଡ଼ ତଳିରେ ଗୋପ-ବାଳକମାନେ ଲୁଚକାଳି ଖେଳରେ ମତ୍ତ ଥିଲେ । କେତେ ଜଣ ଚୋରର ଅଭିନୟ ଓ ଆଉ କେତେ ଜଣ ରକ୍ଷୀର ଅଭିନୟ କରୁଥା'ନ୍ତି । ରାକ୍ଷସ ବ୍ୟୋମ ଜଣେ ଗୋପ ବାଳକର ଆକୃତି ଧରି ସେହି ମଉଜିଆ ହଟ୍ଟଗୋଳ ଭିତରେ ଜଣ ଜଣକୁ ଧରି ପକାଇବା ବାହାନାରେ ଗୋଟାଏ ପାହାଡ଼ର ଅନ୍ୟ ଦିଗକୁ ଦୌଡ଼ାଇ ନେଇଯାଇ ତହିଁଥିବା କନ୍ଦର ଭିତରକୁ ଠେଲି ଦେଇ ତଡ଼ିତ୍ ବେଗରେ ଓଜନିଆ ଶିଳାଖଣ୍ଡ ଯୋଗେ ତା' ଦ୍ୱାର ବନ୍ଦ କରି ଦେଉଥାଏ ।

ପ୍ରକୃତ ରୂପ ତା'ର ଧରା ପଡ଼ିଗଲା କୃଷ୍ଣଙ୍କ ଆଖିରେ । ସେ ତା' ଆଗକୁ ଯାଇ ସତେଅବା ତା' କବଳରୁ ଖସିବାକୁ ଚାହୁଁଛନ୍ତି, ସେମିତି ଭାବରେ ଦୌଡ଼ିଲେ । ବ୍ୟୋମ ଦୌଡ଼ିଲା ତାଙ୍କ ପଛରେ । ଯେମିତି କୃଷ୍ଣଙ୍କୁ ଗୋଟାଏ ହାତରେ ଧରି ସେ ଅନ୍ୟ ହାତରେ କନ୍ଦରର ଶିଳା ଅପସାରଣ କରିଛି, କୃଷ୍ଣ ତାକୁ କଲେ ଧରାଶାୟୀ । ସେ ଉଠି ପଡ଼ି ତତ୍‌କ୍ଷଣାତ୍ ଧାରଣ କଲା ବିକଟ ରୂପ । ଅଧିକରୁ ଅଧିକ ବିଶାଳକାୟ ହୋଇ ସେ କ୍ରୋଧାନ୍ଧ ରାକ୍ଷସ କୃଷ୍ଣଙ୍କୁ ଧରି ପକାଇବା ମାତ୍ରେ ସେ ସାମାନ୍ୟ ବାଳକଟିର

ଠେଲାରେ ହେଲା ପୁନର୍ବାର ଭୂତଳଶାୟୀ । ଗର୍ଜନ କରି ସେ ଉଠି ପଡ଼ିଲା ଓ ଇଚ୍ଛା କରି କଚାଡ଼ି ହୋଇ ପଡ଼ିଲା କୃଷ୍ଣଙ୍କ ଉପରେ – ନିଜର ପ୍ରଚଣ୍ଡ ଓଜନ ଯୋଗେ ବାଳକଟିକୁ ନିଷ୍ପେଷିତ କରିବା ମତଲବରେ । କୃଷ୍ଣ ତାକୁ ଫୋପାଡ଼ି ଦେଲେ ଖଣ୍ଡିଏ ହାଲୁକା କମ୍ବଳ ଦୂରକୁ ଛାଟି ଦେବା ଭଳି ! ଶେଷ ହୁଙ୍କାରରେ ପାହାଡ଼ ମୂଳକ ପ୍ରକମ୍ପିତ କରି ବ୍ୟୋମ ତ୍ୟାଗ କଲା ଶେଷ ନିଃଶ୍ୱାସ ।

କନ୍ଦର ଭିତରୁ ଓ ପାହାଡ଼ର ଅନ୍ୟ ପ୍ରାନ୍ତରୁ ଆସି ବାଳକମାନେ ଦେଖୁଥିଲେ ସେ ଦୃଶ୍ୟ । ସୂର୍ଯ୍ୟ ଅସ୍ତଗାମୀ ।

''ଆଜି ଖେଳ ବେଶ୍ ଜମିଲା; ନୁହେଁ ? ଚାଲ, ଏଥର ଫେରିଯିବା ଘରକୁ !'' କୃଷ୍ଣ କହିଲେ ଅତି ସ୍ୱାଭାବିକ କଣ୍ଠରେ ।

ମୁହୂର୍ତ୍ତେ ରହି ବାଳକମାନେ ସମସ୍ୱରରେ ଦେଲେ ବିପୁଳ ହର୍ଷ ଧ୍ୱନି ।

(କ୍ରମଶଃ) ❑

# ବଂଶୀ

## ଶତ୍ରୁଘ୍ନ ପାଣ୍ଡବ

କୋଉଠି ନା କୋଉଠି
ବଂଶୀ ଶୁଭୁଛି – କାନନର ବିତାନରେ ?
ନହେଲେ ମୁଁ ଆଗପଛ କାହିଁକି
ଥତମତ... ଥମକି ଚାହେଁ... ଶବ୍ଦ ଆଡ଼କୁ
କାନ ପାରେ ?

ଅଥଚ ଏଠି ଏତେ ମୋଟାମୋଟା ପର୍ଦା ଯେ
ଦୃଷ୍ଟି ଭେଦିବ ନାହିଁ ଆଗକୁ...
ଏଠି କୁଆଁ କୁଆଁ ଶବ୍ଦଠୁଁ ହୁଙ୍କାର... ଇଷିକାର
ହାହାକାର ଯାଏଁ ଏତେ ବେଶୀ ଶବ୍ଦ ଯେ
ଜଣାଯିବନି ତା'ର ଶବ୍ଦ... ରାଗ... ଅନୁରାଗର ବିଭବ ।

ବଂଶୀବାଦକ ତ କେଉଁ ଧୂଳି ସରସର ପାଦରେ
ଗାଇଆଳ ପିଲା – ସୂର୍ଯ୍ୟବତିଠୁଁ ସଞ୍ଜବତି ଯାଏଁ
ଖାଁ ଖାଁ ଶୂନ୍ୟତାକୁ ଯେ ଯୋଡୁଥାଏ
ତା' ହାତର ଅଦୃଶ୍ୟ ମୁଦ୍ରାରେ ?

ବଂଶୀ ବାଜିଲେ ତ ଦୃଶ୍ୟ ହୁଏ : (କ'ଣ ?)
ଦିଗନ୍ତ ଅଗରେ ସପ୍ତରଙ୍ଗୀ ଇନ୍ଦ୍ରଧନୁ ?



ଅରୁନ୍ଧତୀ ସ୍ୱାତୀ ଶତଭିଷା ? ପଦ୍ମ ଫୁଟଇ
ଅସନା ଅବର୍ଜ୍ୟା ଟୁବି ଗଡ଼ିଆରେ ?
ମାଳ ମାଳ ଶ୍ୱେତ ରାଜହଂସ ଡେଣା ଝାଡ଼ନ୍ତି ?

ବଂଶୀ ବାଜିଲେ ସେ ଶବ୍ଦ ଏପରି ଯେ
ବସ୍ତ୍ର ବୋଲି କିଛି ରହେ ନାହିଁ
ବସ୍ତ୍ର ପିନ୍ଧିଥିବା ଚର୍ମ ବୋଲି କିଛି ରହେ ନାହିଁ
ଅସ୍ଥିମାଂସର ତାଳିପକା ଏ ଦେହ ବୋଲି
କିଛି ରହେ ନାହିଁ
ପରିଚିତ ଦୃଶ୍ୟ ବୋଲି କିଛି ରହେ ନାହିଁ ।

ଖାଲି କାନ ଡେରିଥିଲେ କି ଦୃଷ୍ଟି ମେଲିଥିଲେ ହେଲା
କୌଣସି ନା କୌଣସି ବାଟ ଦେଇ ଦିନେ...ହଁ ଦିନେ
ସେ ଶବ୍ଦ ତମଠିଁ ମିତ ବସିବ –
ସେଣିକି ନିଦେଇ ବଂଶୀ...
ବଂଶୀ ଶୁଭିବ ହାଡ଼ର ରନ୍ଧ୍ରରେ ।

କୋଉଠି ନା କୋଉଠି
ବଂଶୀ ଶୁଭୁଛି... ❑

# ଏକ ସମ୍ଭାବନାପୂର୍ଣ୍ଣ ପରିସ୍ଥିତି

## ବିଶ୍ୱମ୍ଭର ସାମନ୍ତ

ସତ୍ୟର ଅବତରଣ ପାଇଁ ଅନୁକୂଳ ଅବସ୍ଥା ସମ୍ପର୍କରେ ଶିଷ୍ୟମାନଙ୍କ ସହ ଏକ କଥୋପକଥନରେ ଶ୍ରୀଅରବିନ୍ଦ କହିଥିଲେ, ‘‘There is a searching everywhere – not in any particular department, but everywhere the old order is changing and people are looking for something newer and better. At such critical periods the Truth tends to come down, or rather these periods are created by the coming Truth itself – it is only a way of saying that the conditions are favourable.’’

(Conversations with Sri Aurobindo,
Anil Baran Roy, Part - III)

‘‘ସବୁ କ୍ଷେତ୍ରରେ ଏକ ଅନ୍ୱେଷଣ ଚାଲିଛି, କୌଣସି ନିର୍ଦ୍ଦିଷ୍ଟ ବିଭାଗରେ ଖାଲି ନୁହେଁ, କିନ୍ତୁ ସବୁ କ୍ଷେତ୍ରରେ ପୁରୁଣା ବ୍ୟବସ୍ଥା ବଦଳି ଯାଉଛି ଏବଂ ଲୋକମାନେ ଅଧିକତର ନୂତନ ଓ ଅଧିକତର ଉତ୍ତମ କିଛିର ସନ୍ଧାନ କରୁଛନ୍ତି । ଏହିପରି ଏକ ଘଡ଼ିସନ୍ଧି ଯୁଗରେ ସତ୍ୟର ଅବତରଣ ପାଇଁ ସମ୍ଭାବନା ସୃଷ୍ଟି ହୁଏ ବରଂ ସ୍ୱୟଂ ଆଗମନଶୀଳ ସତ୍ୟ ଦ୍ୱାରାହିଁ ଏହିପରି ଅବସ୍ଥା ସୃଷ୍ଟି ହୋଇଥାଏ – କେବଳ କହିବାର ଏକ ଧରଣ ନେଇ କୁହାଯାଏ ଯେ ଅବସ୍ଥା ଅନୁକୂଳ ।’’

ସମାଜ ଓ ଜୀବନର ବିଭିନ୍ନ କ୍ଷେତ୍ରରେ ଆମେ ବର୍ତ୍ତମାନ ଏହିପରି ଏକ ଅବସ୍ଥା ଭିତର ଦେଇ ଯାଉଛୁ । ସମସ୍ତଙ୍କ ଭିତରେ ଏହିପରି ଏକ ଭାବ ଆସୁଛି ଯେ ଗତାନୁଗତିକ ପ୍ରଚଳିତ ବ୍ୟବସ୍ଥା ପ୍ରଣାଳୀ ବା ନୀତିନିୟମ ଦ୍ୱାରା ଆଉ ବାସ୍ତବ ଅଗ୍ରଗତି ସମ୍ଭବପର ନୁହେଁ । ଏସବୁଗୁଡ଼ିକ ପୁରୁଣା ହୋଇଗଲାଣି, ଏସବୁକୁ ବଦଳାଇବାକୁ ହେବ । ଏସବୁର ସ୍ଥାନରେ ନୂତନ ଓ ମହତ୍ତର କିଛି ଆଣିବାକୁ ହେବ । ଅବଶ୍ୟ ନୂତନ ଓ ମହତ୍ତର ପାଇଁ ଏହି ସନ୍ଧାନ ଓ ଅନ୍ୱେଷଣର ଭାବ ପ୍ରଥମେ ପ୍ରକାଶ ପାଉଛି ଏକ ନେତିବାଚକ ରୂପନେଇ, ଅର୍ଥାତ୍ ପ୍ରଚଳିତ ବ୍ୟବସ୍ଥାର ସବୁକିଛି ଉପରୁ ଆସ୍ଥା ତୁଟିଯିବାର ଭାବ ନେଇ । ଦେଶର ଶାସନ-ବ୍ୟବସ୍ଥା ଉପରେ କାହାର ଆସ୍ଥା ନାହିଁ, ରାଜନୈତିକ ଦଳ ଓ ନେତାଙ୍କ ଉପରେ ଆସ୍ଥା ନାହିଁ, ଧର୍ମସଂସ୍ଥା ବା ତଥାକଥିତ ଧର୍ମଗୁରୁ ଓ ପ୍ରତିଷ୍ଠାନ ଉପରେ ଆସ୍ଥା ନାହିଁ, କୋର୍ଟ-କଚେରୀ, ଅମଲାତନ୍ତ୍ର, କର୍ମଚାରୀ ଓ ହାକିମଙ୍କ ଉପରେ ଆସ୍ଥା ନାହିଁ । ଆସ୍ଥା ତୁଟିଯିବାର ଏହି ସାମଗ୍ରିକ ଭାବଟି ବୋଧହୁଏ ସବୁଠୁ ବେଶୀ ପ୍ରକାଶ ପାଇଛି ଶିକ୍ଷାକ୍ଷେତ୍ରରେ । ଲୋକମାନଙ୍କର ବିଶ୍ୱାସ ନାହିଁ ଯେ କୌଣସି ଶିକ୍ଷାନୁଷ୍ଠାନରେ ସେମାନଙ୍କର ପିଲା ପ୍ରକୃତ ଶିକ୍ଷା ପାଇବ, ସେଠାରେ ପ୍ରକୃତରେ ଶିକ୍ଷକମାନେ ଓ ପରିଚାଳକମାନେ ଆନ୍ତରିକତା ସହ ଶିକ୍ଷାଦାନ କାମଟି ହାତକୁ ନେଇଛନ୍ତି ଓ ତାଙ୍କ ପିଲା ଯେ ପ୍ରକୃତରେ ଯୋଗ୍ୟ ହୋଇ ଆବଶ୍ୟକୀୟ ମାନସିକ ବିକାଶ ଓ ବିଚାରବୁଦ୍ଧିରେ ଅଗ୍ରଗତି କରି କୌଣସି ଶିକ୍ଷାନୁଷ୍ଠାନରୁ ଉତ୍ତୀର୍ଣ୍ଣ ହେବ, ଏ ଆସ୍ଥା କାହାରି ନାହିଁ ।

ଶିକ୍ଷାବ୍ୟବସ୍ଥା ଉପରୁ, ଶିକ୍ଷାନୁଷ୍ଠାନ ଓ ଶିକ୍ଷକମାନଙ୍କ ଉପରୁ ଏହି ପ୍ରକାର ଆସ୍ଥା ତୁଟିଯିବାର ଭାବ କେବଳ ଯେ ଭାରତବର୍ଷରେ ଦେଖାଯାଇଛି, ତା’ ନୁହେଁ, ପୃଥିବୀବ୍ୟାପୀ ଏହିପରି ଏକ ଅବସ୍ଥା ସୃଷ୍ଟି ହୋଇଛି । ଆମେରିକାରେ ଶିକ୍ଷାର ଅବସ୍ଥା ଉପରେ ଆଲୋଚନା କରାଯାଇଥିବା ଏକ ପୁସ୍ତକ ପଢୁଥିଲି । ବହୁ ମାତାପିତା ଓ ଅଭିଭାବକଙ୍କ ସଙ୍ଗେ ଲେଖକ ଆଲୋଚନା କରି ଦେଖିଲେ ଅଧିକାଂଶଙ୍କର ମତ ହେଲା ସେମାନେ ପ୍ରକୃତରେ ଆଶା କରିପାରୁ ନାହାନ୍ତି ଯେ ସେମାନଙ୍କ ପିଲାମାନେ ସେ ଦେଶର ସାଧାରଣ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରୁ ଯଥାର୍ଥ ଶିକ୍ଷା ଲାଭ କରିବାର ବ୍ୟବସ୍ଥା ରହିଛି । ଆମେରିକାର ସ୍କୁଲ, କଲେଜରେ ଅର୍ଥର କୌଣସି ଅଭାବ ତ ନାହିଁ । ପୁସ୍ତକ, ଉପକରଣ, ଶିକ୍ଷକଙ୍କ ଦରମା ଓ ସ୍କୁଲଗୃହ ଆଦି ନିମନ୍ତେ ଅର୍ଥ ସଂଗ୍ରହ ପାଇଁ କାହାକୁ ମୁଣ୍ଡ ଖେଳାଇବାକୁ ପଡ଼େ ନାହିଁ । ତଥାପି ସେଠାରେ ମଧ୍ୟ ଏପରି ଅବସ୍ଥା । ଆମେରିକା ହେଉ ବା ଆଉ ଅନ୍ୟାନ୍ୟ ଦେଶରେ ହେଉ, ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଯୋଗ୍ୟ, ଉନ୍ନତ ମଣିଷରୂପେ ସେମାନଙ୍କ ପିଲା ଗଢ଼ି ହୋଇପାରିବ – ଏହି ବିଶ୍ୱାସ ଆଉ କାହାର ନାହିଁ ।

ତେବେ ଯୋଗ୍ୟ ମଣିଷ କହିଲେ ସେମାନେ ଠିକ୍ କ’ଣ ଆଶା କରନ୍ତି, ସେଥିପାଇଁ ଶିକ୍ଷାପ୍ରତିଷ୍ଠାନଗୁଡ଼ିକ କେଉଁ ଭୂମିକା

ନେଇ ପାରିବେ – ଏ ସମ୍ପର୍କରେ କାହାରି କିଛି ସ୍ପଷ୍ଟ ଧାରଣା ନାହିଁ । କିନ୍ତୁ ସମସ୍ତେ ଅସନ୍ତୁଷ୍ଟ । ଭାରତବର୍ଷରେ ଏ ଅସନ୍ତୋଷ ଯେ ଚରମରେ ପହଞ୍ଚିଛି ଏହା ବୁଝାଇବା ଦରକାର ନାହିଁ । ଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ଭୀଷଣ ଆର୍ଥିକ ଅଭାବ, ନାନା ବିଶୃଙ୍ଖଳା ଓ ଅବ୍ୟବସ୍ଥା ସାଙ୍ଗକୁ ଏହି ଅସନ୍ତୋଷ ମିଶିଯାଇ ସମଗ୍ର ଶିକ୍ଷାବ୍ୟବସ୍ଥା ଭୁଶୁଡ଼ି ପଡ଼ିବାର ଏକ ବାସ୍ତବ ବିପଦ ଆମ ଦେଶରେ ଦେଖା ଦେଇଛି ।

ତଥାପି ଏହି ଅସନ୍ତୋଷର ଯେ ଏକ ଭଲ ଦିଗ ଅଛି ଏହା ମନେ ରଖିବାକୁ ହେବ । ଆଗ ପରି ଲୋକମାନେ ପିଲାମାନଙ୍କୁ ସ୍କୁଲ, କଲେଜରେ ଭର୍ତ୍ତିକରି ଦେଇହିଁ ଯେପରି ସେମାନଙ୍କ ଶିକ୍ଷା ସମ୍ପର୍କରେ ନିଶ୍ଚିନ୍ତ ହୋଇ ଯାଉଥିଲେ, ବର୍ତ୍ତମାନ ସେପରି ଯେ ହେଉ ନାହିଁ, ଏହା ଏକ ଅଗ୍ରଗତିର ସୂଚନା ଦିଏ । କାରଣ ସ୍ପଷ୍ଟ ଭାବରେ କିଛି ଧାରଣା କରି ନପାରିଲେ ମଧ୍ୟ ମାଆବାପାଙ୍କ ମନରେ ପିଲାମାନଙ୍କର ଶିକ୍ଷା, ଯୋଗ୍ୟତା ଓ ବିକାଶ ସମ୍ପର୍କରେ ନୂଆ ନୂଆ ଆଶା, ଆକାଙ୍‌କ୍ଷା ସୃଷ୍ଟି ହେଉଛି । ଆଉ ଏହା ମଧ୍ୟ ସେମାନେ ଅନୁଭବ କରୁଛନ୍ତି ଯେ ସେହି ଆଶା ଓ ଆକାଙ୍‌କ୍ଷାଗୁଡ଼ିକୁ ଫଳବତୀ କରିବାକୁ ହେଲେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ନୂଆ କିଛି, ଅଧିକ କିଛି ଉପାଦାନ ଆଣିବାକୁ ହେବ । ଏହି ନୂଆ କିଛି ଓ ଅଧିକ ମହତ୍ତର କିଛି ପାଇଁ ଆବଶ୍ୟକତା ଅନୁଭବ କରିବା ଏକ ଅଗ୍ରଗତିର ଲକ୍ଷଣ । ହୁଏତ ଶ୍ରୀଅରବିନ୍ଦ ଯାହା କହିଛନ୍ତି ଏକ ଆଗମନଶୀଳ ବା ପ୍ରକାଶୋନ୍ମୁଖୀ ସତ୍ୟଶକ୍ତିର ଚାପ ଦ୍ୱାରାହିଁ ଲୋକମାନଙ୍କ ଭିତରେ ଏହି ପ୍ରକାର ମନୋଭାବ ସୃଷ୍ଟି ହେଉଛି ।

ତେଣୁ ଶିକ୍ଷାପ୍ରସାରର କ୍ଷେତ୍ରରେ ଯେଉଁମାନେ ସକ୍ରିୟ ଭାବରେ କାମ କରୁଛନ୍ତି, ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ଅସନ୍ତୁଷ୍ଟ ହୋଇ ଯେଉଁମାନେ ଏହାକୁ ବଦଳାଇ ନୂଆ ରୂପ ଦେବାକୁ ଚାହୁଁଛନ୍ତି ସେମାନଙ୍କ ପାଇଁ ଏହି ପ୍ରକାଶୋନ୍ମୁଖୀ ସତ୍ୟଶକ୍ତିର ଯନ୍ତ୍ର ହେବା ପାଇଁ ଏକ ସୁଯୋଗ ମିଳିଛି । ସେଦିଗରେ ଏକ ନୂଆ ସମ୍ଭାବନା ସୃଷ୍ଟି ହୋଇଛି । କିନ୍ତୁ ଏହି ସମ୍ଭାବନାକୁ କାର୍ଯ୍ୟକାରୀ ରୂପ ଦେବାକୁ ହେଲେ ପୁରୁଣା, ଗତାନୁଗତିକ ଧାରାରେ ଚାଲିଲେ ସେମାନେ ସଫଳ ହୋଇ ପାରିବେ ନାହିଁ । ସେମାନଙ୍କୁ ଶିକ୍ଷାର ସଂଗଠନ ଓ ପ୍ରଣାଳୀର କ୍ଷେତ୍ରରେ ନୂଆ ରାସ୍ତା ଓ ନୂଆ ଧାରା ଖୋଜି ବାହାର କରିବାକୁ ହେବ । ସେମାନଙ୍କ ଆଗରେ କୌଣସି ପୂର୍ବପ୍ରସ୍ତୁତ କର୍ମସୂଚୀ ରଖାଯାଇ ନାହିଁ । ଅଗ୍ରଗତିର କୌଣସି ସୁପରିକଳ୍ପିତ ଯୋଜନା ନାହିଁ । ପଥ ଚାଲିବା ପାଇଁ ନିର୍ଭୁଲଭାବେ ଅଙ୍କିତ କୌଣସି ମାନଚିତ୍ର ନାହିଁ । ସତ୍ୟ ପ୍ରତି ଏକ ଉତ୍ସର୍ଗୀକୃତ ମନୋଭାବ ଓ ଆନ୍ତରିକତାହିଁ ସେମାନଙ୍କର ଏକମାତ୍ର ପାଥେୟ ।

କିନ୍ତୁ ଏହା ନିଶ୍ଚିତ ଯେ ପ୍ରାଥମିକ ଅବସ୍ଥାରେ ସମ୍ମୁଖୀନ ହେଉଥିବା ନାନା ବାଧା, ପ୍ରତିବନ୍ଧକରେ ଯଦି ସେମାନେ ଅଟକି ନ ଯାଆନ୍ତି, ନୂଆ ଉତ୍ସାହ ଓ ସଂକଳ୍ପ ନେଇ ଯଦି ସାହସର ସହିତ ଆଗେଇବାକୁ ଏକ ବ୍ରତ ରୂପେ ଗ୍ରହଣ କରନ୍ତି, ତେବେ ସେମାନେ ସେହି ସତ୍ୟଶକ୍ତିର ସାହାଯ୍ୟ ପାଇ ପାରିବେ । ଚାଲିବାକୁ ଆରମ୍ଭ କରିଲେହିଁ ସେମାନଙ୍କ ଆଗରେ ନୂଆ ନୂଆ ପଥ ଖୋଲିଯିବ, ନିଜର କର୍ମ ପାଇଁ ନୂଆ ନୂଆ ସୁଯୋଗ ଓ ସମ୍ଭାବନା ସୃଷ୍ଟି ହେବ, କର୍ମସୂଚୀ, ପ୍ରଣାଳୀ ବା ବ୍ୟବସ୍ଥା ସମ୍ପର୍କରେ ନୂଆ ନୂଆ ବିଚାର ଓ ଜ୍ଞାନ ଦେଖାଦେବ । କାରଣ ଏକ ନୂତନ ସତ୍ୟ-ଶକ୍ତିହିଁ ସେମାନଙ୍କ ଅଜାଣତରେ ସେମାନଙ୍କୁ ଏ ପଥରେ ବ୍ରତୀ କରାଇଛି । ସେହି ଶକ୍ତି ଉପରେ ଏକ ଅଖଣ୍ଡ ବିଶ୍ୱାସ ଓ ନିର୍ଭରତା ହେଉଛି ସମସ୍ତ ସାଫଲ୍ୟର ଗୋପନ ଚାବିକାଠି । ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରସାରରେ ବ୍ରତୀ ହୋଇଥିବା ସମସ୍ତ କର୍ମୀମାନେ, ଛାତ୍ର, ଶିକ୍ଷକ, ଅଭିଭାବକ ଓ ପରିଚାଳକମାନେ ଏହି ଦିବ୍ୟଶକ୍ତିର କୃପା ଓ ନିଜର ଆନ୍ତରିକତାକୁ ପ୍ରଧାନ ସମ୍ବଳ ଓ ପାଥେୟ କରି ଆଗେଇ ଯିବାର ସଂକଳ୍ପ ରଖିଲେ ସାଫଲ୍ୟ ଅନିବାର୍ଯ୍ୟ ଓ ଅବଧାରିତ ।

❑❑❑

**ଭ୍ରମ ସଂଶୋଧନ**

ନବପ୍ରକାଶ, ୨୦୧୮ ଅଗଷ୍ଟ ସଂଖ୍ୟାର 'ଆରତିଦି' – ଏକ ଶ୍ରଦ୍ଧାଞ୍ଜଳି' ଶୀର୍ଷକ ପ୍ରବନ୍ଧରେ ପୃଷ୍ଠା ୫୩ରେ ତିରୋଧାନର ତାରିଖ '୦୬.୦୬.୨୦୧୮' ପରିବର୍ତ୍ତେ ୧୮.୦୬.୨୦୧୮ ପଢ଼ିବାକୁ ଅନୁରୋଧ ।

ମୁଦ୍ରଣଜନିତ ତ୍ରୁଟି ମାର୍ଜନୀୟ ।

# ହାରାଧନ

## (୬)

ଆଶ୍ରମ ଜୀବନର ସେହି କଷ୍ଟକର ମୁହୂର୍ତ୍ତରେ ହାରାଧନଙ୍କ ଜୀବନରେ ଘୂର୍ଣ୍ଣିପାକ ଆସିଛି – ସାଧାରଣ ମଣିଷ ସ୍ତରକୁ ପତିତ ହୋଇ ତାଙ୍କର ଉଗ୍ର ରାଜସିକ ସୈନିକ ସ୍ୱଭାବର ବାର ବାର ପରିପ୍ରକାଶ ଘଟିଛି । ବେଳେ ବେଳେ ବେଶ୍ ବିଦ୍ରୋହୀପ୍ରବଣ, ଅବାଧ, ଉଦ୍ଦଣ୍ଡ ହୋଇ ଉଠିଛନ୍ତି – ସେହି ସ୍ୱଭାବର ଭିତ୍ତିଭୂମିଟି ଥିଲା ଅତ୍ୟନ୍ତ କଠିନ, ବଜ୍ରସମ । ବୀର ଯୋଦ୍ଧା ହୋଇ ସେ ସବୁଥିରୁ ନିଜକୁ ସମ୍ପୂର୍ଣ୍ଣ ମୁକ୍ତ କରି ନୂତନଭାବେ ଜୀବନଯାପନ କରିଛନ୍ତି, ଆଶ୍ରମରେ ଚିରଦିନ ରହି ପାରିଛନ୍ତି ।

ତାଙ୍କ ଜୀବନର ସେହି ଘୂର୍ଣ୍ଣିପାକ ମୁହୂର୍ତ୍ତର ଏକ ଘଟଣା ସମ୍ବନ୍ଧେ ଏହି ମର୍ମରେ କଥିତ ଅଛି :

ପୁରାତନ ବିପ୍ଳବୀ-ସ୍ୱଭାବର ବଶବର୍ତ୍ତୀ ହୋଇ ଦିନେ ପାହାଚ ଚଢ଼ି ଶ୍ରୀଅରବିନ୍ଦଙ୍କ କକ୍ଷ-ସାମନା ଦରଜାରେ ଛିଡ଼ା ହୋଇ ବେପରୁଆ ଭାବରେ ବେଶ୍ ଜୋର୍‌ରେ ଶ୍ରୀଅରବିନ୍ଦଙ୍କ ସାଧନା ସମ୍ବନ୍ଧରେ ମନ୍ତବ୍ୟ କରିଛନ୍ତି । ସେତେବେଳେ ଶ୍ରୀଅରବିନ୍ଦ ଚେୟାରରେ ବସି ଟେବୁଲ ଉପରେ ଲେଖୁଥିଲେ । ହାରାଧନଙ୍କର ଏମିତି ବ୍ୟବହାରରେ ଦିବ୍ୟକରୁଣାର ପ୍ରତିଭୂ ଶ୍ରୀଅରବିନ୍ଦ ଉକ୍ତ ଶିଷ୍ୟଙ୍କର ଉଗ୍ର ସ୍ୱଭାବ ଉପରେ ତାଙ୍କର ଅବ୍ୟର୍ଥ ରୁଦ୍ର ଶକ୍ତିର ପ୍ରୟୋଗ କରି ତାଙ୍କୁ ଚାହିଁ କହି ଉଠିଛନ୍ତି : 'ହା-ରା-ଧ-ନ !!!' ଶୌର୍ଯ୍ୟ-ବୀର୍ଯ୍ୟର ବୀରପୁରୁଷ ତତ୍‌କ୍ଷଣାତ୍ ଥରହର ହୋଇ କୌଣସି ପ୍ରକାରେ ପାହାଚରୁ ନିମ୍ନକୁ ଓହ୍ଲାଇ କ୍ଷିପ୍ର ପଦକ୍ଷେପରେ ସିଧା ଆଶ୍ରମର ବାହାରକୁ ଆସି କୁଆଡ଼େ ଉଭାନ ହୋଇଗଲେ । (କଥିତ ଅଛି ଯେ ସେ କୁଆଡ଼େ ପଣ୍ଡିଚେରୀ ରେଲୱେ ଷ୍ଟେସନ ପର୍ଯ୍ୟନ୍ତ ଚାଲିଯାଇଥିଲେ ।)

''ସେତେବେଳେ ଆଶ୍ରମର ପ୍ରଧାନ କୋଠା ଭିତରେହିଁ ସାଧକ-ସାଧିକାମାନଙ୍କ ସକାଶେ ଭୋଜନାଳୟ ଥିଲା । ବର୍ତ୍ତମାନ ଯେଉଁଠି ଶ୍ରୀମାଶ୍ରୀଅରବିନ୍ଦଙ୍କ ସ୍ୱହସ୍ତ ଲିଖିତ ପାଣ୍ଡୁଲିପିସବୁ ଶୀତତାପ ନିୟନ୍ତ୍ରିତ ବଡ଼ ହଲ୍‌ଟିରେ ରଖାଯାଇଛି, ସେଇଠି । ସେଇଟିର ତତ୍ତ୍ୱାବଧାନରେ ଥିବା ସାଧକ ଜଣକ ଶ୍ରୀମା'ଙ୍କୁ ପଚାରିଛନ୍ତି, 'ମା, ହାରାଧନଙ୍କର ତ ଏ ପର୍ଯ୍ୟନ୍ତ ଦେଖା ନାହିଁ; ତାଙ୍କର ଭୋଜନ କ'ଣ ସେମିତି ରଖି ଅପେକ୍ଷା କରିବି ନା ଉଠାଇ ନେବି ।' ମା ଏହି ମର୍ମରେ କହିଥିଲେ, 'ସେମିତି ଥାଉ, ସେ ଆସିବ ।' ବେଶ୍ କିଛି ଘଣ୍ଟା ପରେ ସାଧାରଣ ସ୍ଥିତିରେ ଉପନୀତ ହୋଇ ହାରାଧନ ଆଶ୍ରମକୁ ଫେରି ଆସିଥିଲେ ।... (ଏ ଘଟଣାଟି କେବେ ଘଟିଥିଲା ଜଣା ନାହିଁ ।)

ବାର ବାର ତାଙ୍କର ଉଦ୍ଦଣ୍ଡ ଚରିତ୍ରର ପରିପ୍ରକାଶ ଘଟିଛି, ତାଙ୍କର ପୁରୁଣା ଅଭ୍ୟାସ ଓ ଗତିବିଧିସବୁ ସମ୍ମୁଖକୁ ଆସି ତାଙ୍କୁ ବ୍ୟତିବ୍ୟସ୍ତ କରିଛି । ନିଜ ଅଜାଣତରେ ପୁଣି ସେ କେବେ ଯେ ତନ୍ତ୍ର ବା ଗୂଢ଼ବିଦ୍ୟା (Occultism)ର ଫାନ୍ଦରେ ପଡ଼ିଯାଇଛନ୍ତି । ଆଶ୍ରମର ଅନ୍ତେବାସୀ ହୋଇ ଏସବୁ କର୍ମରେ ଲିପ୍ତ ରହିବା ଏକେବାରେ ବିଧି ବହିର୍ଭୂତ । ସେଇଠୁ ଶ୍ରୀଅରବିନ୍ଦ ୧୮ ଫେବ୍ରୁଆରୀ ୧୯୨୯ରେ ତାଙ୍କୁ ଲେଖିଛନ୍ତି :

''ବେଶ୍ କିଛି ଦିନ ଧରି ତୁମେ, ବିଶେଷ କରି ଏଇ କିଛି ଦିନ ହେଲା ତୁମେ ତନ୍ତ୍ର-ସାଧନା ଅଭ୍ୟାସ କରୁଛ ଏବଂ ତାନ୍ତ୍ରିକ କ୍ରିୟାର ଖେଳା ଆରମ୍ଭ କରି ଦେଇଛ, ସେସବୁ କ୍ରିୟା ଭିତରୁ କେତେକ ଅତିରିକ୍ତ, ଅଯୌକ୍ତିକ ଏବଂ ଅସ୍ୱାଭାବିକ ପୁନଶ୍ଚ ଏପରିକି କେତେକ କ୍ରିୟା ଅପ୍ରୀତିକର, ଅସ୍ୱାସ୍ଥ୍ୟକର ଏବଂ ବିରକ୍ତିକର ସ୍ୱଭାବର । ତୁମକୁ ଯେତେବେଳେ ଏହିସବୁ କ୍ରିୟାକଳାପ ସମ୍ବନ୍ଧରେ ପ୍ରଶ୍ନ ପଚରାଗଲା, ତୁମେ କହିଲ ଯେ ଶ୍ରୀମାହିଁ ଏସବୁ କ୍ରିୟା ତୁମ ମାଧମରେ କରାଉଛନ୍ତି । ଏହା ସମ୍ପୂର୍ଣ୍ଣ ମିଥ୍ୟା ଯେ ମୁଁ ଏବଂ ମୋର କାର୍ଯ୍ୟକାରିଣୀ ଶକ୍ତି ତୁମ ଦ୍ୱାରା ଏସବୁ କରାଉଛୁ; ଯଦି କଦର୍ଯ୍ୟ ଭାବରେ ତୁମ ମସ୍ତିଷ୍କର ବିକୃତି ନଘଟିଥା'ନ୍ତା, ତେବେ ତୁମେ ହୁଏତ ଏକଥା କେବେ ବି କଳ୍ପନାରେ ଆଣି ପାରି ନଥା'ନ୍ତ କିଂବା ଛଳନା କରି ଏକଥା କହିପାରି ନଥା'ନ୍ତ ଯେ ଏସବୁ କ୍ରିୟାକଳାପ ମୋଠୁ ଆସିଛି ।... ଅଧିକନ୍ତୁ ଆଜି ସକାଳେ ତୁମେ ତୁମର ଏକ ଅତ୍ୟନ୍ତ ନିଷ୍ଠୁର ବ୍ୟବହାରକୁ ପ୍ରଶ୍ରୟ ଦେଇଛ ଯାହାକି ଏକେବାରେ ଅସହ୍ୟ, ଦୁଃସହ । ଯଦି ଏହି ଧରଣର ବ୍ୟବହାର ବା ଯେକୌଣସି ପ୍ରକାରରେ ଏହି ବ୍ୟବହାର ପୁନର୍ବାର ଦେଖାଦିଏ, ତା'ହେଲେ ତୁମକୁ ନିଶ୍ଚିତ ରୂପେ ପଣ୍ଡିଚେରୀ ଛାଡ଼ି ଚାଲିଯିବାକୁ ହେବ । କାରଣ, ଆମେ ଏବେ କେବଳ ଏଇ ସିଦ୍ଧାନ୍ତରେ ଉପନୀତ ହୋଇପାରୁ ଯେ ତୁମ ମଧ୍ୟରେ ମାନୁଷୀ-ପ୍ରେମ ସଂକ୍ରାନ୍ତ ଅପବିତ୍ରତା ରହିଥିବା ଯୋଗୁ ତୁମେ ଆମ ଯୋଗର ଚାପ

ସହ୍ୟ କରିବାକୁ ସେତେ ସକ୍ଷମ ବା ଯୋଗ୍ୟ ନୁହଁ । ଏ କ୍ଷେତ୍ରରେ ତୁମ ସକାଶେ ଏକମାତ୍ର ପ୍ରତିକାର ହେଉଛି ତୁମେ ଏଠାରୁ ଯାଇ ଅନ୍ୟ କୌଣସି ସ୍ଥାନରେ ବାସ କର ଏବଂ ପରମ୍ପରାଗତ ସ୍ୱାଭାବିକ ପାରିପାର୍ଶ୍ୱିକ ଅବସ୍ଥା ଓ ପରିବେଶର ପ୍ରଭାବରେ ରହି ସହଜଲଭ୍ୟ ବା ମାମୁଲି ଚାକିରି କରି ଜୀବନ ଅତିବାହିତ କର, ଯଦ୍ୱାରା ତୁମେ ଉପଯୁକ୍ତ ସମୟରେ ତୁମର ଭାରସାମ୍ୟତା ରକ୍ଷା କରି ପାରିବ । ଆଜି ସକାଳେ ଏଠାରେ ତୁମେ ଯେଉଁ ଧରଣର ବ୍ୟବହାର ପ୍ରଦର୍ଶନ କରିଛ ତା'ର ପୁନରାବୃତ୍ତି କେବେ ହେଲେ ସହ୍ୟ କରାଯାଇ ପାରିବ ନାହିଁ, ଏକେବାରେ ଅସମ୍ଭବ ।''

ହାରାଧନ ୩ ମାର୍ଚ୍ଚ ୧୯୨୯ରେ ଗୁରୁଙ୍କଠାରୁ ବିଦାୟ ନେଇଛନ୍ତି ଏବଂ ୨୩ ଜାନୁଆରୀ ୧୯୩୦ରେ ଆଶ୍ରମକୁ ଆସି ମାତ୍ର ଚାରିଦିନ ରହି ପୁଣି ବାହାରକୁ ଯାଇଛନ୍ତି ଏବଂ ୩୦ ଡିସେମ୍ବର ୧୯୩୦ରେ ଫେରିଆସି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ରହିଛନ୍ତି । କିନ୍ତୁ ବିରୋଧିଶକ୍ତିର ଆକ୍ରମଣ ଲାଗି ରହିଥିଲା ।

ହାରାଧନ ତାନ୍ତ୍ରିକ କ୍ରିୟାକଳାପରେ ସାମୟିକ ଭାବରେ ତୀବ୍ର ଆଗ୍ରହାନ୍ୱିତ ହୋଇ ତନ୍ତ୍ର ବିଷୟରେ ଏକ ତ୍ରୁଟିପୂର୍ଣ୍ଣ ଅନୌପଚାରିକ ପଦ୍ଧତି ସମ୍ବନ୍ଧରେ ପ୍ରବନ୍ଧ ଲେଖି ସେଇଟିକୁ ଛପାଇ ପ୍ରକାଶ କରିବାକୁ ଶ୍ରୀଅରବିନ୍ଦଙ୍କର ଅନୁମତି ଚାହିଥିଲେ । ଶ୍ରୀଅରବିନ୍ଦ ଏହା ପ୍ରକାଶ କରିବାକୁ ବାରଣ କରିବାରୁ ତାଙ୍କର ଉଦ୍ଧତ ପ୍ରକୃତି ପୁଣି ଠେଲି ହୋଇ ବାହାରକୁ ଆସିଛି ଏବଂ ସେ ଶ୍ରୀଅରବିନ୍ଦଙ୍କୁ ପତ୍ର ଲେଖିଛନ୍ତି । ଶ୍ରୀଅରବିନ୍ଦ ୨୪ ଡିସେମ୍ବର ୧୯୩୪ରେ ସେହି ପତ୍ରର ଉତ୍ତର ନିମ୍ନ ପ୍ରକାରେ ଲେଖିଛନ୍ତି :

''ଏଥି ପୂର୍ବରୁ ମୁଁ ତୁମର ପାଣ୍ଡୁଲିପି ତୁମ ପାଖକୁ ପଠାଇ ଦେଇଛି । ସଙ୍ଗଠିତ ସଂସ୍ଥା ଏବଂ ଶୃଙ୍ଖଳା ବ୍ୟତୀତ କୌଣସି ସାମୂହିକ କର୍ମ ଏଠାରେ ସମ୍ପାଦନ କରାଯାଏ ନାହିଁ – ପୁନଶ୍ଚ ଏକ ସଂସ୍ଥାରେ ରହିବାକୁ କାହାରିକୁ ବାଧ କରାଯାଇ ପାରିବ ନାହିଁ, ଯଦି ବ୍ୟକ୍ତିଟି ସେହି ସଂସ୍ଥାର ଅଂଶ ବିଶେଷ ହୋଇ ନଥାଏ । (ଏକ ସରକାର ବା ରାଷ୍ଟ୍ର ସମ୍ବନ୍ଧରେ ସଂପୂର୍ଣ୍ଣ ଭିନ୍ନ କଥା ।)...''

ହାରାଧନ ଠିକ୍ ପରବର୍ଷ ତନ୍ତ୍ର ସମ୍ବନ୍ଧରେ ତାଙ୍କର ଏକ ପୁସ୍ତକ ଛପାଇବା ସକାଶେ ମୁଖବନ୍ଧ ଲେଖି ଶ୍ରୀଅରବିନ୍ଦଙ୍କୁ ପାଠ କରିବାକୁ ଦେଇଥିଲେ । ୨୮ ଏପ୍ରିଲ ୧୯୩୫ରେ ଶ୍ରୀଅରବିନ୍ଦ ତା'ର ଉତ୍ତରରେ ଲେଖିଛନ୍ତି : ''ତୁମେ ଉଲ୍ଲେଖ କରିଛ ଯେ ତୁମର ଏହି 'ମୁଖବନ୍ଧ'ଟି ହେଉଛି ବିରୋଧିଶକ୍ତିରାଜିଙ୍କର କୌଶଳ ବା ଫନ୍ଦିଫିକର ବିରୋଧରେ ଏକ ସତର୍କତା ଅବଲମ୍ବନ । କିନ୍ତୁ ତୁମେ ଯେପରି ଭାବରେ ତାହା ବର୍ଣ୍ଣନା କରିଛ, ସେଇଟି ତୁମର କହିବାଠାରୁ ଅନେକ ବେଶୀ କିଛିକୁ ବୁଝାଉଛି – ଏହା ଯୋଗୀ ଓ ଗୁରୁମାନଙ୍କ ଉପରେ ଏବଂ ସାଧାରଣତଃ ତନ୍ତ୍ରସାଧକମାନଙ୍କ ଉପରେ ଏକ ଆକ୍ରମଣ ଏବଂ ସେମାନଙ୍କ କର୍ମପନ୍ଥା ଉପରେ ସତର୍କତାସୂଚକ ଏକ ବିଜ୍ଞପ୍ତିକୁ ସୂଚାଉଛି । ତୁମ ମତରେ ସେମାନେ ହେଉଛନ୍ତି ସାଧାରଣ ମାମୁଲି ମଣିଷ, ଯେଉଁମାନେ ସେମାନଙ୍କର ଜ୍ଞାନ – ଏହା ଯେଉଁ ସ୍ତରରେ ରହିଥାଏ ସେଇଥିରୁ ଏବଂ ଶକ୍ତିସାମର୍ଥ୍ୟକୁ ସେମାନଙ୍କର ଶିଷ୍ୟବର୍ଗଙ୍କ ଉପରେ ପ୍ରଭୁତ୍ୱ ବା ଆଧିପତ୍ୟ ବିସ୍ତାର କରିବା ସକାଶେ ଓ ବଳପୂର୍ବକ ନିଜର ସ୍ୱୀକୃତି ଆଦାୟ କରିବା ସକାଶେ ବ୍ୟବହାର କରିଥା'ନ୍ତି; ସେମାନେ ନିଜର ଉଦ୍ଦେଶ୍ୟ ସାଧନ ନିମନ୍ତେ ଶିଷ୍ୟବର୍ଗ ତଥା ଅନ୍ୟାନ୍ୟ ବ୍ୟକ୍ତିଙ୍କ ଉପରେ ଅଶରୀରୀ ସତ୍ତା ବା ବେତାଳ (alien being)କୁ ପ୍ରୟୋଗ କରି ମିଥ୍ୟା ପ୍ରତାରଣାମୂଳକ ଓ ବିଭ୍ରାନ୍ତିକର ଅନୁଭୂତିସବୁ ସୃଷ୍ଟି କରାନ୍ତି ଯଦ୍ୱାରା ସେମାନେ ସେମାନଙ୍କର ନିଜସ୍ୱ ଅଭିପ୍ରାୟସବୁକୁ ଦୀର୍ଘତର କରାଇ ପାରନ୍ତି । ତେଣୁ ତୁମେ ସମସ୍ତଙ୍କୁ ସତର୍କ କରାଇ ଦେଇଛ ଯେ ସେମାନେ ଯେପରି ଏହିସବୁ ତାନ୍ତ୍ରିକ-ସାଧୁ, ଯୋଗୀ ଓ ଗୁରୁଙ୍କ ସମ୍ବନ୍ଧରେ ସଜାଗ ରହନ୍ତି; ସେମାନଙ୍କ ଉପରେ ଯେପରି କୌଣସି ବିଶ୍ୱାସ ଭରସା ନରଖନ୍ତି; କାରଣ ତୁମେ ତୁମର ବ୍ୟକ୍ତିଗତ ଅନୁଭୂତି ଓ ଅଭିଜ୍ଞତାରୁ ଜାଣିପାରିଛ ଯେ ସେମାନେ ସମସ୍ତେ, ଏପରିକି ସେମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ପ୍ରସିଦ୍ଧତମ ବ୍ୟକ୍ତି ମଧ୍ୟ ସମାନ ଭାବେ ଅଜ୍ଞ, ଅନଭିଜ୍ଞ, ଭଣ୍ଡ ଏବଂ ଲୋକମାନଙ୍କୁ ଭୁଲ୍‌ମାର୍ଗରେ ପଥ ଦେଖାଇବାକୁ ଜଣେ ଜଣେ ସ୍ୱାର୍ଥାନ୍ୱେଷୀ ଶୋଷକ । ତୁମେ ତୁମ ନିଜର ଗୁରୁମାନଙ୍କୁ ତ ମାନ ନାହିଁ, ଅଧିକନ୍ତୁ ବରଂ ଅଧିକ ସୂକ୍ଷ୍ମ ଓ ସୁସ୍ପଷ୍ଟ ଭାବରେ ସେମାନଙ୍କୁ ତୁମର ବକ୍ତବ୍ୟରେ ଅନ୍ତର୍ଭୁକ୍ତ କରିଛ ।

''ଏଠାରେ ଆଶ୍ରମରେ ଅଭ୍ୟାସ କରାଯାଉଥିବା ଯୋଗର ବେଶ୍ କେତୋଟି ମୂଳତତ୍ତ୍ୱ ବା ଉପାଦାନ ସ୍ୱରୂପ ରୂପାନ୍ତର, ଉର୍ଦ୍ଧ୍ୱରୁ ଅବତରି ଆସୁଥିବା ଶାନ୍ତି, ଆଲୋକ ଆଦିକୁ ନିଜ ଭିତରେ ଗ୍ରହଣ କରିବା ଆଦି ଅନୁଭୂତିସବୁ ସମ୍ବନ୍ଧେ ତୁମେ ବିଶେଷ ଭାବରେ ଉଲ୍ଲେଖ କରି ପ୍ରତ୍ୟେକଙ୍କୁ ସାବଧାନ କରାଇ ଦେଇଛ ଯେ ଏହିସବୁ ରୂପାନ୍ତର, ଶାନ୍ତି, ଆଲୋକ ତଥା ଅନୁଭୂତିସବୁ ଅବାସ୍ତବ, କାଳ୍ପନିକ, ପ୍ରତାରଣାମୂଳକ ଭ୍ରାନ୍ତ

ଧାରଣା ଯାହାକି ଗୁରୁଙ୍କର କୁହୁକମୟ ଶକ୍ତି ଦ୍ୱାରା ଶିଷ୍ୟବର୍ଗଙ୍କଠାରୁ ବାଧ୍ୟତାମୂଳକ ଭାବରେ ସ୍ୱୀକୃତି ଆଦାୟ କରିବା ଉଦ୍ଦେଶ୍ୟରେ ଆରୋପିତ । ଜଣେ ନିଜେ ରୂପାନ୍ତର ବା ଅନ୍ୟ ସବୁକିଛି ଅନୁଭୂତି ଲାଭ କରି ପାରିବ, କିନ୍ତୁ ନିଜର ଅନ୍ତରାତ୍ମାର ସହାୟତାରେ କେବଳ ସେସବୁ ଲାଭ କରି ପାରିବ; ପ୍ରତ୍ୟେକେ ନିଜ ଅନ୍ତରାତ୍ମାରୁ ଆସୁଥିବା ପ୍ରେରଣାକୁ ସ୍ୱୀକାର କରି ନେବା ଉଚିତ । ଜ୍ଞାନ ଆହରଣ ସକାଶେ କେବଳ ଉପନିଷଦ୍‌ର ସହାୟତା ନେବା ଉଚିତ ଏବଂ ଏହିସବୁ ଯୋଗୀ ଓ ଗୁରୁଙ୍କର ବିଭ୍ରାନ୍ତିକର, ଆଧୁନିକ ଶୈଳୀର ବିକୃତ ରଚନାବଳିକୁ ଆଦୌ ଅନୁସରଣ କରନ୍ତୁ ନାହିଁ ।

''ଯଦି ଶବ୍ଦାବଳିର କିଛି ଅର୍ଥ ଥାଏ, ତେବେ ତୁମେ ଯାହାସବୁ ବର୍ଣ୍ଣନା କରିଛ ସେଥିରୁ ତ ଏସବୁର ସ୍ପଷ୍ଟ ସୂଚନା ମିଳୁଛି । ତଥାପି, ତୁମେ ଏହିସବୁ ବିଷୟକୁ ତୁମ ନାମରେ ହେଉ ବା ବେନାମୀ ଭାବେ ହେଉ ଏହାକୁ ପ୍ରକାଶ କରିବା ସକାଶେ ମୋର ବିଶେଷ ଅନୁମତି ଆଶା କରୁଛ ଯାହାକି ଅତି କମ୍‌ରେ ଏଠାରେ ତୁମର ରହିବା ପ୍ରତ୍ୟାଶା କରିବା ସପକ୍ଷରେ ସମ୍ପୂର୍ଣ୍ଣ ଅସଙ୍ଗତ ହୋଇଉଠୁଛି । ମୁଁ ଅନୁମତି ଦେବାକୁ ଏକେବାରେ ଅସମ୍ମତ ।''

''ବି.ଦ୍ର. : *ମୁଁ ଏକଥା ଉଲ୍ଲେଖ କରିପାରେ ଯେ ବିନା ଅନୁମତିରେ ଏହା ପ୍ରକାଶ ପାଇବା ଅର୍ଥ ତୁମର ଏଠାରେ ରହିବା ସମ୍ପୂର୍ଣ୍ଣ ଅସଙ୍ଗତ ।''*

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: office@ayurlabsindia.com

# ଆମ ଶରୀର

## (୯)

## ଭୋଳେଶ୍ୱର ଭୂୟାଁ

### ଶରୀରର ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା (୨)

ବର୍ତ୍ତମାନ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍ଗ ପୂର୍ଣ୍ଣତାର ଅଧିକାରୀ କେବଳ ଭଗବାନ୍ । ତାଙ୍କର ଏ ସୃଷ୍ଟି ବିଶ୍ୱବ୍ରହ୍ମାଣ୍ଡ ଅବା ପୃଥିବୀରେ ଏହି ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ଏବେ ବି ପ୍ରତିଷ୍ଠିତ ହୋଇପାରି ନାହିଁ । ଏହାର କାରଣ ହେଲା ଏ ସୃଷ୍ଟି ନିଶ୍ଚେତନାରୁ ଆରମ୍ଭ ହୋଇ ନିଶ୍ଚେତନାର ଅଦିବ୍ୟ ଶକ୍ତିକୁ ଆହରଣ କରି ଅଗ୍ରସର ହେଉଛି । କିନ୍ତୁ ଦିନେ ନା ଦିନେ ଏହି ପୃଥିବୀରେ ପୂର୍ଣ୍ଣ ଦିବ୍ୟତାର ପ୍ରତିଷ୍ଠା ହେବ ।

ଦିନେ ସ୍ୱପ୍ନରେ ଏ ଲେଖକ ଶ୍ରୀମା'ଙ୍କୁ ପ୍ରଶ୍ନ କରିଥିଲା – ''ମୋ ଭିତରେ ଏ ନିମ୍ନ-ପ୍ରକୃତି କାହିଁକି ରହିଛି ?'' ଶ୍ରୀମା ଏହାର ଉତ୍ତରରେ କହିଲେ, ''ଯେହେତୁ ସମସ୍ତଙ୍କ ଭିତରେ ଏହା ରହିଛି ।'' ଏଥିରୁ ମୁଁ ବୁଝିଲି ଯେପର୍ଯ୍ୟନ୍ତ ସାରା ପୃଥିବୀରେ ନିମ୍ନ-ପ୍ରକୃତି ରହିଥିବ ସେପର୍ଯ୍ୟନ୍ତ ଆମ ଭିତରକୁ ଏସବୁ ପ୍ରବେଶ କରିବାର ସମ୍ଭାବନା ରହିଛି । ଆମେ ସାଧକ ହୋଇ ସାରା ପୃଥିବୀର ନିମ୍ନ-ପ୍ରକୃତିକୁ ଦିବ୍ୟ-ପ୍ରକୃତିରେ ରୂପାନ୍ତର କରିବା ବଦଳରେ କେବଳ ନିଜ ଭିତରେ ଥିବା ନିମ୍ନପ୍ରକୃତିକୁ ଦୂର କରିବା ପାଇଁ ଚେଷ୍ଟା କରିଥାଉ । ଏହାକୁ ରୂପାନ୍ତର କରିବା ବଦଳରେ ଆମ ଚେତନାର ଅତଳ ଗର୍ଭରେ (ଅବଚେତନାରେ) ଲୁଚାଇ ରଖିବାକୁ ଚେଷ୍ଟା କରିଥାଉ । ପୁରାତନ ଆଧ୍ୟାତ୍ମିକ ସାଧନାରେ ଏହି ଅବଚେତନା ଓ ନିଶ୍ଚେତନା ଉପରେ କାମ କରାଯାଇ ନାହିଁ । କେବଳ ବ୍ୟକ୍ତିଗତ ସାଧନା ଯୋଗେ ନିଜର ମୁକ୍ତି, ସଦ୍‌ଗତି ପାଇଁ ଚେଷ୍ଟା କରାଯାଇଥାଏ । ଶ୍ରୀମା କହୁଛନ୍ତି ଯେ ଆମେ ଯେପର୍ଯ୍ୟନ୍ତ ଖାଦ୍ୟ ଖାଉଥିବୁ ସେପର୍ଯ୍ୟନ୍ତ ଏହି ନିଶ୍ଚେତନାର କବଳରୁ ଉଦ୍ଧାର ପାଇ ପାରିବୁ ନାହିଁ । ଖାଦ୍ୟ ମାଧ୍ୟମରେ ନିଶ୍ଚେତନାରେ ଥିବା ସମସ୍ତ ନିମ୍ନପ୍ରକୃତି ଆମ ଭିତରେ ପ୍ରବେଶ କରି ଆମର ପ୍ରତି ଶରୀର କୋଷରେ ପ୍ରତିଷ୍ଠିତ ହୁଏ । ତେଣୁ ଆମ ଶରୀରକୁ ବଞ୍ଚାଇ ରଖିବାକୁ ହେଲେ ଆମକୁ ଖାଦ୍ୟର ବିକଳ୍ପ ବ୍ୟବସ୍ଥା ଖୋଜିବାକୁ ହେବ । ସେଥିପାଇଁ ପୂର୍ଣ୍ଣାଙ୍ଗ ଯୋଗର ଅର୍ଥ ହେବ ''ଶରୀର କୋଷର ଯୋଗ'' । ଶରୀରର କୋଷମାନଙ୍କୁ ମଧ୍ୟ ଯୋଗ କରିବା ଶିଖିବାକୁ ହେବ । ଶ୍ରୀଅରବିନ୍ଦ ନିଜେ ପରୀକ୍ଷା କରି ଦେଖିଛନ୍ତି ଦୀର୍ଘ ଦିନ ଉପବାସ କରି ମଧ୍ୟ ଶରୀରକୁ ସୁସ୍ଥ-ସବଳ ରଖାଯାଇ ପାରେ । କିନ୍ତୁ ଶ୍ରୀମାଶ୍ରୀଅରବିନ୍ଦ ଉଭୟେ ଆମ ସାଧନାରେ ଉପବାସ କରିବା ବିଷୟରେ ଜୋର୍ ଦେଇ ନାହାନ୍ତି । କାରଣ ମଣିଷ ଏପର୍ଯ୍ୟନ୍ତ ଖାଦ୍ୟର ବିକଳ୍ପ ପାଇ ନାହିଁ । ଯେପର୍ଯ୍ୟନ୍ତ ଶରୀର କୋଷମାନେ ସଚେତନ ହୋଇ ନିଜର ପରିଚାଳନାର ଭାର ଭଗବାନଙ୍କୁ ସମର୍ପି ନଦେଇଛନ୍ତି ସେପର୍ଯ୍ୟନ୍ତ କୋଷମାନେ ପ୍ରକୃତିର ପୁରୁଣା ପଦ୍ଧତିରେ ଚଳିବାକୁ ବାଧ୍ୟ ହେବେ । କୋଷମାନଙ୍କୁ ଏହି ନୂତନ ସୀମାରେ ପହଞ୍ଚିବା ପାଇଁ ଯେତେ ସମୟ ଲାଗିବ ତାକୁ ଆମେ ମଧ୍ୟବର୍ତ୍ତିକାଳୀନ ସ୍ଥିତି ବୋଲି କହିଥାଉ । ଶରୀର କୋଷମାନଙ୍କୁ ସଚେତନ କରି ଏହାର ପରିଚାଳନାର ଭାର ଭଗବାନଙ୍କୁ ଅର୍ପଣ କରିପାରିଲେ ତାହା ହେବ ଶରୀର ରୂପାନ୍ତରର ପ୍ରାରମ୍ଭିକ କାମ । ଏହା ଶାରିରୀକ ଯୋଗର ଆରମ୍ଭ ମାତ୍ର ।

ଶ୍ରୀମା ନିଜ ଶରୀରରେ ଏହି ଶରୀର ରୂପାନ୍ତର କାମ ଆରମ୍ଭ କରାଇ ଏ ପଥରେ ବହୁ ଦୂର ଅଗ୍ରସର ହୋଇଛନ୍ତି । ସୂକ୍ଷ୍ମ ଭୌତିକ ସ୍ତରରେ ତାଙ୍କ ଶରୀର ପୂର୍ଣ୍ଣ ରୂପାନ୍ତର ହୋଇ ସାରିଛି । ଶ୍ରୀମା ୧୯୭୩ ମସିହା ନଭେମ୍ବର ୧୭ ତାରିଖରେ ତାଙ୍କର ସ୍ଥୂଳ ଜଡ଼ ଶରୀରକୁ ଛାଡ଼ି ଏହି ରୂପାନ୍ତରିତ ଶରୀରରେ ପ୍ରବେଶ କରିଗଲେ । ଏହି ରୂପାନ୍ତରିତ ଶରୀର ସାରା ପୃଥିବୀରେ ବ୍ୟାପି ଗଲା । ସେସମୟରେ ଯେଉଁମାନେ ପ୍ରସ୍ତୁତ ଥିଲେ ସେମାନଙ୍କ ଭିତରେ ସେ ପ୍ରବେଶ କରି ଜଣଙ୍କର ଶରୀର ରୂପାନ୍ତର କରିବା ବଦଳରେ ଏକ ସମୟରେ ଦଳେ ଲୋକଙ୍କ ଶରୀର ରୂପାନ୍ତର କାମରେ ଲାଗି ଗଲେ । ଏହାହିଁ ଥିଲା ଭଗବାନଙ୍କ ଇଚ୍ଛା ।

ଶରୀର ରୂପାନ୍ତର କାମରେ ଶ୍ରୀମା'ଙ୍କର ଶରୀରରେ ଭଗବାନଙ୍କ ଇଚ୍ଛା ଶକ୍ତିହିଁ କାମ କରୁଥିଲା । ତାଙ୍କର ପ୍ରତ୍ୟେକ ଶରୀର-କୋଷକୁ ରୂପାନ୍ତରିତ କରି ତାକୁ ଦିବ୍ୟତା ପ୍ରଦାନ କରିଥିଲେ । ଯଦିଓ ଶ୍ରୀମା'ଙ୍କ ବିଶାଳ ଚେତନା ଥିଲା ପରମ ପ୍ରଭୁଙ୍କ ପରମ, ସଚଳା ଭାଗବତୀ ଶକ୍ତି ସହିତ ବହୁ ଦିବ୍ୟ-

ଶକ୍ତିର ସମ୍ମିଶ୍ରଣ । ଏକଦା ଶ୍ରୀଅରବିନ୍ଦଙ୍କୁ ଶ୍ରୀମା କହିଲେ ଆମକୁ ରୂପାନ୍ତର ପାଇଁ ଏତେ ପରିଶ୍ରମ କରିବା ଦରକାର ନାହିଁ, ମୁଁ ଏହି ପୃଥିବୀକୁ ଏକ ମୁହୂର୍ତ୍ତରେ ରୂପାନ୍ତର କରିଦେଇ ପାରିବି । ଶ୍ରୀଅରବିନ୍ଦ ଏକଥା ଶୁଣି ଉତ୍ତରରେ କହିଲେ – ଏପରି ହେଲେ ପୃଥିବୀ କେତେ ସମୟ ତିଷ୍ଠି ରହିବ ? ଅର୍ଥାତ୍ ଯେପର୍ଯ୍ୟନ୍ତ ପୃଥିବୀ ଏହି ରୂପାନ୍ତର ପାଇଁ ପ୍ରସ୍ତୁତ ନହୋଇଛି; ଯେପର୍ଯ୍ୟନ୍ତ ନିଜେ ଏହି ରୂପାନ୍ତରକୁ ନଚାହିଛି ସେତେବେଳ ପର୍ଯ୍ୟନ୍ତ ଏହାକୁ ଜୋର୍ କରି ରୂପାନ୍ତର କରାଯାଇ ପାରିବ ନାହିଁ । ସେଥିପାଇଁ ଶ୍ରୀମା ଏ ଉପାୟ ଛାଡ଼ି ପୃଥିବୀକୁ ଓ ମନୁଷ୍ୟକୁ ସ୍ୱାଭାବିକ ଭାବେ ରୂପାନ୍ତର ହେବା ପାଇଁ ଛାଡ଼ି ଦେଲେ । ଶ୍ରୀମା ନିଜର ଅନୁଭୂତି ବିଷୟରେ କହିଛନ୍ତି : ''For me, it's a simultanious contact with Eternal, the Infinite, the Vast, the Totality of everything – the totality of everything : all that is, all that has been, all that will be, everything.''

(Mother's Yoga, Part - I, p. 110)

ଏପରି ବିଶାଳ ଚେତନା ଧାରଣ କରି ମଧ୍ୟ ଏହି ଚେତନାକୁ ଶରୀର ରୂପାନ୍ତର କାମରେ ଶ୍ରୀମା ଲଗାଉ ନଥିଲେ । ଏପରିକି ଶରୀରର ବାଧା, ବିପତ୍ତି, ଯନ୍ତ୍ରଣା ପାଇଁ ମଧ୍ୟ ଏହା ଉପରେ ନିଜ ଚେତନାକୁ ପ୍ରୟୋଗ କରୁ ନଥିଲେ । ଚମତ୍କାରିତା ଦ୍ୱାରା ଏସବୁକୁ ରୂପାନ୍ତରିତ କରାଯାଇ ପାରନ୍ତା । କିନ୍ତୁ ଏହା ହେଲା ପୁରାତନ ପଦ୍ଧତିର ଏକ ଉପାୟ । ଶରୀର ରୂପାନ୍ତର କାମରେ ଏହି ପୁରାତନ ପଦ୍ଧତିକୁ ଶ୍ରୀମା ବ୍ୟବହାର କରୁ ନଥିଲେ । ଥରେ ଶ୍ରୀମା ପରୀକ୍ଷା କରି ଦେଖିଛନ୍ତି ଏହି ପୁରାତନ ଯୌଗିକ ଉପାୟରେ ଶରୀର ରୂପାନ୍ତର ପାଇଁ କିଛି କରାଯାଇ ପାରେ କି ନାହିଁ, ଯଦିଓ ଶ୍ରୀମା'ଙ୍କୁ ମନା କରାଯାଇଛି ଏସବୁ କରିବା ପାଇଁ । ''I have, even been forbidden to utilize my knowledge, power and force to annul the pain in the way I used to (and I used to do it very well). That has been totally forbidden....

I tried once just to see if I could do it and I didn't succeed : I can't go back to the old way of relating to my body. It's impossible.'' (Mother's Yoga, Part - I, p. 88-89)

ଏଥିରୁ ବୁଝାଗଲା ଶରୀର ରୂପାନ୍ତର ସମୟରେ ଶରୀର ଭିତରକୁ ଆସୁଥିବା ନାନା ବାଧା, ବିପତ୍ତି, ରୋଗ-ଯନ୍ତ୍ରଣାକୁ ଆମେ ଅଟକାଇ ପାରିବୁ ନାହିଁ, ଯେପର୍ଯ୍ୟନ୍ତ ସାରା ପୃଥିବୀରେ ଏସବୁ ରହିଛି । କିନ୍ତୁ ଶ୍ରୀଅରବିନ୍ଦ କହିଛନ୍ତି ଯେ ଏହିସବୁ ନିମ୍ନ-ପ୍ରକୃତିର ଆକ୍ରମଣରୁ ରକ୍ଷା ପାଇବା ଅବଶ୍ୟ ସମ୍ଭବପର । ସେ କହୁଛନ୍ତି ଏଥିପାଇଁ ତୁମ ଚେତନାକୁ ଏତେ ବିଶାଳ କରି ଦିଅ ଯେ ଏହା ଯେପରି ଏକ ବିରାଟ ପର୍ବତର ରୂପ ନେବ । ସେତେବେଳେ ପର୍ବତ ରୂପକ ଚେତନାରେ ବାହାରୁ ଟେକା, ପଥର ପଡ଼ିଲେ ମଧ୍ୟ ଏହା ତୁମକୁ ଆଉ କଷ୍ଟ ଦେଇ ପାରିବ ନାହିଁ ।

ଅତଏବ ପରିଶେଷରେ ଆମକୁ ଶ୍ରୀମା'ଙ୍କର ଉପାୟ ଅବଲମ୍ବନ କରିବାକୁ ହେବ । ଏ ଶରୀରକୁ ଭଗବତ୍ ଇଚ୍ଛାଶକ୍ତି ଉପରେ ପୂର୍ଣ୍ଣ ରୂପେ ଛାଡ଼ି ଦେବାକୁ ହେବ । ଏହି ଇଚ୍ଛାଶକ୍ତି ଆମ ଅଜ୍ଞାନତା ଭିତରେ କାମ କଲାବେଳେ ମଧ୍ୟ ଏହା ବିକୃତ ହୁଏ ନାହିଁ । ''...Will-Force may come from the origin but deliberately limit itself, limit its field of action. But it is the same power and the same substance.''

(Mother's Yoga, Part - I, p. 98)

ଅର୍ଥାତ୍, ବର୍ତ୍ତମାନ ଶ୍ରୀମା'ଙ୍କ ଦ୍ୱାରା ଲିଖିତ ରାଧାଙ୍କ ପ୍ରାର୍ଥନାକୁ ଅଙ୍ଗେ ନିଭେଇବାର ସମୟ ଆସି ଯାଇଛି । ଶ୍ରୀମା'ଙ୍କର ଶରୀର ରୂପାନ୍ତର ହେଉଥିବା ସମୟରେ ତାଙ୍କ ଶରୀର ଯନ୍ତ୍ରଣାରେ କାତର ହୋଇ ଚିତ୍କାର କରିବାକୁ ଲାଗୁଥିଲା । ଥରେ ଜଣେ ସାଧକ ଶ୍ରୀମା'ଙ୍କୁ କହିଲା ମା ଆପଣ ଏତେ ଯନ୍ତ୍ରଣା ଭୋଗ କରୁଛନ୍ତି, ସେହି ଯନ୍ତ୍ରଣାରୁ ମୋତେ ଟିକିଏ ଦେଇ ପାରନ୍ତି । ଶ୍ରୀମା କହିଲେ, ''It is not so pleasant my child.'' ଅର୍ଥାତ୍, ଶ୍ରୀମା ତାଙ୍କର ସନ୍ତାନମାନଙ୍କୁ ଦୁଃଖ, ଯନ୍ତ୍ରଣା ଦେବାକୁ ଚାହାନ୍ତି ନାହିଁ । ମା ପୃଥିବୀର ସମସ୍ତ ଯନ୍ତ୍ରଣାକୁ ନିଜେ ବହନ କରିବାକୁ ତାଙ୍କର ଶରୀର ପ୍ରସ୍ତୁତ ଥିଲା । ଏହିପରି ଭାବରେ ସେ ସାରା ପୃଥିବୀର ବାଧା, ବିପତ୍ତି, ରୋଗ-ଯନ୍ତ୍ରଣାକୁ ଆମ ପାଇଁ କମ୍ କରି ଦେଇଛନ୍ତି । ତଥାପି ଯେତିକି ବାକି ରହିଛି ତାକୁ ଆମକୁ ଗ୍ରହଣ କରି ରୂପାନ୍ତର କରିବାକୁ ଶିଖିବାକୁ ହେବ । ଏଥିପାଇଁ ଶ୍ରୀମା ଆମ ସହିତ ସର୍ବଦା ରହିଛନ୍ତି । ମା କହୁଛନ୍ତି : ''...I am so tirelessly insistent in telling you to let anything happen but, for

heavens sake, not to get depressed. Live rather in the constant hope and conviction that what we are doing will prove a success.’’

(C.W.M., Vol. III p.157)

ଏହି ରୂପାନ୍ତର କାମରେ ଆମମାନଙ୍କୁ ସାହାଯ୍ୟ କରିବା ପାଇଁ ଶ୍ରୀମା ସର୍ବଦା ଆମ ସହିତ ଉପସ୍ଥିତ ରହିଛନ୍ତି । ଶ୍ରୀମା’ଙ୍କ ଚେତନା ତାଙ୍କ ଶରୀରକୁ ଛାଡ଼ି ଶରୀର ରୂପାନ୍ତର ସମୟରେ ସର୍ବଦା ବାହାରେ ରହୁଥିଲା । ଏ ବିଷୟରେ ଶ୍ରୀମା ନିଜେ କହୁଛନ୍ତି :

‘‘My physical consciousness has been universalized for a long, long time, it encompasses all terrestrial movements; but the body is limited solely to this small concentration of substance (Mother touches her body) – that’s what I call the body-consciousness.

And when I said, ‘I have left the body’, it certainly didn’t mean I have left the physical consciousness – my overall contact with the terrestrial world has remained the same.’’

(Mother’s Yoga, Part - I, p. 83)

ଶ୍ରୀମା ଏବେ ଆମକୁ ସାହାଯ୍ୟ କରିବା ପାଇଁ, ଆମକୁ ପରିଚାଳନା କରିବା ପାଇଁ ଆମ ଭିତରେ ଅବସ୍ଥାନ କରୁଛନ୍ତି । ତେବେ ଆଉ ଭୟ କାହିଁକି ? ଯାହା ବି ହେଉ ନା କାହିଁକି ଆମକୁ ଆଗେଇ ଯିବାକୁ ପଡ଼ିବ । ବିଜୟ ଆମ ପାଇଁ ସୁନିଶ୍ଚିତ ।

(କ୍ରମଶଃ)

❑❑❑

# ତୁମ ପ୍ରେମର ଡୋରି

## ରଜନୀକାନ୍ତ ମିଶ୍ର



ହେ ମୋର ପ୍ରିୟତମ ! ହୁଅ ଗୋ ପ୍ରିୟତର,
ଏ ଆଖି ଲୁହେ ପ୍ରଭୁ ଧୁଏ ଗୋ ବାଧା ମୋର ।୦।

ହେ ଦେବମୟ ବିଭୋ ପରାଜ୍ଞାନ ସାଗର
ହେ ଆନନ୍ଦ ପ୍ରତିମା, ହେ ପ୍ରେମ ପାରାବାର
ତୁମରି ଶିଶୁ କାନ୍ଦେ, କୋଳେ ଗୋ ତୋଳି ଧର ।୧।

ମୋ ଆଖି ଲୁହ ଆଜି ମାନୁନି କଥା ମୋଟେ
ମୋ ଛାତି କୋହ ଖାଲି ତୁହାକୁ ତୁହା ଲୋଟେ
ତୁମ ପ୍ରେମରୁ ବୁନ୍ଦେ ହେଲା କି ଭାଗ୍ୟ ମୋର ?
ହେ ମୋର ପ୍ରିୟତମ... ।୨।

ମୁଁ ସିନା ଜାଣେ ନାହିଁ ତୁମକୁ ଭଲ ପାଇ
ତୁମ ପ୍ରେମର ଶକ୍ତି ନେଲା କି ଟାଣି କାହିଁ ?
ତୁମ ପାଖରୁ କ୍ଷଣେ ପାରେନି ହୋଇ ଦୂର ।
ହେ ମୋର ପ୍ରିୟତମ... ।୩। ❑

# ତୋତ୍ତୋ-ଚାନ୍
## (୩)
## ତେତ୍ସୁକୋ କୁରୋୟାନାଗି

[କୁନି ଝିଅ ତୋତ୍ତୋ-ଚାନ୍‌ର ଏହା ଏକ ମରମଭେଦୀ ସତ କାହାଣୀ । କିନ୍ତୁ ଅନେକ ଦୃଷ୍ଟିରୁ ଏହା କାହାଣୀଠାରୁ ବହୁତ କିଛି ଅଧିକ । ବର୍ତ୍ତମାନର ନୀରସ ଶିକ୍ଷା ବ୍ୟବସ୍ଥା ଉପରେ ଏହା ଏକ ଗଭୀର ଅଭିଯୋଗ ତଥା ମାର୍ଗଦର୍ଶକ । ଶିକ୍ଷାବିତ୍, ଶିଶୁ ମନସ୍ତତ୍ତ୍ୱବିତ୍ ଏବଂ ସମାଜବିଜ୍ଞାନୀ ଆଦିଙ୍କ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସନ୍ଦର୍ଭ ।...

ବିଗତ ସଂଖ୍ୟାରେ ପ୍ରକାଶିତ କାହାଣୀ ଅନୁଯାୟୀ 'ତୋମୋଏ' ସ୍କୁଲରେ ତୋତ୍ତୋ-ଚାନ୍‌ର ପ୍ରଥମ ଦିନ । ରେଳଡବାରେ ତା'ର ଶ୍ରେଣୀଗୃହଟିକୁ ଆବିଷ୍କାର କରୁ କରୁ ସେ ଖୁସିରେ କହିଉଠିଲା, 'ଏଠାରେ ପଢ଼ିବାଟା ଏକ ଅସରନ୍ତି ଯାତ୍ରା ପରି ହେବ' । ଉଚ୍ଛୁଳା ଖୁସିରେ ସେ ସବୁ ନିରେଖି ଦେଖୁଥିଲା – କୌଣସି ନିର୍ଦ୍ଦିଷ୍ଟ ଶୃଙ୍ଖଳା ବା କ୍ରମରେ ତା'ର ସହପାଠୀମାନେ ପଢୁ ନାହାନ୍ତି । ପିଲାମାନେ ସ୍ୱାଧୀନ ଭାବେ ନିଜ ନିଜର ବିଷୟ ନିର୍ବାଚନ କରୁଛନ୍ତି; ଶିକ୍ଷୟିତ୍ରୀ ଅଛନ୍ତି ସାହାଯ୍ୟ, ସହଯୋଗ କରିବାକୁ । କହିବାକୁ ଗଲେ ସେହି ନୂତନ ଶିକ୍ଷାକେନ୍ଦ୍ର ସହ ତୋତ୍ତୋ-ଚାନ୍‌ର ଯେତିକି ଅଧିକ ପରିଚିତି ଘଟୁଥିଲା... ସେଇ ପରିମାଣରେ ଘନିଷ୍ଠତା ମଧ୍ୟ ବଢ଼ିଯାଉଥିଲା । ସେ ଭାବୁଥିଲା, ତା'ର ଏ ନୂଆ ସ୍କୁଲ ସବୁ ଦିଗରୁହିଁ ସ୍ୱତନ୍ତ୍ର । ତା'ପରେ...।]

### ସମୁଦ୍ର ଖାଦ୍ୟ ଓ ମାଟିର ଖାଦ୍ୟ

ଏଥର ସମୁଦ୍ରରୁ କିଛି ଓ ପାହାଡ଼ରୁ କିଛିର ବେଳ ହେଲା । ଏହି ଖାଇବା ସମୟକୁ ତୋତ୍ତୋ-ଚାନ୍ ଉତ୍କଣ୍ଠାର ସହ ଅପେକ୍ଷା କରିଥିଲା ।

ପ୍ରଧାନ ଶିକ୍ଷକ ସୁଷମ ଜାପାନୀ ଖାଦ୍ୟକୁ ବୁଝାଇବା ପାଇଁ ଏପରି ଏକ ନାଁ ଗଢ଼ିଥିଲେ । ଭାତ ସହ ଆଉ କ'ଣ ଖାଇବା ଦରକାର ତାହା ଏଥିରୁ ବୁଝା ପଡୁଥିଲା । 'ସବୁ ଜିନିଷ ମିଶାଇ ଖାଅ' – ପିଲାଙ୍କୁ ଏପରି ଆଦେଶ ବା ଉପଦେଶ ଦେବା ବଦଳରେ ତୋମୋଏର ପ୍ରଧାନ ଶିକ୍ଷକ ଏ ମଜା ବାଟଟି କାଢ଼ିଥା'ନ୍ତି ।

'ସମୁଦ୍ରରୁ କିଛି' ଅର୍ଥ – ମାଛ ଓ ଚିଙ୍ଗୁଡ଼ି ଭଳି ସାମୁଦ୍ରିକ ଖାଦ୍ୟ ଓ 'ପାହାଡ଼ରୁ କିଛି' ଅର୍ଥ – ପରିବା ଓ ମାଂସ ଭଳି ଘରବାଡ଼ିର ଖାଦ୍ୟ ।

ମା'ଙ୍କୁ ଏହା ବହୁତ ଭଲ ଲାଗିଥିଲା । ଏପରି ଏକ ଗୁରୁତ୍ୱପୂର୍ଣ୍ଣ ନିୟମକୁ ଏତେ ସରଳ ଭାବରେ ବୁଝାଇ ଦେବା କିଛି କମ୍ କଥା ନୁହେଁ । ଖୁବ୍ ଅଳ୍ପ ଲୋକ ଏପରି କରିପାରନ୍ତି । ଏହି ନିୟମରେ ତାଙ୍କୁ ମାତ୍ର ଦୁଇ କିସମର ଖାଦ୍ୟ ଦେବାକୁ ହେବ । ଏଣୁ ଖରାବେଳର ଖାଇବା ସଜାଡ଼ିବା ତାଙ୍କ ପାଇଁ ଖୁବ୍ ସହଜ ହୋଇଗଲା । ବେଶୀ ରନ୍ଧାରନ୍ଧି କରିବାକୁ ବି ପ୍ରଧାନ ଶିକ୍ଷକ ମନା କରିଥିଲେ । ମାଟିର ଖାଦ୍ୟରେ ଚଣା ତରକାରୀ ବା ଅଣ୍ଡା ଭଜା ହେଲେ ଯଥେଷ୍ଟ ଓ ସମୁଦ୍ର ଖାଦ୍ୟ କହିଲେ ଚୁନି ମାଛ ହେଲେ ଚଳିବ । ସମୁଦ୍ରର ଦଳ ଓ ଫଳ-ପରିବାର ଆଚାରକୁ ମିଶାଇ ଆହୁରି ସରଳ ସମୁଦ୍ର-ପାହାଡ଼ ଖାଦ୍ୟ ହୋଇପାରେ ।

ଗତକାଲି ତୋତ୍ତୋ-ଚାନ୍ ଲୋଭିଲା ଆଖିରେ ଏସବୁ ବାହାରୁ ଦେଖୁଥିଲା । ଆଜି ବି ପ୍ରଧାନ ଶିକ୍ଷକ ପ୍ରତ୍ୟେକ ପିଲାର ବାକ୍ସକୁ ବୁଲି ବୁଲି ଦେଖୁଥିଲେ । ପଚାରୁ ଥିଲେ, ''ତୁମେ ସମୁଦ୍ରରୁ କିଛି ଓ ପାହାଡ଼ରୁ କିଛି ଆଣିଛ ?'' ଏ ନିୟମ ସମସ୍ତେ ଅଲଗା ଅଲଗା ବାଟରେ ମାନିଥିଲେ । ଏତେ ପ୍ରକାରର ଖାଦ୍ୟ ଦେଖିବାକୁ ବେଶ୍ ମଜା ଲାଗୁଥିଲା ।

ବେଳେବେଳେ କାହା ମାଆ କାମରେ ବ୍ୟସ୍ତ ରହି କେବଳ ଗୋଟିଏ ଜାତିର ଖାଦ୍ୟ ଦେଇ ଦେଉଥିଲେ । ଏହାକୁ କିନ୍ତୁ ପ୍ରଧାନ ଶିକ୍ଷକ ବୁଲି ଦେଖିଲା ବେଳେ ସୁଧାରି ନେଉଥିଲେ । ରାନ୍ଧୁଣିଆ ବେଶରେ ତାଙ୍କ ସ୍ତ୍ରୀ ଦୁଇଟି ହାଣ୍ଡି ଧରି ତାଙ୍କ ପଛେ ପଛେ ଯାଉଥିଲେ । ପ୍ରଧାନ ଶିକ୍ଷକ କେଉଁ ଛୁଆ ସାମନାରେ କହନ୍ତି, ''ଜଳ ବା ସମୁଦ୍ର'', ସେ ସମୁଦ୍ର ପାତ୍ରରୁ ଦୁଇ ଖଣ୍ଡ ମାଛ ଭଜା ତାକୁ ଦିଅନ୍ତି । ପ୍ରଧାନ ଶିକ୍ଷକ ''ପାହାଡ଼'' କହିଲେ ସେ ପାହାଡ଼ ପାତ୍ରରୁ ଦୁଇ ଖଣ୍ଡ ଆଳୁ ଭଜା ଦେଇ ଦିଅନ୍ତି ।

'ମୋତେ ମାଛ ଭଲ ଲାଗେନି' ବୋଲି କହିବାକୁ କେହି ସ୍ୱପ୍ନରେ ବି ଭାବି ପାରୁ ନଥିଲେ । କେହି କାହାର ଖାଦ୍ୟକୁ

ଖରାପ, ଭଲ, ଶସ୍ତା ବା ଦାମୀ କହି ବାଛୁ ନଥିଲେ । ସବୁ ପିଲା କେବଳ ଭାବୁଥିଲେ ଯେ ତାଙ୍କ ଖାଦ୍ୟରେ ସମୁଦ୍ରରୁ କିଛି ଓ ପାହାଡ଼ରୁ କିଛି ଅଛି ନା ନାହିଁ । ଯଦି ଏତକ ଠିକ୍ ଥାଏ, ତେବେ ତାଙ୍କର ସବୁ ଖୁସି ।

ସମୁଦ୍ରରୁ କିଛି ଓ ପାହାଡ଼ରୁ କିଛିର ଅର୍ଥ ଏଥର ତୋତ୍ତୋ-ଚାନ୍ ବୁଝିଗଲା । ହେଲେ ତା'ର ସନ୍ଦେହ ରହିଲା ଯେ କାଳେ ମାଆ ତରବରରେ ଏହା ଦେଇ ନଥିବେ । ସେ ଯାହା ଆଣିଛି ସେଥିରେ ପ୍ରଧାନ ଶିକ୍ଷକ ରାଜି ହେବେ କି ନାହିଁ ? କିନ୍ତୁ ନିଜର ବାକ୍ସ ଖୋଲିଲା ବେଳକୁ ତା'ର ଚମତ୍କାର ଖାଦ୍ୟ ଥିଲା । ସେ ଅତି ଖୁସି ହୋଇ ପାଟି କରିବାକୁ ଲାଗିଲା, ''ବଢ଼ିଆ, ବଢ଼ିଆ ।''

ଭିତରେ ଥିଲା ଏକଦମ୍ ହଳଦିଆ ଅଣ୍ଡା ଭଜା, ଶାଗୁଆ ମଟର, ମାଟିଆ ଡେନ୍‌ବୁ ଓ ଗୋଲାପି ମାଛ ଭଜା । ଏହା ଏକ ରଙ୍ଗିନ ଫୁଲ ବଗିଚା ପରି ଦେଖା ଯାଉଥିଲା ।

''ଖୁବ୍ ସୁନ୍ଦର ଦିଶୁଛି'', ପ୍ରଧାନ ଶିକ୍ଷକ କହିଲେ ।

ତୋତ୍ତୋ-ଚାନ୍ ଉଲସି ଉଠି କହିଲା, ''ମୋ ମାଆ ବଢ଼ିଆ ରୋଷେଇ କରନ୍ତି ।''

''ସତେ ?'' କହି ପ୍ରଧାନ ଶିକ୍ଷକ ଡେନ୍‌ବୁ ଦେଖାଇ ପଚାରିଲେ, ''ଆଚ୍ଛା, ଏଇଟା କ'ଣ ? ଏହା ସମୁଦ୍ରରୁ ନା ପାହାଡ଼ରୁ ?''

ତୋତ୍ତୋ-ଚାନ୍ ଭାବିଲା କେଉଁଟା ଠିକ୍ ? ଏହା ମାଟି ରଙ୍ଗର ଦିଶୁଛି, ତେଣୁ ବୋଧେ ପାହାଡ଼ରୁ ହୋଇଥିବ । କିନ୍ତୁ ସେ ନିଶ୍ଚିତ ହୋଇ ପାରୁ ନଥିଲା ।

ସେ କହିଲା, ''ମୁଁ ଜାଣିନି ।''

ପ୍ରଧାନ ଶିକ୍ଷକ ଏଥର ସବୁ ପିଲାଙ୍କୁ ପଚାରିଲେ, ''କ'ଣ ଡେନ୍‌ବୁ କେଉଁଠୁ ଆସେ – ସମୁଦ୍ରରୁ ନା ପାହାଡ଼ରୁ ?''

କିଛି ସମୟ ଏ ବିଷୟରେ ଭାବିବା ପରେ ଦଳେ ପାଟି କରି କହିଲେ, ''ପାହାଡ଼'', ଆଉ ଦଳେ କହିଲେ, ''ସମୁଦ୍ର'' । କେହି ବି ଠିକ୍ ଉତ୍ତର ଜାଣି ନଥିଲେ ।

''ଠିକ୍ ଅଛି, ମୁଁ କହୁଛି'', ପ୍ରଧାନ ଶିକ୍ଷକ କହିଲେ, ''ଡେନ୍‌ବୁ ହେଉଛି ସମୁଦ୍ର ଖାଦ୍ୟ ।''

ମୋଟା ପିଲାଟିଏ ପଚାରିଲା, ''କାହିଁକି ?''

ଖାଇବା ଡେସ୍କସବୁ ଗୋଲ ହୋଇ ପଡ଼ିଥିଲା । ମଝିରେ ଠିଆ ହୋଇ ପ୍ରଧାନ ଶିକ୍ଷକ ବୁଝାଇଲେ, ''ମାଛକୁ ସିଝାଇ ତା'ର ମାଂସତକ କଣ୍ଟାରୁ ଛଡ଼ାଇ ନିଆ ଯାଏ । ଏହାକୁ ଅଳ୍ପ ଖରଡ଼ି ଚୁନା କରାଯାଏ । ଏହି ଖରଡ଼ା ମାଛକୁ ଶୁଖାଇ ମସଲା ଦେଇ ଡେନ୍‌ବୁ ହୁଏ ।''

''ଓହୋ'', ଏଥର ପିଲାଏ ବୁଝିଗଲେ । ଜଣେ କିଏ ତୋତ୍ତୋ-ଚାନ୍‌ର ଡେନ୍‌ବୁ ଦେଖିବାକୁ ଚାହିଁଲା ।

''ନିଶ୍ଚୟ'', ପ୍ରଧାନ ଶିକ୍ଷକ କହିବା ପରେ ସବୁ ପିଲା ମାଡ଼ି ଆସିଲେ ତୋତ୍ତୋ-ଚାନ୍‌ର ଡେନ୍‌ବୁ ଦେଖିବା ପାଇଁ । କିଛି ପିଲା ଡେନ୍‌ବୁ କ'ଣ ଜାଣିଥିଲେ, କିନ୍ତୁ ଏବେ ତାଙ୍କର ଆଗ୍ରହ ବଢ଼ିଗଲା । ତୋତ୍ତୋ-ଚାନ୍‌ର ଡେନ୍‌ବୁ ତାଙ୍କ ଘରର ଡେନ୍‌ବୁ ଭଳି କି ଅଲଗା ତାହା ସେମାନେ ଜାଣିବାକୁ ଚାହିଁଲେ । ଏଭଳି ସମସ୍ତେ ତୋତ୍ତୋ-ଚାନ୍ ପାଖରେ ଗଦା ହୋଇଗଲେ । କେତେ ପିଲା ସେ ଡେନ୍‌ବୁକୁ ଶୁଙ୍ଘିବାକୁ ଆରମ୍ଭ କଲେ । ତୋତ୍ତୋ-ଚାନ୍ ଡରିଗଲା କାଳେ ସେହି ପବନରେ ତା'ର ଡେନ୍‌ବୁ ଉଡ଼ିଯିବ ଭାବି ।

ପ୍ରଥମ ଦିନର ଲଞ୍ଚ ସମୟରେ ତୋତ୍ତୋ-ଚାନ୍‌କୁ ଟିକିଏ ଛାନିଆ ଲାଗୁଥିଲା । କିନ୍ତୁ ମଜା ବି ଲାଗୁଥିଲା । କେଉଁଟା ଜଳର ଖାଦ୍ୟ ଓ କେଉଁଟା ସ୍ଥଳର ଜାଣିବାଟା ବହୁତ କୌତୁକିଆ ଥିଲା । ସେ ଶିଖିଲା ଯେ ଡେନ୍‌ବୁ ମାଛରୁ ତିଆରି କରାଯାଏ । ଏହାଛଡ଼ା ସେ ସନ୍ତୁଷ୍ଟ ଥିଲା ଯେ ମାଆ ଠିକ୍ ମନେରଖି ପାଣି ଓ ମାଟିରୁ କିଛି କିଛି ଖାଦ୍ୟ ଦେଇଥିଲେ । ସବୁ ଦିଗରୁ ଏହା ଠିକ୍ ଥିଲା ।

ତୋତ୍ତୋ-ଚାନ୍ ଖୁସି ହେବାର ଆଉ ଏକ କାରଣ ମଧ୍ୟ ଥିଲା । ମା'ଙ୍କ ତିଆରି ଖାଦ୍ୟ ଖୁବ୍ ସୁଆଦିଆ ଥିଲା ।

**ଭଲ କରି ଚୋବାଅ**

ସାଧାରଣ ଭାବରେ ସମସ୍ତେ ଭଗବାନଙ୍କୁ କୃତଜ୍ଞତା ଜଣାଇ ଖାଇବାକୁ ଆରମ୍ଭ କରନ୍ତି । କିନ୍ତୁ ଜାପାନୀ ଭାଷାରେ ଏହା ହୁଏ, 'ଇତାଦାକିମାସୁ' ବା 'ମୁଁ କୃତଜ୍ଞତାର ସହିତ ଖାଉଛି' । କିନ୍ତୁ ତୋମୋଏ ଗାକୁଏନ୍‌ରେ ଏହା ଟିକିଏ ଅଲଗା ଥିଲା । ପ୍ରଥମେ ସମସ୍ତେ ମିଶି ଗୋଟିଏ ଗୀତ ଗାଉଥିଲେ । ପ୍ରଧାନ ଶିକ୍ଷକ ଜଣେ ସଙ୍ଗୀତଜ୍ଞ ଥିଲେ ଓ ବିଶେଷ ଅର୍ଥର ଗୋଟିଏ ଖାଇବା ଆଗର ଗୀତ ସେ ଲେଖିଥିଲେ । ପ୍ରକୃତରେ ସେ ଶବ୍ଦଗୁଡ଼ିକ ଯୋଡ଼ି, ପିଲାଙ୍କ ଜଣାଶୁଣା ଗୀତ ''ବାହା, ବାହା, ବାହା ତୋ ନାଆକୁ'' ଗୀତ ଭଳି ସ୍ୱର ଦେଇଥିଲେ । ଗୀତଟି ଏପରି ଥିଲା,

''ଚୋବା, ଚୋବା, ଚୋବା, ଭଲରେ ଚୋବା,
ପାଟିରେ ରଖିଛୁ ଯାହା,

ଚୋବା ତାକୁ ଚୋବା, ଜୋରରେ ଚୋବା,
ଭାତ, ମାଛ ଓ ପରିବା ।''

ଏହି ଗୀତଟି ନଗାଇବା ଯାଏଁ କେହି ଇତାଦାକିମାସୁ କହୁ ନଥିଲେ । ତୋମୋଏର ଅନେକ ପିଲା ଭାବୁଥିଲେ ଯେ ଏହି ଗୀତଟି କେତେ କାଳରୁ ଚଳିଆସିଛି ।

ପ୍ରଧାନ ଶିକ୍ଷକଙ୍କର କେତୋଟି ଦାନ୍ତ ପଡ଼ି ଯାଇଥିବାରୁ ସେ ବୋଧହୁଏ ଏ ପ୍ରକାରର ଗୀତଟି ଲେଖିଥିଲେ । କିନ୍ତୁ ସେ ସବୁବେଳେ ପିଲାଙ୍କୁ ଧୀରେ ଧୀରେ ଖାଇବାକୁ କହୁଥିଲେ । ଏହା ମନେପକାଇ ଦେବା ପାଇଁ ବୋଧେ ଗୀତଟି ଲେଖା ଯାଇଥିଲା ।

ପିଲାଏ ବଡ଼ ପାଟି କରି ଏ ଗୀତଟି ଗାଇ ସାରିବା ପରେ ''ଇତାଦାକିମାସୁ'' କହି ସମୁଦ୍ରରୁ କିଛି ଓ ପାହାଡ଼ରୁ କିଛି ଖାଇବାରେ ଲାଗି ପଡୁଥିଲେ ।

କିଛି ସମୟ ପାଇଁ ଖାଇବା ଜାଗାଟି ଶାନ୍ତ ହୋଇ ଯାଉଥିଲା ।

**ସ୍କୁଲରେ ବୁଲା**

ଖାଇବା ପରେ ତୋତ୍ତୋ-ଚାନ୍ ସାଙ୍ଗମାନଙ୍କ ସହ ସ୍କୁଲ ପଡ଼ିଆରେ କିଛି ସମୟ ଖେଳିଲା । ଶ୍ରେଣୀକୁ ଫେରିଲାବେଳକୁ ଶିକ୍ଷକ ଅପେକ୍ଷା କରିଥିଲେ ।

''ଆଜି ସକାଳେ ତୁମେମାନେ ବେଶ୍ ପରିଶ୍ରମ କରିଛ'', ସେ କହିଲେ, ''ଏବେ ଉପର ବେଳା କ'ଣ କରିବା କୁହ ?''

ତୋତ୍ତୋ-ଚାନ୍ କ'ଣ କରିବ ବୋଲି ଭାବିବା ପୂର୍ବରୁ ସମସ୍ତେ ଏକାଥରେ ପାଟି କରି ଉଠିଲେ, ''ବୁଲିଯିବା ।''

''ଠିକ୍ ଅଛି'', ଶିକ୍ଷକ କହିଲେ, ଆଉ ପିଲାଏ ଦୌଡ଼ି କୁଦି ବାହାରକୁ ଯିବାକୁ ଲାଗିଲେ । ତୋତ୍ତୋ-ଚାନ୍ ଆଗରୁ ବାପା ଓ ରକି ସହ ବୁଲିବାକୁ ଯାଉଥିଲା । ହେଲେ ସ୍କୁଲରେ ବୁଲିଯିବା କଥା ସେ କେବେ ଶୁଣି ନଥିଲା । ତେଣୁ ଏହା ତାକୁ ଆଶ୍ଚର୍ଯ୍ୟ ଲାଗିଲା । ତାକୁ ବୁଲିବାକୁ ଭଲ ଲାଗୁଥିଲା, ତେଣୁ ସେ କି ଆଉ ଅପେକ୍ଷା କରେ ?

ତୋମୋଏର ନିୟମ କଥା ପରେ ସେ ଜାଣିପାରିଲା । ସେମାନେ ସକାଳେ ଯଦି ଲାଗିପଡ଼ି ଶିକ୍ଷକଙ୍କର ତାଲିକାରୁ ସବୁତକ ପାଠ ସାରି ଦିଅନ୍ତି ତେବେ ଉପର ବେଳା ତାଙ୍କୁ ବୁଲିବାକୁ ନିଆ ଯାଏ । ପ୍ରଥମରୁ ଷଷ୍ଠ ଶ୍ରେଣୀଯାଏଁ ଏହି ଏକା ନିୟମ ଥିଲା ।

ପ୍ରଥମ ଶ୍ରେଣୀର ନଅଜଣଯାକ ପିଲା ଶିକ୍ଷକଙ୍କୁ ଘେରି ଫାଟକ ବାହାରକୁ ଆସିଲେ । ଗୋଟିଏ ଝରଣାର କଡ଼େ କଡ଼େ ସେମାନେ ଚାଲିବା ଆରମ୍ଭ କଲେ । ଝରଣାର ଦୁଇ କଡ଼ରେ ଫଳ ଗଛ ଥାଏ । ଏହି ଚେରୀ ଫଳର ଗଛଗୁଡ଼ିକରେ ବଉଳ ଭରି ରହିଥାଏ । ହଳଦିଆ ଫୁଲରେ ଭରା ସୋରିଷ କିଆରିଗୁଡ଼ିକ ବହୁଦୂର ଯାଏଁ ଲମ୍ବିଥାଏ ।

ଯେଉଁ ଝିଅର ଜାମାରେ ଠେକୁଆ ଚିତ୍ର ଥିଲା ତା' ନାଁ ଥିଲା ସାକୋ-ଚାନ୍ । ସେ କହିଲା, ''ଆମେ କୁହୋନ୍‌ବୁତ୍‌ସୁ ଦେଉଳ ଯାଏଁ ଯିବା ।''

''ଗଲାଥର ଆମେ ସେଠି ପୋଖରୀରେ ଗୋଟିଏ ସାପ ଦେଖିଥିଲୁ । ସେଠି ଗୋଟିଏ ପୁରୁଣା କୂଅ ଅଛି । ଥରେ କୁଆଡ଼େ ତା' ଭିତରେ ଉଲ୍‌କାଟିଏ ଖସି ପଡ଼ିଥିଲା ।''

ଚାଲୁ ଚାଲୁ ପିଲାମାନେ ଏଣୁତେଣୁ ଗପି ଚାଲିଥା'ନ୍ତି । ସେଦିନ ଆକାଶ ସଫା ନୀଳ ଥିଲା । ଚାରିଆଡ଼େ ପ୍ରଜାପତି ଉଡ଼ି ବୁଲୁଥା'ନ୍ତି । ପ୍ରାୟ ଦଶ ମିନିଟ ଚାଲିବା ପରେ ଶିକ୍ଷକ ଅଟକି ଗଲେ । ହଳଦିଆ ସୋରିଷ ଫୁଲଗୁଡ଼ିକୁ ଦେଖାଇ ପଚାରିଲେ, ''ଜାଣିଛ କି ଫୁଲ କାହିଁକି ଫୁଟେ ?''

ସେ ପିଲାଙ୍କୁ ଫୁଲର ଅଂଶଗୁଡ଼ିକ ବିଷୟରେ ବୁଝାଇଲେ । ପିଲାଏ ରାସ୍ତା କଡ଼କୁ ଝୁଙ୍କି ପଡ଼ି ଫୁଲଗୁଡ଼ିକୁ ପରୀକ୍ଷା କରି ଦେଖୁଥା'ନ୍ତି । ପ୍ରଜାପତିମାନେ ଫୁଲରୁ ପରାଗରେଣୁ ନେଇ ଫଳ ଧରିବାରେ କିପରି ସାହାଯ୍ୟ କରନ୍ତି ତାହା ଶିକ୍ଷକ ବୁଝାଇଲେ । ଫୁଲରୁ ଫୁଲ ଉଡ଼ି ବୁଲୁଥିବା ପ୍ରଜାପତିଗୁଡ଼ିକ ବି ସେହି କାମରେ ବ୍ୟସ୍ତ ଥିଲା ଭଳି ଜଣା ପଡୁଥିଲା ।

ପିଲାମାନେ ଫୁଲ, ରେଣୁ, ପ୍ରଜାପତି, ଫଳଆଦି ସବୁ ବିଷୟରେ ବୁଝି ନଥିଲେ । କିନ୍ତୁ ଏ ସବୁ ଯେ ଖୁବ୍ ଦରକାରୀ ତାହା ସେମାନେ ଜାଣୁଥିଲେ ।

ଆଉ ପାଖାପାଖି ଦଶ ମିନିଟ ଚାଲିବା ପରେ ଗୋଟିଏ ଗହଳିଆ ବଗିଚା ଦିଶିଲା । ଏହା କୁହୋନ୍‌ବୁତ୍‌ସୁ ଦେଉଳକୁ ଘେରି ରହିଥିଲା । ଦେଉଳ ଚାରିପଟେ ପିଲାଏ ଏଣେ ତେଣେ ଖେଳାଇ ହୋଇଗଲେ ।

ସାକୋ-ଚାନ୍ ପଚାରିଲା, ''ତୁ ଉଲ୍‌କା କୂଅ ଦେଖିବୁ ?'' ତୋତ୍ତୋ-ଚାନ୍ ହଁ କହି ତା' ପଛରେ ଦୌଡ଼ିଲା ।

କୂଅ ଚାରିପଟେ ଛାତିଏ ଉଚ୍ଚର ପଥର ଖଞ୍ଜା ହୋଇ ଥିଲା । ତା' ଉପରେ ଗୋଟିଏ କାଠ ଘୋଡ଼ଣୀ ରହିଥିଲା ।

ସେମାନେ ଘୋଡ଼ଣୀଟି ଉଠାଇ ଭିତରକୁ ଚାହିଁଲେ । କୂଅ ଭିତରଟା କିଟିମିଟିଆ ଅନ୍ଧାର ଥିଲା । ତଳ ଆଡ଼କୁ ପଥର ଖଣ୍ଡେ ପରି କିଛି ଦେଖା ଯାଉଥିଲା । ତୋତ୍ତୋ-ଚାନ୍ ଚକମକ କରୁଥିବା ତାରାଟିଏ ଦେଖିବାକୁ ଆଶା କରିଥିଲା । ବେଶ୍ ସମୟ ଯାଏଁ ଭିତରକୁ ଚାହିଁବା ପରେ ସାକୋ-ଚାନ୍‌କୁ ସେ ପଚାରିଲା, ''ତୁ ସେ ତାରାଟିକୁ ଦେଖିଛୁ ?''

ସାକୋ-ଚାନ୍ ମୁଣ୍ଡ ହଲାଇ କହିଲା, ''ନାଁ ଦେଖିନି ।''

ତୋତ୍ତୋ-ଚାନ୍ ଭାବୁଥିଲା ଏହା କାହିଁକି ଚକଚକ କରୁନି । ଏ ବିଷୟରେ କିଛି ସମୟ ଭାବି ସେ କହିଲା, ''ବୋଧେ ସେ ଶୋଇଛି ।''

ସାକୋ-ଚାନ୍ ତା'ର ବଡ଼ ଆଖିକୁ ତରାଟି କରି କହିଲା, ''ତାରାମାନେ କ'ଣ ସତରେ ଶୁଅନ୍ତି ?''

ତୋତ୍ତୋ-ଚାନ୍ ଠିକ୍ ଜାଣି ନଥିଲା । କିନ୍ତୁ ସାଙ୍ଗେ ସାଙ୍ଗେ କହିଲା, ''ମୁଁ ଭାବୁଛି ସେମାନେ ଦିନବେଳେ ଶୋଉଥିବେ ଓ ରାତିରେ ଉଠି ଚକଚକ କରୁଥିବେ ।''

ତା'ପରେ ପିଲାମାନେ ଏକାଠି ହୋଇ ଦେଉଳ ବେଢ଼ାରେ ବୁଲିବାକୁ ଲାଗିଲେ । ଦେଉଳର ଫାଟକକୁ ପଥର ତିଆରି ଦୁଇଟି ଦ୍ୱାରପାଳ ଜଗିଥିଲେ । ତାଙ୍କର ଥନ୍ତଲ ପେଟକୁ ଦେଖି ସେମାନେ ଖୁବ୍ ହସିଲେ । ଅନ୍ଧାରୁଆ ମୁଖ୍ୟ ଦେଉଳ ଭିତରେ ଥିବା ବୁଦ୍ଧଦେବଙ୍କ ମୂର୍ତ୍ତିକୁ ଦେଖି ସେମାନେ ଭକ୍ତି ଓ ବିସ୍ମୟରେ ଚାହିଁ ରହିଲେ । ପଥରରେ ଥିବା ଗୋଟିଏ ବିରାଟ ପାଦ ଚିହ୍ନ ସହିତ ସେମାନେ ନିଜ ପାଦକୁ ମାପିଲେ । ଲୋକେ କୁହନ୍ତି ଯେ ଏହା ଟେଙ୍ଗୁ ନାମକ ଲମ୍ବା ନାକବାଲା ଅସୁରର ପାଦ ଚିହ୍ନ । ପୋଖରୀ ଚାରିପଟେ ବୁଲୁବୁଲୁ ଡଙ୍ଗାରେ ବସିଥିବା ଲୋକଙ୍କୁ ସେମାନେ ହାତ ହଲାଉଥା'ନ୍ତି । ସମାଧିଗୁଡ଼ିକର ଚାରିପଟେ ପଡ଼ିଥିବା ଚିକ୍କଣ କଳା ବାଲିଗରଡ଼ାରେ ସେମାନେ ପୂରା ମନ ପୂରାଇ ଖପରା ଡିଆଁ ଖେଳିଲେ । ତୋତ୍ତୋ-ଚାନ୍ ପାଇଁ ଏସବୁ ନୂଆ ଥିଲା ଓ ସେ ପ୍ରତି ନୂଆ କଥାରେ ଉଲ୍ଲସିତ ହୋଇ ପାଟି କରୁଥିଲା ।

ସୂର୍ଯ୍ୟ ବୁଡ଼ି ଆସିଲା ବେଳକୁ ଶିକ୍ଷକ କହିଲେ, ''ଏଥର ଫେରିବା ।'' ଏପରି ବୁଲିବା ସମୟଟା ପିଲାଙ୍କ ପାଇଁ ସ୍ୱାଧୀନତା ଓ ଖେଳିବାର ସମୟ ଥିଲା । ସେମାନେ କିନ୍ତୁ ତାଙ୍କ ଅଜାଣତରେ ବିଜ୍ଞାନ, ଇତିହାସ, ଜୀବଜଗତ ଆଦି ବିଷୟରେ ଅନେକ କିଛି ଶିଖୁଥିଲେ ।

ଏ ଭିତରେ ତୋତ୍ତୋ-ଚାନ୍ ସବୁ ପିଲାଙ୍କ ସହ ସାଙ୍ଗ ହୋଇ ସାରିଥିଲା । ତାକୁ ଲାଗୁଥିଲା ଯେପରି ସେ ସମସ୍ତଙ୍କୁ ଅନେକ ଦିନରୁ ଜାଣିଛି ।

ଫେରୁ ଫେରୁ ସେ ସମସ୍ତଙ୍କୁ ପାଟି କରି ଶୁଣାଇଦେଲା, ''କାଲିକି ପୁଣି ଥରେ ବୁଲିବାକୁ ଯିବା ।''

ଡେଇଁ ଡେଇଁକା ସେମାନେ ବି ପାଟି କରି ଜବାବ ଦେଲେ, ''ହଁ ଯିବା ।''

ପ୍ରଜାପତିଗୁଡ଼ିକ ସେ ଯାଏଁ ନିଜ କାମରେ ଲାଗିଥା'ନ୍ତି ଓ ପକ୍ଷୀମାନଙ୍କର ଗୁଞ୍ଜନରେ ବାତାବରଣଟି ପୂରି ଉଠୁଥିଲା । ତୋତ୍ତୋ-ଚାନ୍ ଖୁସିରେ ଫାଟି ପଡୁଥାଏ ।

(କ୍ରମଶଃ...)

(ଅନୁବାଦକ : ବିନୟକୃଷ୍ଣ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ସୃଜନୀକା ଅନୁଷ୍ଠାନ, ଭୁବନେଶ୍ୱର) ❑

ଶୈଶବରୁ ଜଣେ ଜାଣିବା ଉଚିତ ଯେ ଆହାର ଗ୍ରହଣ କରାହୁଏ ଶରୀରକୁ ଶକ୍ତି ଏବଂ ସ୍ୱାସ୍ଥ୍ୟ ଦେବା ସକାଶେ, ରସନା-ପରିତୃପ୍ତି ସକାଶେ ନୁହେଁ । ତାହାକୁ ଏପରି ଖାଦ୍ୟ ଦେବାକୁ ହେବ ଯାହା ତାହାର ପ୍ରକୃତିର ଅନୁକୂଳ ଏବଂ ତାହା ଯେପରି ସର୍ବଦା ପରିଷ୍କାର, ପରିଚ୍ଛନ୍ନ ଓ ସ୍ୱାସ୍ଥ୍ୟରକ୍ଷାର ନିୟମରେ ତିଆରି ହୁଏ, ସୁସ୍ୱାଦୁ ଅଥଚ ଖୁବ୍ ସାଧାସିଧା । ଖାଦ୍ୟର ପ୍ରକାର ଏବଂ ପରିମାଣ ନିର୍ଦ୍ଧାରଣ କରିବାକୁ ହେବ ତାହାର ବୟସ ଏବଂ ଦୈନନ୍ଦିନ କର୍ମ ଅନୁସାରେ, ଏବଂ ଏଥିରେ ଯେପରି ଶରୀରର ସକଳ ଅଙ୍ଗର ପୁଷ୍ଟି ଓ ସାବଲୀଳବୃଦ୍ଧି ସକାଶେ ପ୍ରୟୋଜନୀୟ ରାସାୟନିକ ପଦାର୍ଥ ଏବଂ ସକ୍ରିୟ ଉପାଦାନସବୁ ରହେ ସେଥିପ୍ରତି ଦୃଷ୍ଟି ଦେବାକୁ ହେବ ।

(ଶିକ୍ଷା ପୁସ୍ତକ, ପୃଷ୍ଠା : ୧୩୬) ଶ୍ରୀମା

# ଜିଜ୍ଞାସୁର ପୃଷ୍ଠା

**ପ୍ରଶ୍ନ :** *ବର୍ତ୍ତମାନ ଏହି ଯୁଗ-ପରିବର୍ତ୍ତନ ସମୟରେ ଛାତ୍ରମାନଙ୍କର କର୍ତ୍ତବ୍ୟ କ'ଣ ?*

**ଉତ୍ତର :** ଛାତ୍ରମାନଙ୍କର କର୍ତ୍ତବ୍ୟ ହେଲା ଜୀବନରେ ପୂର୍ଣ୍ଣତା ନିମିତ୍ତ ନିଜ ମନ, ପ୍ରାଣ, ଶରୀର ତଥା ଆତ୍ମା – ଏହି ଚାରି ସତ୍ତାର ବିକାଶ ସକାଶେ ବ୍ୟାୟାମ, କଳା ଏବଂ ବିଦ୍ୟାଶିକ୍ଷାଦି ସମସ୍ତ କର୍ମ ଭଗବାନଙ୍କ ଉଦ୍ଦେଶ୍ୟରେ କରି ସମର୍ପଣ କରିବା । ଏହାରି ଦ୍ୱାରା ସେମାନଙ୍କ ଅହଂ, ସ୍ୱାର୍ଥ, ହିଂସା, ଦୁର୍ଗୁଣ ଦୂର ହେବ । ସେହିମାନଙ୍କ ଦ୍ୱାରା ଦେଶରେ ଶୃଙ୍ଖଳା ସ୍ଥାପିତ ହେବ । ଦାରିଦ୍ର୍ୟ ଦୂର ହେବ । ଦେଶ ଉନ୍ନତ ହେବ । ସେହିମାନେ ହେବେ ନୂତନ ଯୁଗର ଅଗ୍ରଦୂତ ତଥା ଆଦର୍ଶ ।

**ପ୍ରଶ୍ନ :** *ଛାତ୍ରମାନଙ୍କ ସକାଶେ କ'ଣ ପାଠଚକ୍ର ଆବଶ୍ୟକ ?*

**ଉତ୍ତର :** ଛାତ୍ରମାନଙ୍କ ସକାଶେ ତ ପାଠଚକ୍ର ବିଶେଷଭାବେ ଆବଶ୍ୟକ । ସେମାନଙ୍କ ଦ୍ୱାରା ପୃଥିବୀରେ ନୂତନ ଅତିମାନସ ସତ୍ୟ ଶୀଘ୍ର କାର୍ଯ୍ୟ କରିପାରିବ । ସେମାନେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀ ହୁଅନ୍ତୁ ଅଥବା ସାଧାରଣ ସ୍କୁଲ କଲେଜର ଛାତ୍ରଛାତ୍ରୀ ହୁଅନ୍ତୁ, ପାଠଚକ୍ର କରିବା ନିହାତି ଦରକାର ।

**ପ୍ରଶ୍ନ :** *ପାଠପଢ଼ାରେ ମୋତେ ଆନନ୍ଦ ମିଳେ ନାହିଁ କାହିଁକି ?*

**ଉତ୍ତର :** ଆନ୍ତରିକ ନିଷ୍ଠାସହ ପଢ଼ିବାରେ ପ୍ରାଣ ସହଯୋଗ କରେ ନାହିଁ । ସେହି ସକାଶେ ପଢ଼ାରେ ଆନନ୍ଦ ଆସେ ନାହିଁ ।

ଯଦି ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ବୋଲି ଆନ୍ତରିକତା ସହ ଗ୍ରହଣ କରି ପଢ଼ାକୁ ତା'ର ସାଧନା ମାନିପାର, ତେବେ ପଢ଼ାରେ ଆନନ୍ଦ ଆସିବ । ଏହି ଆନନ୍ଦ ଯଥାର୍ଥରେ ଆନନ୍ଦ । ଅନ୍ୟଥା ବୃତ୍ତି ପାଇବା, ଫାଷ୍ଟ ଡିଭିଜନରେ ପାସ କରିବା କିଂବା ବିଦ୍ୟାକୁ ଉତ୍ତମ ଗୁଣରୂପେ ଗ୍ରହଣ କରି ପଢ଼ିଲେ ପ୍ରାଣରେ ପ୍ରସନ୍ନତା ଆସିପାରେ ।

**ପ୍ରଶ୍ନ :** *ନମାରି, ଭୟ ନଦେଖାଇ ପିଲାଙ୍କୁ ପଢ଼ିବାରେ ରୁଚି, ଆଗ୍ରହ ସୃଷ୍ଟି କରାଇବାରେ ଭବିଷ୍ୟତ୍ ଜୀବନରେ କ'ଣ ଲାଭ ହୁଏ ? ମାରିପିଟି ଭୟ ଦେଖାଇ ପଢ଼ାଇବାରେ ପିଲାର ଭବିଷ୍ୟତ୍ ଜୀବନ ଉନ୍ନତିରେ କ'ଣ ବାଧା ଦିଏ ?*

**ଉତ୍ତର :** ନମାରି, ଭୟ ନଦେଖାଇ ପଢ଼ିବାରେ ବାଳକବାଳିକାମାନଙ୍କର ରୁଚି, ଆଗ୍ରହ ଉତ୍ପନ୍ନ ହେଲେ ସେମାନେ ଶିକ୍ଷାକୁ ଭାରୀ ବା ବୋଝ ମନେ ନକରି ପ୍ରସନ୍ନ ମନରେ ପଢ଼ନ୍ତି । ପଢ଼ିବାରେ ସେମାନଙ୍କୁ ଆନନ୍ଦ ମିଳେ । ସେମାନେ ମନୋଯୋଗ ପୂର୍ବକ ପଢ଼ନ୍ତି । ଭବିଷ୍ୟତ୍ ଜୀବନରେ ସେମାନେ ଯେଉଁ କର୍ମ କରନ୍ତି ସେଥିରେ ଆନ୍ତରିକତା ଥିବା ଯୋଗୁଁ କର୍ମ ଉତ୍ତମ ହୁଏ; ସେମାନେ ଶାନ୍ତି-ସୁଖ ପ୍ରସନ୍ନତାରେ ଜୀବନଯାପନ କରନ୍ତି ।

ଯେଉଁ ପିଲାମାନଙ୍କୁ ମାରିପିଟି, ଭୟ ଦେଖାଇ ପଢ଼ିବାକୁ ବାଧ କରାହୁଏ ସେମାନଙ୍କ ମନରେ ପ୍ରତିକ୍ରିୟା, ପ୍ରତିହିଂସା, ଈର୍ଷା, ବିରୋଧ ଉତ୍ପନ୍ନ ହୁଏ । ଖୁବ୍ ଛୋଟ ଶିଶୁଙ୍କୁ ମାରିଲେ ସେମାନେ ବି ନିଜ ହାତରେ ମାରନ୍ତି । ସେମାନଙ୍କ ପ୍ରତିହିଂସା, ଭୟ, ଈର୍ଷାଦି ବିରୋଧଭାବ ସେମାନଙ୍କର ଅବଚେତନାରେ ଆଶ୍ରୟ ନିଅନ୍ତି । ବୟସ ବୃଦ୍ଧି ସଙ୍ଗେ ସେସବୁ ବୃଦ୍ଧି ପାଆନ୍ତି । ପ୍ରାପ୍ତ ବୟସରେ ସେମାନେ କର୍ମ କରିବା ଅବସ୍ଥାରେ ରାଗନ୍ତି । ବିଶେଷ କାରଣ ନଥାଇ ଅଶାନ୍ତି ଅନୁଭବ କରନ୍ତି । ଅଶାନ୍ତି ଯୋଗୁଁ କର୍ମରେ ରୁଚି ହୁଏ ନାହିଁ, ଆଗ୍ରହ ଆସେ ନାହିଁ । ଆନ୍ତରିକତା ସହ ଆଗ୍ରହରେ କର୍ମ ନକଲେ ନିଜେ ଅସନ୍ତୋଷ ଅନୁଭବ କରନ୍ତି, କର୍ମରେ ତ୍ରୁଟି ହୁଏ, ଅନ୍ୟର ପ୍ରଶଂସା ବା ଉନ୍ନତିରେ ଈର୍ଷା ହୁଏ । ଏହିସବୁ କାରଣରୁ କର୍ମରେ ଦକ୍ଷତାପ୍ରାପ୍ତ ନକରିବା ଯୋଗୁଁ ନିଜ ଚାକିରିରେ କିଂବା କର୍ମରେ ଉନ୍ନତି ହୁଏ ନାହିଁ । ଅଧିକାଂଶ ସମୟରେ ଅଭାବ ଅନୁଭବ କରନ୍ତି । ଏହିପରି ସ୍ୱଭାବ ଯୋଗୁଁ ପରିବାରରେ ମାତାପିତା, ଭାଇ, ପୁତ୍ର, କନ୍ୟା ତଥା ନିଜ ପତ୍ନୀଙ୍କ ସହିତ ମନ ମିଳେ ନାହିଁ । ପରସ୍ପର ମଧ୍ୟରେ ସଂଘର୍ଷ ହୁଏ । ଜୀବନ ଅତ୍ୟନ୍ତ ଅଶାନ୍ତ ହୁଏ । ଏହାର କୁ-ପ୍ରଭାବ ସନ୍ତାନମାନଙ୍କ ଉପରେ ପଡ଼ିବା ଯୋଗୁଁ ସେମାନଙ୍କର ବି କୁସଂସ୍କାର ହୁଏ । ବାଲ୍ୟାବସ୍ଥାରେ ପିଲାଙ୍କୁ ମାରିବା, ଭୟ ଦେଖାଇବା ଯୋଗୁଁ ସେମାନଙ୍କର ଭବିଷ୍ୟତ୍ ଜୀବନ ମଧ୍ୟ ଦୁଃଖ-ଦ୍ୱନ୍ଦ୍ୱ-ଅଶାନ୍ତିମୟ ହୁଏ ।

*

**ପ୍ରଶ୍ନ :** *ପ୍ରାୟ ଅଧିକାଂଶ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ବ୍ୟବସ୍ଥାପକ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଗୋଟାଏ ବ୍ୟବଧାନ ରହିଲା ପରି ଜଣା ପଡୁଛି । ଏହାର କାରଣ କ'ଣ ? ଆଉ ଏହା ଦୂର ହେବ କିପରି ?*

**ଉତ୍ତର :** ଏହାର କାରଣ ହେଉଛି ବ୍ୟବସ୍ଥାପକ ହୁଅନ୍ତୁ ବା ଶିକ୍ଷକ-ଶିକ୍ଷୟିତ୍ରୀ ହୁଅନ୍ତୁ ଜୀବନର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି ଏବଂ ଏ କାର୍ଯ୍ୟ ହେଉଛି ସାଧନା, ଏହି ମନୋଭାବରେ ତ୍ରୁଟି ରହିଛି । ଏହି କାରଣରୁ ବ୍ୟବଧାନ ଦେଖାଯାଉଛି । ଏହା ଦୂର ହେବ କେବଳ ଜୀବନର ଲକ୍ଷ୍ୟ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି ଏହାକୁ ଦୃଢ଼ ଭାବରେ ନିଷ୍ଠାର ସହିତ ଗ୍ରହଣ କରିବା ଦ୍ୱାରା ଓ ସମସ୍ତ କାର୍ଯ୍ୟ ମା'ଙ୍କ ସେବା ଭାବରେ କରି ମା'ଙ୍କୁ ସମର୍ପଣ କରିବା ଦ୍ୱାରା । ଧାରଣା କରିବାକୁ ହେବ ଏ ଅନୁଷ୍ଠାନ ମା'ଙ୍କର, ଆମେ କେବଳ ସେବକ । କିନ୍ତୁ ଏ ବିଷୟରେ ବ୍ୟକ୍ତି ନିରନ୍ତର ସଚେତନ ହୋଇପାରିବ 'ମା' ଏହି ନାମ ଜପ କଲେ । ଏବଂ କିଛି ସମୟ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ଧ୍ୟାନ କରିବେ, ବିଶେଷ କରି ନିୟମିତ ଭାବରେ ନିଷ୍ଠାର ସହିତ ପାଠଚକ୍ରରେ ଯୋଗ ଦେବେ । ପାଠଚକ୍ର ହେଉଛି ସତ୍‌ସଙ୍ଗର କେନ୍ଦ୍ର, ପାଠଚକ୍ର ନିଷ୍ଠାର ସହିତ କଲେ ନାମ ଜପରେ ଆଗ୍ରହ ହେବ । ସାଧନା ମନୋଭାବ କ୍ରମଶଃ ଉତ୍ପନ୍ନ ହେବ ଏବଂ ଚୈତ୍ୟପୁରୁଷ ଅଧିକରୁ ଅଧିକ ଜାଗ୍ରତ୍ ହେବ । ଏହିପରି ସାଧନା ମନୋଭାବରେ କାର୍ଯ୍ୟ କଲେ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରେ ଯେଉଁ ମତଭେଦ ରହିଛି ତାହା ଆଦୌ ରହିବ ନାହିଁ । ବିଶେଷତଃ ନାମଜପ କରିବା ଦ୍ୱାରା ମନ-ପ୍ରାଣ-ଶରୀରରେ ପ୍ରକାଶ ଆସିବ । ମନ, ପ୍ରାଣ, ଶରୀରର ଯେଉଁ ପ୍ରତିକୂଳ ଗୁଣ ଧର୍ମ ଅଛି ତାହା କ୍ରମଶଃ ରୂପାନ୍ତର ହେବାକୁ ଆରମ୍ଭ କରିବ । ଶିକ୍ଷକ-ଶିକ୍ଷୟିତ୍ରୀ, ବ୍ୟବସ୍ଥାପକ ନିୟମିତ ନାମଜପ କରିବେ ଏବଂ ଛାତ୍ର-ଛାତ୍ରୀମାନଙ୍କୁ ଶିକ୍ଷା ମାଧ୍ୟମରେ ନାମଜପ କରିବାକୁ ପ୍ରେରଣା ଦେବେ । ଏହା ସହିତ ସମୟେ ସମୟେ ନିୟମିତ ଭାବେ ମାସରେ ଥରେ କିଂବା ଦୁଇଥର ପିଲାମାନଙ୍କର ମାତାପିତା ବା ଅଭିଭାବକମାନେ ପିଲାମାନଙ୍କୁ ସେମାନଙ୍କ ଜୀବନର ଲକ୍ଷ୍ୟ ବିଷୟରେ ବୁଝାଇବେ ଏବଂ ସେମାନଙ୍କୁ ଲୋକସାହିତ୍ୟ, ବିଶେଷ କରି 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ', 'ଦିବ୍ୟଯୁଗ ସ୍ଥାପନାରେ ନାରୀ', 'ଗାର୍ହସ୍ଥ୍ୟ ଧର୍ମ' ଆଦି ବହି ପଢ଼ିବାକୁ ଦେବେ । କାରଣ ପିଲାମାନେ ବେଶୀ ସମୟ ଘରେ ରହି ନଥା'ନ୍ତି । ଏଣୁ ମାତାପିତା ଯଦି ଜୀବନର ଅନିବାର୍ଯ୍ୟ ଲକ୍ଷ୍ୟ ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି, ଏହାକୁ ଗ୍ରହଣ କରିବେ ତେବେ ଘରେ ଅଶାନ୍ତି ରହିବ ନାହିଁ, କଳିକଜିଆ ହେବ ନାହିଁ । ସେମାନେ ପିଲାମାନଙ୍କୁ ମାରିବେ ନାହିଁ କି ରାଗିବେ ନାହିଁ । ଘରେ ଶାନ୍ତିର ବାତାବରଣ ରହିବ । ଘରେ କଳି ହୁଏ, ମତଭେଦ ହୁଏ, ଭାଇ ଭାଇ ଭିନ୍ନ ହୁଅନ୍ତି ଓ ପିତା ପୁତ୍ର ମଧ୍ୟରେ ମତଭେଦ ହେବାର କାରଣ ହେଲା ଗୋଟିଏ ବସ୍ତୁକୁ କିଂବା ଗୋଟିଏ ଘଟଣାକୁ କେନ୍ଦ୍ର କରି ନିଜର ବୁଦ୍ଧି ଅନୁସାରେ ଭିନ୍ନ ଭିନ୍ନ ରୂପେ ବିଚାର କରିବା । ଧାରଣା କରନ୍ତି ତାଙ୍କରି ବିଚାର ଯଥାର୍ଥ । ସେହି ବିଚାରକୁ ଘରର ଅନ୍ୟ ସମସ୍ତେ ଗ୍ରହଣ କରନ୍ତୁ । ଠିକ୍ ସେହିପରି ଅନ୍ୟ ବ୍ୟକ୍ତିମାନେ ମଧ୍ୟ ଭାବନ୍ତି । ବୁଦ୍ଧିର ପୂର୍ଣ୍ଣଜ୍ଞାନ ନଥିବା ଯୋଗୁଁ ବ୍ୟକ୍ତି ନିଜ ବିଚାରକୁ ଠିକ୍ ବୋଲି ଭାବି ନିଅନ୍ତି । ସେଥି ସକାଶେ ହୁଏ ଦ୍ୱନ୍ଦ୍ୱ । ଏହା କେବଳ ପରିବାରରେ ଯେ ହୁଏ ତାହା ନୁହଁ; ଗ୍ରାମ, ସମାଜ, ପ୍ରତ୍ୟେକ ସଂସ୍ଥା ଏବଂ ରାଜନୀତିରେ ମଧ୍ୟ ଉଦାହରଣ ରୂପେ ଦେଖାଯାଇଛି । ହାଇକୋର୍ଟର କେସ୍ ସୁପ୍ରିମ୍ କୋର୍ଟକୁ ଆସେ । ହାଇକୋର୍ଟରେ କେସ୍ ପାଞ୍ଚଜଣ, ସାତଜଣ ବା ନଅଜଣ ଜଜ ପଢ଼ନ୍ତି ଓ ଓକିଲର ଆର୍ଗୁମେଣ୍ଟ (ଯୁକ୍ତିତର୍କ) ସବୁ ଜଜମାନେ ଶୁଣନ୍ତି । କିନ୍ତୁ ମତାମତ ଦେଲାବେଳେ ପାଞ୍ଚଜଣ ଦେବେ ଗୋଟିଏ ପ୍ରକାରର, ଚାରିଜଣ ଦେବେ ଆଉ ଗୋଟିଏ ପ୍ରକାରର । ବୁଦ୍ଧିର ପୂର୍ଣ୍ଣ ଜ୍ଞାନ ନଥିବାରୁ ଏପରି ବିଚାରରେ ପୃଥକ୍ ଆସେ । କିନ୍ତୁ ଏଇ ଜୀବନର ଲକ୍ଷ୍ୟ ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ବ୍ୟକ୍ତି ଗ୍ରହଣ କଲେ ସେ ବୁଝିପାରେ ବୁଦ୍ଧିର ଜ୍ଞାନ ଯଥାର୍ଥ ନୁହେଁ । ସେ ସକାଶେ ସେ ନିଜର ବିଚାରକୁ ଅନ୍ୟ ଉପରେ ଲଦି ଦିଏ ନାହିଁ ବା ଅନ୍ୟର ବିଚାରକୁ ଅବମାନନା କରେ ନାହିଁ; ଫଳରେ ଘରର ବାତାବରଣ ଶାନ୍ତ ରହେ । ଏଣୁ ଏହି ଯୋଗ ଗ୍ରହଣ କଲେ ବ୍ୟକ୍ତି ସଂସାରର କାର୍ଯ୍ୟ ଶାନ୍ତିଶୃଙ୍ଖଳାର ସହିତ କରିପାରିବ ଓ ଭଗବତ୍ ପ୍ରାପ୍ତି ମାର୍ଗରେ ଅଗ୍ରସର ହୋଇପାରିବ । ଏହି କାରଣରୁ ପ୍ରତ୍ୟେକ ବ୍ୟକ୍ତିଙ୍କ ସକାଶେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରିବା ନିତାନ୍ତ ଆବଶ୍ୟକ ।

(ପୂର୍ଣ୍ଣାଙ୍ଗ ଶିକ୍ଷାପତ୍ର, ଜାନୁଆରୀ, ୧୯୮୮, ପୃଷ୍ଠା - ୧୬ - ୧୮)

**– ରାମକୃଷ୍ଣ ଦାସ**

❑❑❑

ଚେତନାର ଦିଗ୍‌ବଳୟ :

# ଅଧ୍ୟାତ୍ମ ପଥର ଯାତ୍ରୀ ଏବଂ ''କାମ ହାସଲ'' ମାର୍ଗ

ଆମେ ଶ୍ରଦ୍ଧାରେ ବାବାଜି ମହାରାଜ ବୋଲି ଅଭିହିତ କରୁଥିବା ଶ୍ରୀ ରାମକୃଷ୍ଣ ଦାସଙ୍କ ଜନ୍ମଦିବସ (୧୪ ଅଗଷ୍ଟ ୨୦୧୮) ଉପଲକ୍ଷେ ନବଜ୍ୟୋତି କାର୍ଯ୍ୟାଳୟରେ ଅନୁଷ୍ଠିତ ସମବେତ ଧ୍ୟାନରୁ ପ୍ରତ୍ୟାଗମନ ପରେ ମନେ ପଡୁଛି ସେ କହିଥିବା ଗୋଟାଏ କୁନି କାହାଣୀ; ମନେହୁଏ ଏହା ତଥ୍ୟ-ଆଧାରିତ । ସମ୍ଭବତଃ ପଚାଶ ବର୍ଷରୁ ଉର୍ଦ୍ଧ୍ୱ କାଳ ପରେ ଆଜି ମୁଁ ତାକୁ ମୋ ନିଜ ରୀତିରେ ଉପସ୍ଥାପନ କରୁଛି ।

ଥରେ ବିଭିନ୍ନ ତୀର୍ଥ ଦର୍ଶନ ଉଦ୍ଦେଶ୍ୟରେ ନିଜ ଆଶ୍ରମରୁ ବାହାରିଥିବା ଜଣେ ଗୁରୁଙ୍କ ସହିତ ତାଙ୍କର ପନ୍ଦର, କୋଡ଼ିଏ ଜଣ ଶିଷ୍ୟ ମଧ ଭ୍ରମଣରତ ଥା'ନ୍ତି । ସାଧୁ ଭିନ୍ନ ଭିନ୍ନ ସ୍ଥାନରେ ରାତ୍ରି ଯାପନ କରୁଥା'ନ୍ତି – ହୁଏତ କେଉଁଠି ଧର୍ମଶାଳାରେ, କେଉଁଠି ବା କୌଣସି ମନ୍ଦିର ପ୍ରାଙ୍ଗଣରେ, ଏପରିକି କେବେ କେବେ ଖୋଲା ତୋଟାରେ । ତାଙ୍କ ଚାରିପଟେ ଯତ୍‌ସାମାନ୍ୟ ଶେଯଟିମାନ ବିଛାଇ ଗଡ଼ିପଡୁଥା'ନ୍ତି ଶିଷ୍ୟମାନେ ।

ଥରେ ଶିଷ୍ୟମାନଙ୍କୁ ଆମୋଦିତ କଲା ଗୋଟାଏ ବିଚିତ୍ର ଘଟଣା – ବରଂ ରାତି ପରେ ରାତି ଘଟୁଥିବା ଏକ ଘଟଣା ପ୍ରବାହ : ସମସ୍ତେ ସକାଳେ ଉଠି ଦେଖନ୍ତି, ଘନଶ୍ୟାମ ନାମକ ଶିଷ୍ୟର ବଙ୍କୁଲି ବାଡ଼ି ଖଣ୍ଡିକ ଯାଇ ହୁଏତ ରାଧାଶ୍ୟାମର ଶେଯ ପାଖରେ, ରାମର ଗାମୁଛା ଖଣ୍ଡିକ ଶ୍ୟାମର ମୁଣ୍ଡ ପାଖରେ ଏବଂ ଶ୍ୟାମର ରାମ ପାଖରେ, ରବିର ଲୋଟାଟି ଯାଇ ହୁଏତ କବିର ଗୋଡ଼ ପାଖରେ ଏବଂ କବିର ଲୋଟା ଥୁଆ ହୋଇଛି ରବିର ତକିଆ କଡ଼ରେ । କିଏ ଏବଂ କାହିଁକି ଏମିତି କରୁଛି, ସେକଥା ବୁଝିହେଲା ନାହିଁ ।

ଆଠ, ଦଶ ଦିନ ଉତ୍ତାରୁ ସାଧୁ ସେ ବ୍ୟାପାର ଶୁଣିଲେ । ଟିକିଏ ସମୟ ଧ୍ୟାନସ୍ଥ ରହି ସେ ହସିଦେଲେ ଏବଂ କହିଲେ, ''ଆଉ ସେମିତି ହେବ ନାହିଁ !''

କିଛି ସମୟ ପରେ ଗୁରୁ ମାତ୍ର ବର୍ଷକ ପୂର୍ବରୁ ତାଙ୍କ ଶିଷ୍ୟ ବନିଥିବା ଜଣେ ଯୁବକକୁ ଏକାନ୍ତରେ ଡାକିଆଣିବା ନିମନ୍ତେ ପ୍ରଧାନ ଚେଲାକୁ ନିର୍ଦ୍ଦେଶ ଦେଲେ । ଯୁବକ ଆସନ୍ତେ ତା' ମୁଣ୍ଡରେ ହାତ ବୁଲାଇଦେଇ ଗୁରୁ ପଚାରିଲେ, ''ଶୁଣିଲୁ ତ ମୁଁ ସମସ୍ତଙ୍କୁ କ'ଣ ପ୍ରତିଶ୍ରୁତି ଦେଲି ?''

କାନ୍ଦି ପକାଇ ନବ-ଦୀକ୍ଷିତ ଯୁବକ କହିଲା, ''ଆଜ୍ଞା, ଗୁରୁଦେବ, ଆଉ ସେମିତି କରିବି ନାହିଁ ।''

ଯୁବକ ଚାଲିଯିବା ପରେ ଚେଲା ଗୁରୁଙ୍କୁ ପଚାରିଲେ, ''ଟୋକା ତ ବେଶ୍ ଭଲ ମଣିଷ ବୋଲି ମନେ ହୁଏ । ଆଶ୍ରମରେ ତା'କୁ ଦିଆଯାଉଥିବା କାମ ବଡ଼ ନିଷ୍ଠାର ସହିତ ସମାପନ କରେ, ଆପଣଙ୍କ ପ୍ରତି ତା'ର ଆନୁଗତ୍ୟ ବି ସନ୍ଦେହାତୀତ, ତେବେ ସେ ରାତିରେ ଏମିତି ଅବ୍ୟାପାର କାହିଁକି କରି ଚାଲିଥିଲା ?''

ଉତ୍ତର ଦେଲେ ଗୁରୁ : ''ତା' ଭାଗ୍ୟ ତା'କୁ ପୁଣ୍ୟ ମାର୍ଗକୁ ନେଇ ଆସିଛି । କିନ୍ତୁ ସଂସର୍ଗ ଦୋଷରୁ ସେ ଚୋରି କରିବାରେ ଅଭ୍ୟସ୍ତ ଥିଲା । ତା' ପ୍ରାଣସତ୍ତା ସେଥିରୁ ଯେଉଁ ଅଧମ ଧରଣର ସନ୍ତୋଷ ପାଉଥିଲା, ବର୍ତ୍ତମାନ ମଧ ତାହା ସେହି ସନ୍ତୋଷ ସକାଶେ ଆକୁଳି ବିକୁଳି ହୁଅନ୍ତେ ସେ ଏହି ଅଦଳ ବଦଳ କର୍ମ ଯୋଗେ ତାକୁ କିଛି ମାତ୍ରାରେ ତୃପ୍ତ କରୁଥିଲା !''

ବିଚିତ୍ର ଆମ ଚେତନା ! ତା'ର ସମୁଦାୟ ଦିଗ୍‌ଦିଗନ୍ତ ଆମେ ଦେଖିପାରିବା ସମ୍ଭବପର ନୁହେଁ । ଆମ ଚେତନାର ଏକ ଏକ ଦିଗ ଆଲୋକିତ ଥାଇପାରେ; ଅନ୍ୟ କେତେକ ଦିଗ ଥାଇପାରେ ତମସାବୃତ । ଥରେ ଜଣେ ବିତ୍ତବାନ୍ ଜମିଦାର ପାର୍ଥିବ ସୁଖ ସ୍ୱାଚ୍ଛନ୍ଦ୍ୟ ପ୍ରତି ବୀତସ୍ପୃହ ହୋଇ ଚାଲିଗଲେ ଏକ ପୁଣ୍ୟସ୍ଥଳୀକୁ । ସେଠାରେ ସେ ରହିଲେ ଗୋଟିଏ ମଠରେ । ଅଚିରେ ମହନ୍ତ ମହାରାଜଙ୍କ ଅନ୍ୟ ଶିଷ୍ୟମାନଙ୍କୁ ସେ ବଳିଗଲେ ବିଦ୍ୟାବୁଦ୍ଧିରେ । ତାଙ୍କ ପ୍ରୟାସରେ ମଠର ବହୁତ ଉନ୍ନତି ହେଲା । ମହନ୍ତଙ୍କ ପରଲୋକ ଅନ୍ତେ ତାଙ୍କୁ ବସାଇ ଦିଆଗଲା ମହନ୍ତ ଗାଦିରେ ।

ସେ ମଠ ପାଖରେ ଥାଏ ଆଉ ଗୋଟିଏ ଛୋଟ ମଠ । ମଝିରେ ରହିଥାଏ ଦେଢ଼ ଗୁଣ୍ଠ ପରିମିତ ସ୍ଥାନ । ସେତକ ଉପରେ କେଉଁ ମଠର ଅଧିକାର, ତାହା ଏକ ବିବଦମାନ ବିଷୟ ହୋଇ ରହିଥିଲା । ଛୋଟ ମଠଟି ସେତକ ଜମି ଉପରେ ଥିଲା ବିଶେଷ ନିର୍ଭରଶୀଳ । କିନ୍ତୁ ବଡ଼ ମଠର ନୂଆ ମହନ୍ତ ମକଦ୍ଦମା କଲେ ଏବଂ ବର୍ଷ ବର୍ଷ ଧରି ସେ ସଂକ୍ରାନ୍ତୀୟ ତଦବିର୍‌ରେ ମଶଗୁଲ୍ ରହିବା ଭିତରେ ପ୍ରାଣତ୍ୟାଗ କଲେ ।

ସେ ଯେ ଦେଢ଼ ଗୁଣ୍ଠ ଜମି ଲୋଭରେ ମକଦ୍ଦମା କରୁଥିଲେ, ତାହା ନୁହେଁ । ସେ ନିଜେ ଏକଦା ହୁଏତ ଦେଢ଼ ହଜାର ଏକର ଜମିର ମାଲିକ ଥିବେ । ସମ୍ପତ୍ତି ପ୍ରତି ଆସକ୍ତିରୁ ସେ ଉତ୍ତୀର୍ଣ୍ଣ ହୋଇଥିଲେ; କିନ୍ତୁ ଆସକ୍ତି ଥିଲା ମକଦ୍ଦମା ପ୍ରତି; ଆଇନର ଚତୁର ବ୍ୟାଖ୍ୟାରେ, ପରାକାଷ୍ଠା ମାଧ୍ୟମରେ କାମ ହାସଲ କରିନେବାର ପୁଲକ ପ୍ରତି । ଚମତ୍କାର ଯୁକ୍ତି ହେଲା, ମୁଁ ତ ମୋ ସ୍ୱାର୍ଥ ପାଇଁ ମକଦ୍ଦମା କରୁ ନାହିଁ, କରୁଛି ଧର୍ମ ପ୍ରତିଷ୍ଠାନ ପାଇଁ ।

କାମ ହାସଲ କରିନେବା ! ଏହା ଆମମାନଙ୍କର ସାମାଜିକ, ସାଂସାରିକ, ବ୍ୟବସାୟିକ ଏବଂ ରାଜନୈତିକ ଜୀବନରେ ଏକ ବିଶେଷ କୃତିତ୍ୱ, ଏହା ଆଣିଦିଏ ଏକ ବିଶେଷ ତୃପ୍ତି । ଆମେ ଏହି ଅଭ୍ୟାସ ଏବଂ ଏଥିରେ ତଥାକଥିତ ସାଫଲ୍ୟର ମାୟାରେ ଏଡ଼େ ଛନ୍ଦି ହୋଇ ରହିଥାଉଁ ଯେ ଦିନେ ଦିବ୍ୟ-କରୁଣାରୁ ଆମର ଅନ୍ତରାତ୍ମା ଆଧ୍ୟାତ୍ମିକ ଜୀବନ ପ୍ରତି ଉନ୍ମୁଖ ହେବା ପରେ ମଧ୍ୟ ଏହା ବଳବତ୍ତର ରହେ ଏବଂ ସେ ମହତ୍ କ୍ଷେତ୍ର ପାଇଁ ସମ୍ପୂର୍ଣ୍ଣ ନିଷିଦ୍ଧ ଏବଂ ଭୟାବହ ସେ କସରତ ସେଠାରେ ମଧ୍ୟ ପ୍ରୟୋଗ କରିପକାଉଁ । କୌଣସି ଆଧ୍ୟାତ୍ମିକ ସଂଗଠନ ପ୍ରତି ଅବଦାନ ଦେଉଛୁଁ, ଏହି ଉଦ୍‌ଭ୍ରାନ୍ତ ଆତ୍ମସନ୍ତୋଷ ଯୋଗେ ଆମ ସୂକ୍ଷ୍ମ ଅସ୍ୱସ୍ତିବୋଧକୁ ଚୁପ୍ କରିଦେଉଁ ।

ଜଣେ ଥିଲେ ସିଦ୍ଧ ପୁରୁଷ; ଦରଦୀ ଏବଂ ଜ୍ଞାନୀ । ଅନେକ ଶାରୀରିକ ଏବଂ ମାନସିକ ଦୁଃସ୍ଥ ବ୍ୟକ୍ତି ତାଙ୍କୁ ନିଜ ନିଜ ସମସ୍ୟା ଜଣାଉଥିଲେ ଓ ସହାୟତା ଭିକ୍ଷା କରୁଥିଲେ । ସେ ସମସ୍ତଙ୍କୁ ଆଶିଷ ଦେଉଥିଲେ; ଆଶିଷର ପ୍ରତୀକ ରୂପେ କାହାକୁ ଫୁଲଟିଏ ବା କାହାକୁ ଫଳଟିଏ ଧରାଇ ଦେଉଥିଲେ । କିନ୍ତୁ କ୍ଷେତ୍ର ବିଶେଷରେ ସେ ଦୁଃସ୍ଥଙ୍କୁ କ୍ଷଣକ ପାଇଁ ଖଣ୍ଡିଏ ଅତି ପୁରୁଣା ବାଘ ଛାଲ ଉପରେ ବସାଉଥିଲେ । ସେ ବ୍ୟକ୍ତିର କ୍ଲେଶ ସ୍ୱଳ୍ପ ସମୟ ଭିତରେ ଅପନୋଦନ ହୋଇଯାଉଥିଲା । ତେବେ ସେ ଅଲୌକିକ କମ୍ବଳର ବ୍ୟବହାର ଛଅ ମାସରେ ମାତ୍ର ଥରେ କରାଯାଇ ପାରୁଥିଲା । ସେ ଆସନ ଏକଦା ତାଙ୍କ ଗୁରୁଙ୍କ ଗୁରୁ, ଜଣେ ଋଷି ବ୍ୟବହାର କରୁଥିଲେ ।

ସମୟ ଆସିଲା ଯେତେବେଳେ ସିଦ୍ଧ ପୁରୁଷ ଇହଧାମରୁ ବିଦାୟ ନେବେ । ସେ ତାଙ୍କ ବିଶ୍ୱସ୍ତ ମୁଖ୍ୟ ଶିଷ୍ୟକୁ ଯେତେ ଯାହା ଉପଦେଶ ଦେବାର ଦେଇ ସାରି କେତେବେଳେ, କେଉଁ ଲକ୍ଷଣଯୁକ୍ତ ଦୁଃସ୍ଥକୁ ବ୍ୟାଘ୍ରାସନ ଉପରେ ବସିବାର ସୁଯୋଗ ଦିଆଯାଇପାରେ — ଏବଂ ତାହା କରିବା ପୂର୍ବରୁ ଶିଷ୍ୟ ଜଣକ କି ପ୍ରକାର ଅନୁଷ୍ଠାନ କରିବା ଆବଶ୍ୟକ, ତାହା ବିଶଦ ଭାବରେ ବୁଝାଇଦେଲେ ।

ସିଦ୍ଧଙ୍କ ଉତ୍ତରାଧିକାରୀ ସେହି ରୀତିରେ ଅଟଳ ରହିଲେ । କ୍ୱଚିତ୍ କେବେ ସେ କାହାକୁ ବ୍ୟାଘ୍ରାସନ ଉପରେ ବସିବା ଭଳି ଆଶୀର୍ବାଦ ଦେଉଥିଲେ ।

ଥରେ ପାଖ ଗ୍ରାମର ଧନବାନ୍ ସୌଦାଗରଙ୍କ ଦେହରେ ବିସ୍ତର କାଛୁକୁଣ୍ଡିଆ ହେଲା । କବିରାଜଙ୍କ ଔଷଧ କାମ ଦେଲା ନାହିଁ । ତାଙ୍କୁ ମିତ୍ରମାନେ ପରାମର୍ଶ ଦେଲେ, ସେ ଥରେ ମହାପୁରୁଷଙ୍କ ବ୍ୟାଘ୍ରାସନ ବ୍ୟବହାର କରିପକାନ୍ତୁ । କିନ୍ତୁ ସମ୍ପ୍ରତି ତାହା ଦ୍ୱାରା ଜଣେ ପ୍ରାର୍ଥୀ ନିରାମୟ ହୋଇଥିଲେ । ତାଙ୍କୁ ଯଦି ବି ସେ ଆସନରେ ବସିବାର ସୁଯୋଗ ମିଳେ, ତେବେ ସେପାଇଁ ଛଅ ମାସ ଅପେକ୍ଷା କରିବାକୁ ହେବ । ଅସମ୍ଭବ !

ସହଜ ମାର୍ଗରେ କାମ ହାସଲ କରି ନନେବା କାହିଁକି ? ତାଙ୍କ ଗୁମାସ୍ତା ଯାଇ ସିଦ୍ଧଙ୍କ ଆଶ୍ରମରେ ଉତ୍ତରାଧିକାରୀଙ୍କ ସେବକକୁ ଧରାଇଦେଲା ସେ ଲୋକଟିର ଆଶାତୀତ ପରିମାଣ ଟଙ୍କା । ଉତ୍ତରାଧିକାରୀ ଶୋଇଥିବା ବେଳେ ସେବକ ବ୍ୟାଘ୍ରାସନ ଆଣି ସୌଦାଗରଙ୍କ ଆଗରେ ଥୋଇଦେଲା । ''ଧର୍ମକୁ ଆଖି ଠାର'' ବା ବଙ୍ଗଳାରେ ''ଭାବେର୍ ଘରେ ଚୁରି'' ବୋଧହୁଏ ଏହିଭଳି କାରବାରକୁ ଇଙ୍ଗିତ କରେ ।

''ବସନ୍ତୁ, ବାବୁ, ଶୀଘ୍ର !'' ସେବକ ସୌଦାଗରଙ୍କୁ ନେହୁରା ହୋଇ କହିଲା । ସୌଦାଗର ତରତର ହୋଇ ବସିଲେ, କିନ୍ତୁ ଅବସ୍ଥା ହେଲା ବିଷମ । ତାଙ୍କର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଅସାଡ଼ ହୋଇଗଲା । ତେଣେ ବାଘ ଛାଲ ଯେମିତି ତାଙ୍କୁ ଉପରକୁ ଟେକୁଥାଏ ! ଅର୍ଥାତ୍ ଛାଲ ଖଣ୍ଡିକ ଅସଲ ବାଘରେ ପରିଣତ ହୋଇଯିବା ଭଳି ପ୍ରତୀତ ହେଲା । ସୌଦାଗର ଚିତ୍କାର କରି ଚେତା ହରାଇଲେ ଓ ଟଳି ପଡ଼ିଲେ । ତେଣିକି ସେ ହରାଇଲେ ବାକ୍‌ଶକ୍ତି । ଜୀବନର ଶେଷ ପର୍ଯ୍ୟାୟ ତାଙ୍କୁ ମୂକ ଭାବରେହିଁ ବିତାଇବାକୁ ପଡ଼ିଲା ।

ଜଣେ ସନ୍ଥ କହୁଥିଲେ, ବ୍ୟାଘ୍ର ପ୍ରବଳ ପ୍ରାଣଶକ୍ତିର ଆଧାର । ତା' ଛାଲ ସେହି ପ୍ରାଣଶକ୍ତିର ପ୍ରତୀକ । ମୁନି, ଋଷିମାନେ ସେ ଆସନ ଉପରେ ବସିବାର ଗୂଢ଼ ଅର୍ଥ ରହିଛି । ସେମାନେ ସେ ପ୍ରାଣଶକ୍ତିକୁ ବଶୀଭୂତ କରିଥା'ନ୍ତି । ସିଦ୍ଧ ପୁରୁଷ ଏବଂ ପରେ ତାଙ୍କ ଉତ୍ତରାଧିକାରୀ କୌଣସି ଏକ ବିଶେଷ କ୍ରିୟାନୁଷ୍ଠାନ କରିବା ପରେ ଯାଇ କୌଣସି ଦୁଃସ୍ଥକୁ ତହିଁ ଉପରେ ମୁହୂର୍ତ୍ତକ ପାଇଁ ବସାଉଥା'ନ୍ତି । ସୌଦାଗର ସହଜରେ ''କାମ ହାସଲ'' କରିବାକୁ ଯାଇ ବିପନ୍ନ ହେଲେ । ବ୍ୟାଘ୍ରାସନ ଗୋଟିକ ଜୀବନ୍ତ ବ୍ୟାଘ୍ର ବନିଯିବାର ଧାରଣା ସମ୍ଭବତଃ ତାଙ୍କରି ଅବଚେତନ-ନିହିତ ଗ୍ଲାନିବୋଧର କରାମତି ।

ଏହାର ମର୍ମ ତାତ୍ପର୍ଯ୍ୟପୂର୍ଣ୍ଣ ହେଲେ ମଧ୍ୟ ଏହା ଏକ କାହାଣୀ । ତେଣୁ ଏହାର ପରିଣତି ନାଟକୀୟ; ଯଦିଚ ସେଭଳି ଘଟିବା ମୋଟେ ଅସମ୍ଭବ ନୁହେଁ । ଆଧ୍ୟାତ୍ମିକ ଜଗତରେ ''କାମ ହାସଲ'' କରିନେବା ମାନସିକତାର ପରିଣତି ଏଭଳି ନାଟକୀୟ ନ ହୋଇପାରେ । କିନ୍ତୁ ସେ କ୍ଷେତ୍ରରେ ଚାତୁର୍ଯ୍ୟ ପ୍ରୟୋଗର ଫଳ ଆମ ଚେତନା ପାଇଁ ଭୟାବହ ହେବା ନିଶ୍ଚିତ — ଯାହା ଯେକୌଣସି ଶାରୀରିକ କ୍ଳେଶ ତୁଳନାରେ ବହୁ ଅଧିକ କ୍ଷତିକାରକ ।

ବିଡ଼ମ୍ବନା ହେଲା, ଆମେ ଧର୍ମାନୁଷ୍ଠାନ ଏବଂ ଆଧ୍ୟାତ୍ମିକତା ଭିତରେ ପ୍ରାୟଶଃ ପାର୍ଥକ୍ୟ ପାଶୋରି ଦେଉଁ । ଆମେ ଗତାନୁଗତିକ ବିଭିନ୍ନ ଧର୍ମାନୁଷ୍ଠାନ କରିଥାଉଁ ହୁଏତ କର୍ତ୍ତବ୍ୟ ଭାବରେ (ଯଥା ଶ୍ରାଦ୍ଧ, ଦାନ ଇତ୍ୟାଦି) କିଂବା କୌଣସି ଆଶା, ଅଭିଳାଷର ପୂର୍ତ୍ତି ନିମନ୍ତେ ଅଥବା ଖାସ୍ ପରମ୍ପରା ବଜାୟ ରଖିବା ପାଇଁ । ଆଧ୍ୟାତ୍ମିକତା ସମ୍ପୂର୍ଣ୍ଣ ଭିନ୍ନ ଶୃଙ୍ଖଳା : ଏହା ଆମ ଚେତନାର ପ୍ରସାରଣ ଦିଗରେ ଏକ ଆହ୍ୱାନ, ଯେଉଁ ବିଶ୍ୱାସ ଆମ ଭିତରେ ପ୍ରଚ୍ଛନ୍ନ ରହିଥାଏ ତାକୁ ସଞ୍ଜୀବିତ କରି ଦିବ୍ୟଶକ୍ତି ସହିତ ବ୍ୟକ୍ତିଗତ ସମ୍ପର୍କ ସ୍ଥାପନ କରିବା, ସେ ଶକ୍ତି ପାଖରେ ନିଜକୁ ସମର୍ପଣ କରି ଜୀବନର ସମସ୍ତ ଅଭିଜ୍ଞତାକୁ ନିଜ ଚେତନାର କ୍ରମାଗତ ପ୍ରଗତି ଦିଗରେ ଆବଶ୍ୟକ ବୋଲି ଗ୍ରହଣ କରିବା ଭଳି ମହତ୍ ସଂକଳ୍ପ ଏହାର ଅଙ୍ଗ । ଏ ଦିଗରେ ଆଚାର ଅନୁଷ୍ଠାନର ଗୁରୁତ୍ୱ ଗୌଣ, ସେସବୁର ଭୂମିକା ଥିବା ସତ୍ତ୍ୱେ । ସମାଜର ଭବିଷ୍ୟତ୍ ଦୃଷ୍ଟିରୁ ସାମୂହିକ ଆଧ୍ୟାତ୍ମିକ ସଂଗଠନର ମୂଲ୍ୟ ଅବିସମ୍ବାଦିତ, କିନ୍ତୁ ସେସବୁର ସାଫଲ୍ୟର ମାତ୍ରା ଆପେକ୍ଷିକ; ସଂଗଠକମାନଙ୍କ ମନୋଭାବ ଉପରେ ତାହା ନିର୍ଭରଶୀଳ । ସେମାନେ ଯଦି ସେ କାର୍ଯ୍ୟକୁ ଆନ୍ତରିକତା ସହକାରେ ନିଜର ସାଧନା ଭାବରେ ଗ୍ରହଣ କରିଥିବେ, ତେବେ ସେମାନଙ୍କର ତଥା ସମାଜର ମଙ୍ଗଳ ଅବଧାରିତ ।

କିନ୍ତୁ ଯେଉଁ କଥାଟି ଆମେ ମନେରଖିବା ଜରୁରୀ, ତାହା ହେଲା, ଧର୍ମାନୁଷ୍ଠାନ ଏବଂ ଆଧ୍ୟାତ୍ମିକତା ଭିତରେ ପାର୍ଥକ୍ୟ ଯେତେ ବ୍ୟାପକ ହେଉ ନା କାହିଁକି, ଯେଉଁ ସତ୍ୟ ଉଭୟରେ ସମାନ; ତାହା ହେଲା ଆମ ଚେତନାର ଗୁଣଗତ ସ୍ତର । ଅଧ୍ୟାତ୍ମ କ୍ଷେତ୍ରରେ ''କାମ ହାସଲ''ଧର୍ମୀ ଚେତନା ଖାଲି ବ୍ୟକ୍ତି ପାଇଁ ନୁହେଁ, ସେ ସଂପୃକ୍ତ ଥିବା ପ୍ରତିଷ୍ଠାନ ନିମନ୍ତେ ଅନିଷ୍ଟକର ଏବଂ ପ୍ରଥମରୁହିଁ ଏକାନ୍ତ ବର୍ଜନୀୟ ।

— **ମନୋଜ ଦାସ** ❑


With confidence we shall advance; with certitude we shall wait.

*CWM-14, p. 82* - The Mother

**Collected Works of The Mother (PB) (Crown) – 17 Vols.**
**Rs. 2750 only** *(Till stocks last)*

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (+91 9489063512)

# ଶ୍ରୀତନୁ-ସ୍ମାରକ (Relics) ସମ୍ପର୍କରେ
# ଜରୁରୀ ଜ୍ଞାତବ୍ୟ ବିଷୟ

ଶ୍ରୀଅରବିନ୍ଦଙ୍କର ଶ୍ରୀତନୁ-ସ୍ମାରକର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ ଭାଷା ଦ୍ୱାରା ପ୍ରକାଶ ସମ୍ଭବପର ନୁହେଁ । ଏହା ସୁଗଭୀର ବିଶ୍ୱାସ, ଭକ୍ତି ତଥା ସାଧନା ଯୋଗେ ଉପଲବ୍ଧି-ସାପେକ୍ଷ ।

ଶ୍ରୀମାଙ୍କ ପ୍ରବର୍ତ୍ତିତ ବ୍ୟବସ୍ଥାନୁସାରେ ଶ୍ରୀତନୁ-ସ୍ମାରକ ଶ୍ରୀଅରବିନ୍ଦ ଆଶ୍ରମରେ ଶ୍ରୀଅରବିନ୍ଦଙ୍କ କକ୍ଷରୁହିଁ ପ୍ରଦାନ କରାଯାଏ । ଆଶ୍ରମ-ପ୍ରଦତ୍ତ ଏବଂ ବିଶେଷଭାବରେ ପ୍ରସ୍ତୁତ ଆଧାରକ୍ରମ ଭିତରେ ତାହା ସଂରକ୍ଷିତ ଥାଏ । ଏହାର ଗ୍ରହଣକାରୀ ପ୍ରତିଷ୍ଠାନ, ପ୍ରତିଷ୍ଠାସ୍ଥଳ, ଆଶ୍ରମରୁ ଗ୍ରହଣ କରୁଥିବା ଏବଂ ଏହାର ଦାୟିତ୍ୱରେ ରହୁଥିବା ବ୍ୟକ୍ତି ବା ବ୍ୟକ୍ତିବୃନ୍ଦ, ଏହାର ଯାତ୍ରାପଥ ଏବଂ ଯାହାଙ୍କ ଦ୍ୱାରା ଏହା ସଂସ୍ଥାପିତ ହେବ – ଏ ସମଗ୍ର ସୂଚୀ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ଦ୍ୱାରା ଅନୁମୋଦିତ ହେବା ଅପରିହାର୍ଯ୍ୟ ।

ଏକ ବିଶେଷ ଉଲ୍ଲେଖଯୋଗ୍ୟ କଥା ହେଲା, ଶ୍ରୀମା ସ୍ୱୟଂ କୌଣସି ବ୍ୟକ୍ତି-ବିଶେଷଙ୍କୁ କେବେ ମଧ୍ୟ ଶ୍ରୀତନୁ-ସ୍ମାରକ ପ୍ରଦାନ କରି ନଥିଲେ । ଶ୍ରୀତନୁ-ସ୍ମାରକ ହସ୍ତାନ୍ତର ବା ବିତରଣ କରିବା ନିମନ୍ତେ ମଧ୍ୟ ଶ୍ରୀମା କାହାକୁ ହେଲେ ଅଧିକାର ପ୍ରଦାନ କରି ନଥିଲେ । ଯଦି କେହି ବ୍ୟକ୍ତି କୌଣସି ସୂତ୍ରରୁ ପାଇଥିବା ଶ୍ରୀତନୁ-ସ୍ମାରକ ତାଙ୍କ ପାଖରେ ଥିବାର ଦାବି କରନ୍ତି, ତାହା ବ୍ୟକ୍ତିଗତଭାବେ ତାଙ୍କ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ବୁଝିବାକୁ ହେବ । ତାହାକୁ ସେ ଅନ୍ୟ କୌଣସି ବ୍ୟକ୍ତି ବା ସଂସ୍ଥାକୁ ହସ୍ତାନ୍ତର କରିବା ଅନଧିକାର କର୍ମ । ସେ ପ୍ରୟୋଜନବୋଧ କଲେ ତାହାକୁ ଆଶ୍ରମ ଟ୍ରଷ୍ଟକୁ ସମର୍ପଣ କରିପାରନ୍ତି ।

ଏହି ମହତ୍ତମ ଐଶ୍ୱର୍ଯ୍ୟର ଏବଂ ଏହାର ସଂସ୍ଥାପନ (Enshrinement) ଭଳି ଅନୁଷ୍ଠାନର ଗୁରୁତ୍ୱ ଏବଂ ଗାମ୍ଭୀର୍ଯ୍ୟ ଶ୍ରୀଅରବିନ୍ଦଙ୍କ ପ୍ରତି ଆନୁଗତ୍ୟ-ସମ୍ପନ୍ନ ପ୍ରତ୍ୟେକ ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତଭାବେ ଅନୁଭବ କରିବେ ବୋଲି ଆମେ ଆଶା କରିବା ସ୍ୱାଭାବିକ ।

ଏହି ବିଧାନ ଉଲ୍ଲଂଘନ କରି ଯଦି କୌଣସି ସ୍ଥାନରେ ଶ୍ରୀତନୁ-ସ୍ମାରକ ସଂସ୍ଥାପିତ ହୋଇଛି ବୋଲି ଘୋଷଣା କରାଯାଏ, ତାହା ସର୍ବନିମ୍ନ ଶୃଙ୍ଖଳା ଏବଂ ନୀତି-ବହିର୍ଭୂତ କର୍ମ । ଶ୍ରୀଅରବିନ୍ଦ ଆଶ୍ରମ ତା'ର ଯାଥାର୍ଥ୍ୟ ସ୍ୱୀକାର କରିବାକୁ ଅକ୍ଷମ ଏବଂ ସେଥିପାଇଁ ଆଶ୍ରମ କୌଣସି ଭାବରେ ଦାୟୀ ନୁହେଁ ।

**ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ**

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning*
*and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

## ଯେଉଁମାନେ ମନିଅର୍ଡ଼ର ପଠାଉଛନ୍ତି :

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟଶଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଇଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, 'The Offering Section' କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ 'The Magazine Section' ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା'ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନଭୁଲନ୍ତି । ଯଦି ପତ୍ରିକାର ପୁରୁଣା ଗ୍ରାହକ ହୋଇଥା'ନ୍ତି ନିଜର ନାମ ସହ ଗ୍ରାହକ ନମ୍ବର ଲେଖିବା ଆବଶ୍ୟକ ।

କୌଣସି କାରଣରୁ ଗ୍ରାହକମାନେ ନବପ୍ରକାଶ ପାଇ ନଥିଲେ ତା'ର ପରବର୍ତ୍ତୀ ମାସର ପହିଲାଠାରୁ ପାଞ୍ଚ ତାରିଖ ମଧ୍ୟରେ ସକାଳ ୮.୩୦ରୁ ୧୧.୩୦ ମଧ୍ୟରେ ନବଜ୍ୟୋତି କାର୍ଯ୍ୟାଳୟକୁ ୦୪୧୩-୨୨୩୩୬୩୩ ଏହି ଫୋନ୍ ଯୋଗେ ଗ୍ରାହକ ନମ୍ବର ସହ ଜଣାଇ ଦେଲେ, ଆମ ପାଖରେ ପତ୍ରିକାଟି ମହଜୁଦ ଥିଲେ ପଠାଇବାକୁ ପ୍ରଯତ୍ନ କରିବୁ ।

**– ନବଜ୍ୟୋତି କାର୍ଯ୍ୟାଳୟ**

| ପତ୍ରିକାର ନାମ | ଖଣ୍ଡ ପ୍ରତି ମୂଲ୍ୟ | ବାର୍ଷିକ ଦେୟ | ଆଜୀବନ ଦେୟ (୨୦ ବର୍ଷ ପାଇଁ) |
|---|---|---|---|
| ନବପ୍ରକାଶ | ୧୫ ଟଙ୍କା | ୧୫୦ ଟଙ୍କା | ୧୫୦୦ ଟଙ୍କା |
| ନବଜ୍ୟୋତି | ୨୦ ଟଙ୍କା | ୮୦ ଟଙ୍କା | ୮୦୦ ଟଙ୍କା |


At each moment of our life, in all circumstances the Grace is there helping us to surmount all difficulties.

*8 October 1954* – The Mother

*With best compliments from :*

**HARI ELECTRICAL WORKS**

Hariranjan Patnaik,

Megheswar Colony, 4500/2, Tankapani Road,

**BHUBANESWAR, ODISHA.**

**Vol. XLIX, No. 9** **R.N.I. No. 18163/70.**
Navaprakash (Monthly), September, 2018 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

## ବିଶେଷ ସୂଚନା

# ବେଦରହସ୍ୟ




ଶ୍ରୀଅରବିନ୍ଦଙ୍କ ରଚିତ 'The Secret of the Veda' (Part One) ପୁସ୍ତକର ଓଡ଼ିଆ ଅନୁବାଦ 'ବେଦରହସ୍ୟ' (ପ୍ରଥମ ଭାଗ) ପ୍ରକାଶ ପାଇଲା । ଶ୍ରୀଅରବିନ୍ଦଙ୍କ ଭାଷାରେ ''ଆମ ଆଧ୍ୟାତ୍ମିକ ଜ୍ଞାନର ଆଦି ଥିଲା ବେଦ; ତା'ର ଅନ୍ତରୂପେ ମଧ୍ୟ ରହିବ ବେଦ ।''

ଆଶାକରୁ ପୂର୍ଣ୍ଣଯୋଗରେ ଅନୁରାଗୀ ଜିଜ୍ଞାସୁ ପାଠକମାନେ ବେଦ ଆଧାରିତ ଏହି ଉପାଦେୟ ପୁସ୍ତକଟି ଅଧ୍ୟୟନ କରି ଉପକୃତ ହେବେ ।

୩୦୫ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : **ଟ. ୧୬୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.
Editor : Madhusudan Mishra
ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦
**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**